POSTAL REGISTRATION NO.- PURI/45/2025-27

RNI REGISTRATION NO.- ODIBIL/2021/81452



# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA



Visit our website: sssoochanaenewspaper.in

/shreeshrikshetrasoochana /ssoochana +91 94370 58632

VOLL : 5 | ISSUE : I | JANUARY : 2026 | PURI | PAGE : 8 | RS.10

ପଞ୍ଚମ ବର୍ଷ | ପ୍ରଥମ ସଂଖ୍ୟା | ଜାନୁଆରୀ ୨୦୨୬ | ପୁରୀ | ପୃଷ୍ଠା : ୮ | ମୂଲ୍ୟ:ଟ୧୦.୦୦

OUR HON'BLE PANELLISTS



SHRI BRAJA KISHORE TRIPATHY — Veteran Politician-cum Former Union Minister of steel
SMT. SOFIA FIRDOUS — Hon'ble MLA Barabati Cuttack
SHRI SAROJ KU. SAMAL — Former Director, Information & Public Relations, Government of Odisha
PROF. DR. HARCKRISHNA SATPATHY — Former Vice Chancellor, National Sanskrit University, Tirupati
PROF. DR. MRINAL KU. CHATTERJEE — Sr. Media Academician and Author
SHRI BIBHU PRASAD TRIPATHY

01ST MARCH 2026 (SUNDAY)

04 SOOCHANA CONCLAVE 2026

NATIONAL SEMINAR ON

"PUBLIC INTEREST OR POLITICAL INTEREST? REDEFINING MEDIA INDEPENDENCE IN INDIA"

ଜନ ହିତ କିମ୍ବା ରାଜନୈତିକ ହିତ ପାଇଁ ?
ଭାରତୀୟ ଗଣମାଧ୍ୟମ ସାଧୀନତାର ପୁନଃ ବ୍ୟାଖ୍ୟା

OUR HON'BLE GUESTS



SHRI PRITHIVIRAJ HARICHANDAN
SHRI SURYABANSHI SURAJ
DR. SAMBIT PATRA
SHRI SUBHASHISH KHUNTIA
SHRI SOUMYA RANJAN PATNAIK
SHRI JAYANTA SARANGI
SHRI SAJJAN SHARMA

PURI CLUB, VIP ROAD, PURI, 09:30 AM

## ସଂପାଦକୀୟ

### ୭୭ତମ ଗଣତନ୍ତ୍ର ଦିବସ: ଅତୀତକୁ ପ୍ରତିଫଳିତ କରି, ଏକ ଆତ୍ମନିର୍ଭରଶୀଳ ଭାରତର ଭବିଷ୍ୟତ ନିର୍ମାଣ



ଗଣତନ୍ତ୍ର ଦିବସ ଭାରତର ଜାତୀୟ ଜୀବନରେ କେବଳ ଏକ ଆନୁଷ୍ଠାନିକ ଉତ୍ସବ ନୁହେଁ, ଏହା ଏକ ଆତ୍ମସମୀକ୍ଷାର ଦିନ। ପ୍ରତିବର୍ଷ ୨୬ ଜାନୁଆରୀରେ ଦେଶ ତାହାର ସଂବିଧାନୀୟ ଯାତ୍ରାକୁ ସ୍ମରଣ କରେ, ନିଜ ସଫଳତା ଓ ବିଫଳତାକୁ ପୁନଃମୂଲ୍ୟାଙ୍କନ କରେ, ଏବଂ ଆଗାମୀ ଦିନ ପାଇଁ ନୂତନ ସଙ୍କଳ୍ପ ନେଇଥାଏ। ୭୭ତମ ଗଣତନ୍ତ୍ର ଦିବସ ଏହି ଅର୍ଥରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ- କାରଣ ଏହା ଆମକୁ ଅତୀତର ଆଲୋକରେ ଭବିଷ୍ୟତକୁ ଦେଖିବାର ସୁଯୋଗ ଦେଉଛି।

ଭାରତ ଆଜି ଏକ ସଂକ୍ରାନ୍ତିକାଳ ମଧ୍ୟରେ ଅଛି। ଆର୍ଥିକ, ସାମାଜିକ, ରାଜନୈତିକ ଓ ପ୍ରଯୁକ୍ତିକ ମାନଚିତ୍ରରେ ଦେଶ ଦ୍ରୁତ ଗତିରେ ଆଗକୁ ବଢ଼ୁଛି। ସେହି ସହିତ ଅସମତା, ବେକାରି, ସାମାଜିକ ଟଣାପୋଡ଼, ପରିବେଶ ସଙ୍କଟ ଓ ଲୋକତନ୍ତ୍ରୀୟ ମୂଲ୍ୟବୋଧର ସୁରକ୍ଷା ଭଳି ଚ୍ୟାଲେଞ୍ଜ ମଧ୍ୟ ସମ୍ମୁଖୀନ। ଏହି ପରିପ୍ରେକ୍ଷିତରେ ୭୭ତମ ଗଣତନ୍ତ୍ର ଦିବସ ଆମକୁ ପ୍ରଶ୍ନ କରିବାକୁ ବାଧ୍ୟ କରେ-ଆମେ କେଉଁଠି ଥିଲୁ, କେଉଁଠି ପହଞ୍ଚିଛୁ ଓ କେଉଁ ଦିଗକୁ ଯାଉଛୁ?

**ସମ୍ବିଧାନ ଭାରତୀୟ ଗଣତନ୍ତ୍ରର ଆତ୍ମା :** ୨୬ ଜାନୁଆରୀ ୧୯୫୦ ଦିନ ଭାରତ ନିଜକୁ କେବଳ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ନୁହେଁ, ଏକ ସଂବିଧାନସମ୍ମତ ଗଣତନ୍ତ୍ର ଭାବେ ପୁନଃପରିଭାଷିତ କରିଥିଲା। ଡ଼. ବି.ଆର. ଆମ୍ବେଦକରଙ୍କ ନେତୃତ୍ୱରେ ରଚିତ ଭାରତୀୟ ସମ୍ବିଧାନ ବିଶ୍ୱର ସର୍ବବୃହତ ଲିଖିତ ସମ୍ବିଧାନ। କିନ୍ତୁ ଏହାର ମହତ୍ତ୍ୱ ତାହାର ପରିମାଣରେ ନୁହେଁ, ବରଂ ତାହାର ଦର୍ଶନରେ ଅଛି।

ସମ୍ବିଧାନ ଭାରତକୁ ସମାନତା, ସ୍ୱାଧୀନତା, ନ୍ୟାୟ ଓ ଭାଇଚାରାର ମୂଲ୍ୟବୋଧ ଉପରେ ଭିତ୍ତି କରି ଗଢ଼ିବାର ଆଦର୍ଶ ଦେଇଛି। ମୌଳିକ ଅଧିକାର ନାଗରିକଙ୍କୁ ରାଜ୍ୟର ଅନାବଶ୍ୟକ ହସ୍ତକ୍ଷେପରୁ ସୁରକ୍ଷା ଦେଇଥାଏ, ଯେତେବେଳେ ନୀତିନିର୍ଦ୍ଦେଶକ ସିଦ୍ଧାନ୍ତ ରାଜ୍ୟକୁ ସାମାଜିକ ନ୍ୟାୟ ଓ କଲ୍ୟାଣର ପଥରେ ଆଗକୁ ନେବାର ଦିଗନିର୍ଦ୍ଦେଶ ଦେଇଥାଏ। ମୌଳିକ କର୍ତ୍ତବ୍ୟ ନାଗରିକଙ୍କୁ ସ୍ମରଣ କରାଏ ଯେ, ଅଧିକାର ସହ କର୍ତ୍ତବ୍ୟ ଅବିଚ୍ଛିନ୍ନ।

**ସ୍ୱାଧୀନତା ସଂଗ୍ରାମର ଶିକ୍ଷା :** ଭାରତୀୟ ଗଣତନ୍ତ୍ର ରକ୍ତହୀନ ଭାବେ ଆସିନଥିଲା। ଏହାର ପଛରେ ଅଛି ଦୀର୍ଘ ସଂଘର୍ଷ, ଅସଂଖ୍ୟ ବଳିଦାନ ଓ ଅଟୁଟ ଆସ୍ଥା। ମହାତ୍ମା ଗାନ୍ଧୀଙ୍କ ଅହିଂସା ଓ ସତ୍ୟାଗ୍ରହ ଭାରତକୁ ଏକ ନୈତିକ ଶକ୍ତି ଦେଇଥିଲା। ଜବାହରଲାଲ ନେହେରୁ ଭାରତକୁ ଆଧୁନିକତା, ବିଜ୍ଞାନ ଓ ଗଣତନ୍ତ୍ରୀୟ ସଂସ୍ଥାଗତ ବିକାଶର ପଥରେ ଆଗେଇ ନେଇଥିଲେ। ସୁଭାଷଚନ୍ଦ୍ର ବୋସ ଭାରତୀୟ ଜାତୀୟତାବାଦକୁ ଏକ ନୂତନ ଉତ୍ସାହ ଦେଇଥିଲେ। ଭଗତ ସିଂହଙ୍କ ବଳିଦାନ ଯୁବପିଢ଼ୀକୁ ସଚେତନ କରିଥିଲା।

ଏହି ସମସ୍ତ ସଂଘର୍ଷର ମୂଳ ଶିକ୍ଷା ହେଉଛି-ସ୍ୱାଧୀନତା କେବଳ ଏକ ରାଜନୈତିକ ଅବସ୍ଥା ନୁହେଁ, ଏହା ଏକ ଦାୟିତ୍ୱ।

**ଗଣତନ୍ତ୍ରର ଚାଲେଞ୍ଜ ଓ ସଫଳତା :** ୭୭ ବର୍ଷର ଗଣତନ୍ତ୍ରୀୟ ଯାତ୍ରାରେ ଭାରତ ଅନେକ ସଫଳତା ଅର୍ଜନ କରିଛି। ନିୟମିତ ନିର୍ବାଚନ, ସତ୍ତା ପରିବର୍ତ୍ତନ, ସ୍ୱାଧୀନ ନ୍ୟାୟପାଳିକା, ସକ୍ରିୟ ସିଭିଲ ସୋସାଇଟି-ଏହା ପୃଷ୍ଠା ➥ ୬

*ରାଜେଶ କୁମାର ମହାନ୍ତି*

# କେନ୍ଦ୍ର ବଜେଟ୍ ୨୦୨୬-୨୭

# ୫୪ ଲକ୍ଷ କୋଟିର ବଜେଟ୍



ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ଶୁଳ୍କ, ଅସ୍ଥିର ସୁନା-ରୁପା ମୂଲ୍ୟ, ମୁଦ୍ରା ଓ ଷ୍ଟକ୍ ବଜାରକୁ ନେଇ ଲାଗି ରହିଥିବା ଅସ୍ଥିରତା ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏକ ସଂସ୍କାରଧର୍ମୀ ବଜେଟ ଉପସ୍ଥାପନ କରିଛନ୍ତି। ଚିରାଚରିତ ଭାବେ ଲୋକଙ୍କୁ ଖୁସି କରିବା ପାଇଁ ଲୋଭନୀୟ ଘୋଷଣା କରିବା ପରିବର୍ତ୍ତେ ଅର୍ଥନୀତିକୁ ବଳ ଦେବା ଲାଗି ବଜେଟ ୨୦୨୬-୨୭ରେ ପ୍ରୟାସ କରାଯାଇଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ମୂଳଦୁଆ ପଡ଼ିଛି। ଆର୍ଥିକ ସଂସ୍କାରକୁ ଆଗକୁ ବଢ଼ାଇବା, ପ୍ରତିଟି ନାଗରିକଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ କରିବା ଏବଂ ବିକଶିତ ଭାରତ ଗଠନର ସଂକଳ୍ପ ନେଇ ୫୩,୪୭,୩୧୫ କୋଟି ଟଙ୍କାର ବଜେଟ ଉପସ୍ଥାପନ କରାଯାଇଛି।

ପ୍ରଥମ ଥର ପାଇଁ କର୍ତ୍ତବ୍ୟ ଭବନରେ ପ୍ରସ୍ତୁତ ହୋଇଥିବା ବଜେଟରେ ଅଭିବୃଦ୍ଧି, ଢାଞ୍ଚାଗତ ସଂସ୍କାର ଓ ଆର୍ଥିକ ସ୍ଥିରତା ମଧ୍ୟରେ ସନ୍ତୁଳନ ରକ୍ଷା କରାଯାଇଛି। ଟିକସ ରିହାତି ସହିତ ଅନ୍ୟାନ୍ୟ ମାଗଣା ଯୋଜନା ଘୋଷଣା ଭଳି ସ୍ୱଳ୍ପକାଳୀନ ଆଶ୍ୱସ୍ତି ଦେବା ପରିବର୍ତ୍ତେ ବଜେଟରେ ଦୀର୍ଘକାଳୀନ ଲାଭକୁ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ଥର ପାଇଁ ନିର୍ମଳାଙ୍କ ଏହି ବଜେଟରେ ନିର୍ଦ୍ଦିଷ୍ଟ ଭାବେ ହାତଗଣତି କିଛି ରାଜ୍ୟକୁ ଖୁସି କରିବାକୁ ଉଦ୍ୟମ କରାଯାଇନାହିଁ, ବରଂ ସରକାର ତିନିଟି ଉଚ୍ଚାଭିଳାଷୀ ଲକ୍ଷ୍ୟ ହାସଲ କରିବାକୁ ପ୍ରୟାସ କରିଛନ୍ତି। ତାହା ହେଉଛି ଅର୍ଥନୀତି, ସାମାଜିକ ଭିତ୍ତି ଓ ବିକାଶ ପଥକୁ ସୁଦୃଢ଼ କରିବା। ବଜେଟରେ ଏମ୍ଏସ୍ଏମ୍ଇ, କୃଷି, ଦକ୍ଷତା ବିକାଶ ଓ ପ୍ରଯୁକ୍ତି ଆଧାରିତ ନବସୃଜନକୁ ଗୁରୁତ୍ୱ ଦିଆଯାଇଛି। ଭିତ୍ତିଭୂମିରେ ନିବେଶ ପରିମାଣ ୧୨.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ରେଳପଥ, ଜାତୀୟ ରାଜପଥ ଓ ଜାତୀୟ ଜଳମାର୍ଗ ବିକାଶ ଉପରେ ଧ୍ୟାନ ଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ ହେଉଛି, ବଜେଟରେ କଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟରେ ସନ୍ତୁଳନ ରକ୍ଷା କରାଯାଇଛି। ସେହିପରି ଭାରତକୁ ଚୀନ, ପାକିସ୍ତାନ ଓ ବାଂଲାଦେଶ ଆଡୁ ବିପଦ ଥିବାରୁ ପ୍ରତିରକ୍ଷା ବଜେଟକୁ ରେକର୍ଡ ୭ ଲକ୍ଷ ୮୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଚାଷୀଙ୍କ ପାଇଁ କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ/ଏଆଇ) ବ୍ୟବହାର, ମହିଳାମାନଙ୍କ ଲାଗି ସ୍ୱତନ୍ତ୍ର ଉଦ୍ୟମିତା ଯୋଜନା ଘୋଷଣା କରାଯାଇଛି। ଯୁବବର୍ଗଙ୍କୁ ନିଯୁକ୍ତିକ୍ଷମ କରିବା ଉପରେ ଧ୍ୟାନ ଦିଆଯାଇଛି। ବୟସ୍କ ବ୍ୟକ୍ତି ଓ ଯତ୍ନ ଆବଶ୍ୟକ କରୁଥିବା ଜନସଂଖ୍ୟାର ଆବଶ୍ୟକତା ପୂରଣ କରିବାକୁ ମଧ୍ୟ ବଜେଟରେ ଘୋଷଣା କରାଯାଇଛି। ସମଗ୍ର ବିଶ୍ୱରେ ରେୟାର ଆର୍ଥ ସଙ୍କଟ ଦେଖାଦେଇଥିବା ପରିପ୍ରେକ୍ଷୀରେ ଭାରତ ସରକାର ବଜେଟରେ ସେଥିପାଇଁ ସ୍ୱତନ୍ତ୍ର ଘୋଷଣା କରି ନିଜ ଭବିଷ୍ୟତର କାର୍ଯ୍ୟପନ୍ଥା ସ୍ପଷ୍ଟ କରିଛନ୍ତି। ବଜେଟରେ ପ୍ରତିରକ୍ଷା କ୍ଷେତ୍ରକୁ ୭.୮୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗତ ବଜେଟ ତୁଳନାରେ ଏହା ପ୍ରାୟ ୧.୦୪ ଲକ୍ଷ କୋଟି ଅଧିକ। ସେହିଭଳି ଅର୍ଥନୀତିକୁ ବଳ ଦେବା ପାଇଁ ଅର୍ଥମନ୍ତ୍ରୀ ପୁଞ୍ଜିବ୍ୟୟ ୧୨.୨ ଲକ୍ଷ କୋଟି ଟଙ୍କାକୁ ବଢ଼ାଇଛନ୍ତି। ଭିତ୍ତିଭୂମି ବିକାଶ ପାଇଁ ୭ଟି ହାଇସ୍ପିଡ୍ ରେଳ କରିଡର ଘୋଷଣା କରାଯାଇଛି। ଦେଶରେ ୩ଟି ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ଖୋଲିବା ନେଇ ବଜେଟରେ ପ୍ରସ୍ତାବ ରହିଛି। ୧୦ ହଜାର କୋଟିର ବାୟୋଶକ୍ତି ଯୋଜନା ଘୋଷଣା କରାଯାଇଛି। ଏଥିସହିତ ୪୦ ହଜାର କୋଟିର ଇଣ୍ଡିଆ ସେମିକଣ୍ଡକ୍ଟର ମିସନ୍, ୨୦ ଜାତୀୟ ଜଳମାର୍ଗ ବିକାଶ, ୪ ରାଜ୍ୟରେ ବିରଳ ମୃତ୍ତିକା କରିଡର, ୩ଟି ରାଜ୍ୟରେ କଇଁଛ କରିଡର (ଟର୍ଟଲ୍ ଟ୍ରେଲ୍) ଆଦି ଘୋଷଣା କରାଯାଇଛି। କର୍ତ୍ତବ୍ୟ ଭବନରେ ପ୍ରଥମ ଥର ପାଇଁ ବଜେଟ ପ୍ରସ୍ତୁତ ହୋଇଛି। ଏଥିସହିତ ୩ଟି କର୍ତ୍ତବ୍ୟ ଦ୍ୱାରା ବଜେଟ ଅନୁପ୍ରାଣିତ ହୋଇଛି। ପ୍ରଥମ କର୍ତ୍ତବ୍ୟ ହେଲା ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଉତ୍ପାଦକତା ଓ ପ୍ରତିଯୋଗିତା କ୍ଷମତା ବଢ଼ାଇବା। ଦ୍ୱିତୀୟ କର୍ତ୍ତବ୍ୟ ହେଲା ଲୋକଙ୍କ ଆକାଂକ୍ଷା ପୂରଣ ଓ ସେମାନଙ୍କ ଦକ୍ଷତା ବଢ଼ାଇବା। ତୃତୀୟ କର୍ତ୍ତବ୍ୟ ହେଲା ସବୁ ଲୋକ, ଅଞ୍ଚଳ ଏବଂ କ୍ଷେତ୍ରକୁ ସୁବିଧାସୁଯୋଗ ପହଞ୍ଚାଇବା।

### ଓଡ଼ିଶାରେ ରେଳ ଭିତ୍ତିଭୂମି ପାଇଁ ୧୦,୯୨୮ କୋଟି ଟଙ୍କା

ଓଡ଼ିଶାରେ ଡବଲ ଇଂଜନ ସରକାର ଚାଲିଛି। ଆଗାମୀ ୫ବର୍ଷରେ ୧ ଲକ୍ଷ କୋଟି ଟଙ୍କାର ରେଳ ପ୍ରକଳ୍ପ କରାଯିବ ବୋଲି ରାଜ୍ୟବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ସେହି ଆଧାରରେ କାମ କରାଯାଉଛି। ରାଜ୍ୟରେ ଏପର୍ଯ୍ୟନ୍ତ ୯୦ କୋଟି ଟଙ୍କାର ପ୍ରକଳ୍ପ କାମ ଚାଲିଛି। ଆଉ ୧୦ କୋଟି ଟଙ୍କା କଲେ ଆମର ମିସନ ପୂରା ହେବ। ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଏହା କହିଛନ୍ତି। ରେଳମନ୍ତ୍ରୀ କହିଛନ୍ତି, ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ରାଜ୍ୟରେ ବିକାଶ କାମ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ବିକାଶ ଉପରେ ନଜର ରଖିଛନ୍ତି। ଓଡ଼ିଶାରେ ରେଳ ଭିତ୍ତିଭୂମି ପାଇଁ ବଜେଟ୍-୨୦୨୬ରେ ୧୦,୯୨୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ୬ଟି ବନ୍ଦେ ଭାରତ ଏବଂ ୬ଟି ଅମୃତ ଭାରତ ଏକ୍ସପ୍ରେସ୍ ଚାଲିଛି।

### ବଜେଟ୍ ମୁଖ୍ୟାଂଶ

- ଆୟକର ହାର ଅପରିବର୍ତ୍ତିତ
- ୧୦ ହଜାର କୋଟିର 'ବାୟୋଫାର୍ମା ଶକ୍ତି'
- ୭ଟି 'ହାଇସ୍ପିଡ୍ ରେଳ କରିଡର୍'
- ହସ୍ତତନ୍ତ ପାଇଁ 'ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ'
- ୨୦ଟି ଜାତୀୟ ଜଳପଥର ବିକାଶ
- ୫ଟି ବିଶ୍ୱବିଦ୍ୟାଳୟ ଟାଉନ୍‌ସିପ୍ ପ୍ରତିଷ୍ଠା
- ଏସ୍ଏମ୍ଇ ପାଇଁ ୧୦,୦୦୦ କୋଟି
- ପୂର୍ବ-ପଶ୍ଚିମ ଉତ୍ସର୍ଗୀକୃତ କରିଡର୍
- ନୂଆ ଆୟୁର୍ବେଦିକ ପ୍ରତିଷ୍ଠାନ
- ଏପ୍ରିଲରୁ ନୂଆ ଆୟକର ଆଇନ
- ମେଗା ଟେକ୍ସଟାଇଲ୍ ପାର୍କ ପାଇଁ ଯୋଜନା
- ୫ଟି ମେଡିକାଲ ଟୁରିଜମ୍ ହବ୍ ସ୍ଥାପନ

### ଶସ୍ତା

- ୧୭ଟି କ୍ୟାନ୍‌ସର ଔଷଧ
- ଚମଡ଼ା ସାମଗ୍ରୀ
- ସାମୁଦ୍ରିକ ଖାଦ୍ୟ ଉତ୍ପାଦ
- ବିଦେଶ ଗସ୍ତ
- ଇଭି ବ୍ୟାଟେରି
- ସୋଲାର ପ୍ୟାନେଲ୍
- ବାୟୋଗ୍ୟାସ୍ ମିଶ୍ରିତ ସିଏନ୍‌ଜି
- ବିଦେଶରେ ଶିକ୍ଷା
- ବୟନ ପୋଷାକ

### ମହଙ୍ଗା

- ସାର
- ଆମଦାନିକୃତ ମଦ
- ଆଣବିକ ଶକ୍ତି ପ୍ରକଳ୍ପ ଉପକରଣ
- ଖଣିଜ, ଲୁହାପଥର, କୋଇଲା

## ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ: ମୋହନ

ଭୁବନେଶ୍ୱର: କେନ୍ଦ୍ର ବଜେଟ୍‌କୁ ଐତିହାସିକ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ବଜେଟ୍‌ରେ ସମାଜର ସବୁ ବର୍ଗର ଲୋକଙ୍କ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ଯୁବ ଶକ୍ତିର ବିକାଶ ଉପରେ ସ୍ୱତନ୍ତ୍ର ଫୋକସ୍ ରହିଛି। ସ୍ପଷ୍ଟ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯାଇଛି।

ସୋନପୁର ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀରେ ବଜେଟ୍ ଉପରେ ନିଜର ପ୍ରତିକ୍ରିୟା ରଖିଥିଲେ। ସେ କହିଥିଲେ, ଦେଶର ଆର୍ଥିକ ଅଭିବୃଦ୍ଧିକୁ ଜାରି ରଖିବା ପାଇଁ ମୋଦୀ ସରକାର ବର୍ତ୍ତମାନ ସୁଦ୍ଧା ୩୫୦ଟି ଢାଞ୍ଚାଗତ ସଂସ୍କାର ଆଣିଛନ୍ତି। ଏହାଦ୍ୱାରା ଆତ୍ମନିର୍ଭର ଭାରତ, ବିକଶିତ ଭାରତ ଗଠନ ଦିଗରେ ଆମର ଯେଉଁ ଲକ୍ଷ୍ୟ ରହିଛି, ତାହା ତ୍ୱରାନ୍ୱିତ ହୋଇଛି।

ଓଡ଼ିଶା ସମ୍ପର୍କରେ ଶ୍ରୀ ମାଝୀ କହିଥିଲେ, ବିରଳ ଖଣିଜ ପଦାର୍ଥ ନିମନ୍ତେ ଖଣି, ପ୍ରକ୍ରିୟାକରଣ, ଗବେଷଣା ଓ ଉତ୍ପାଦନ କ୍ଷମତା ନିର୍ମାଣ ପାଇଁ କେନ୍ଦ୍ର ସରକାର ଏକ ଉତ୍ସର୍ଗୀକୃତ ରେୟାର-ଆର୍ଥ ପୃଷ୍ଠା ➥ ୬

## ଐତିହାସିକ ବଜେଟ୍: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରବିବାର ସଂସଦରେ ଉପସ୍ଥାପନ କରିଥିବା ୨୦୨୬-୨୦୨୭ ବଜେଟ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଐତିହାସିକ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ, ଆଜିର



ଭାରତ ରିଫର୍ମ ଏକ୍ସପ୍ରେସ୍‌ରେ ଯାଉଛି। ବଜେଟ୍ ଏହାକୁ ନୂତନ ଶକ୍ତି ଓ ନୂତନ ଗତି ଦେବ। ଏହାଦ୍ୱାରା ଆତ୍ମନିର୍ଭର ହେବା ପାଇଁ ଭାରତର ଲକ୍ଷ୍ୟ ହାସଲ ହୋଇପାରିବ। ସେ କହିଛନ୍ତି ଯେ, ଏହି ବଜେଟ୍‌ରୁ ଏମ୍ଏସ୍ଏମ୍ଇଗୁଡିକ ବହୁତ ସମର୍ଥନ ପାଇଛନ୍ତି। ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏହା ଦେଶର ନାରୀଶକ୍ତିକୁ ପ୍ରତିଫଳିତ କରୁଛି ଏବଂ ଏହି ବଜେଟ୍ ଅପାର ସୁଯୋଗର ରାଜପଥ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବଜେଟ୍ ଉପସ୍ଥାପନା ପରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଯେଉଁ ଯୁଗାନ୍ତକାରୀ ସଂସ୍କାର କରାଯାଇଛି ତାହା ଭାରତର ଦୁଃସାହସିକ ଓ ପ୍ରତିଭାଶାଳୀ ଯୁବକମାନଙ୍କ ଉଡ଼ାଣ ପାଇଁ ଆକାଶକୁ ଖୋଲିଦେଇଛି। ଏହି ବଜେଟ୍ ଭାରତର ବୈଶ୍ୱିକ ଭୂମିକାକୁ ଆହୁରି ମଜବୁତ କରିବ। ଭାରତର ୧.୪ ବିଲିୟନ ନାଗରିକ କେବଳ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ସନ୍ତୁଷ୍ଟ ନୁହନ୍ତି। ଆମେ ଯଥାଶୀଘ୍ର ସମ୍ଭବ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଚାହୁଁଛୁ। ଏହା ହେଉଛି କୋଟି କୋଟି ଦେଶବାସୀଙ୍କର ସଂକଳ୍ପ।

## ଓଡ଼ିଶାରେ ମହାମହୀମ ରାଷ୍ଟ୍ରପତି



ଭୁବନେଶ୍ୱର: ସୋମବାରଠାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସନ୍ଧ୍ୟା ୬ଟା ୩୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ଲୋକଭବନ ଯାଇ ରାତ୍ରିଯାପନ କରିବେ। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୩ ତାରିଖ ସକାଳେ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ବାୟୁସେନା ହେଲିକପ୍ଟର ଯୋଗେ ଯାଜପୁର ନୂଆ ପ୍ରଶାସନିକ ଭବନ ଗ୍ରାଉଣ୍ଡ ହେଲିପ୍ୟାଡ୍‌ରେ ଅବତରଣ କରିବେ। ସେଠାରୁ ମା' ବିରଜାଙ୍କ ଦର୍ଶନ ପାଇଁ ଯିବେ। ପ୍ରାୟ ଦେଢ଼ ଘଣ୍ଟା ଧରି ମନ୍ଦିରରେ ପୂଜାର୍ଚ୍ଚନା କରିବେ। ସେଠାରୁ ବାଲେଶ୍ୱର ଯାଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। କାର୍ଯ୍ୟକ୍ରମ ଶେଷ ପରେ ଅପରାହ୍ଣ ପ୍ରାୟ ୩ଟା ୫୦ରେ ପୁରୀ ଅଭିମୁଖେ ବାହାରିବେ। ସନ୍ଧ୍ୟାରେ ପୁରୀରେ ପହଞ୍ଚି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଳତି ଦର୍ଶନ ସହ ପିଣ୍ଡଦାନ କରିବେ। ପୁରୀ ଲୋକଭବନରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି।ଫେବ୍ରୁଆରି ୪ ତାରିଖ ସକାଳ ୯ଟାରେ ପୁରୀ ହେଲିପ୍ୟାଡ୍‌ରୁ ବାହାରି ପୂର୍ବାହ୍ଣ ୧୦ଟା ୪୦ରେ ମୟୂରଭଞ୍ଜଜିଲ୍ଲା ରାଇରଙ୍ଗପୁର ହେଲିପ୍ୟାଡ୍‌ରେ ପହଞ୍ଚିବା ପରେ ମହୁଲଡିହାସ୍ଥିତ ହଲିଡେ ହୋମ୍‌ର ଉଦ୍‌ଘାଟନ କରିବେ। ରାଇରାଙ୍ଗପୁର ମହୁଲଡିହାସ୍ଥିତ ସରକାରୀ ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଭଞ୍ଜବୀର ସୁନାରାମ ସୋରେନ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ। ସେଠାରେ କ୍ରୀଡ଼ା କମ୍ପ୍ଲେକ୍ସ ଲୋକାର୍ପଣ ସହ ଭର୍ଚୁଆଲ୍ ମାଧ୍ୟମରେ ରାଜ୍ୟର ଭିନ୍ନ ପ୍ରକଳ୍ପର ପୃଷ୍ଠା ➥ ୬

# ଓଡ଼ିଶାକୁ ୧.୨୦ ଲକ୍ଷ କୋଟି

ଭୁବନେଶ୍ୱର, ୧/୨(ଇମିସ): ୨୦୨୬-୨୭ କେନ୍ଦ୍ର ବଜେଟ ଆଜି ଘୋଷଣା ହେବା ପରେ ଓଡ଼ିଶାକୁ କେତେ ମିଳିବ ସେ ନେଇ ଅଙ୍କକଷା ଆରମ୍ଭ ହୋଇଛି। ଅର୍ଥ ଆୟୋଗ ସୁପାରିସ, କେନ୍ଦ୍ରୀୟ ଅନୁଦାନ ଓ ସ୍ୱତନ୍ତ୍ର ଯୋଜନା ବାବଦରେ ଚଳିତ ବଜେଟରୁ ଓଡ଼ିଶାକୁ ପ୍ରାୟ ୧.୨୦ ଲକ୍ଷ କୋଟି ଟଙ୍କା ମିଳିବ ବୋଲି ଆଶା କରାଯାଉଛି।

ନିର୍ମଳା ଆଜି ତାଙ୍କ ବଜେଟରେ ଷୋଡ଼ଶ ଅର୍ଥ ଆୟୋଗ ସୁପାରିସ ଆଧାରରେ ରାଜ୍ୟଗୁଡ଼ିକୁ କେନ୍ଦ୍ରୀୟ ଟିକସ ଓ ଶୁଳ୍କରୁ ୪୧ ପ୍ରତିଶତ ଅର୍ଥ ଆବଣ୍ଟନ କରାଯିବ ବୋଲି ଘୋଷଣା କରିଛନ୍ତି। ୨୦୨୬-୨୭ରେ ଏ ବାବଦରେ ଓଡ଼ିଶାକୁ ୬୭,୪୬୦.୪୬ କୋଟି ଟଙ୍କା ମିଳିବ ବୋଲି ବଜେଟରେ ଦର୍ଶାଯାଇଛି। ୨୦୨୫-୨୬ ତୁଳନାରେ ଏହା ୩୦୫୨ କୋଟି ଟଙ୍କା ଅଧିକ। ଆସନ୍ତା ଆର୍ଥିକବର୍ଷ ପାଇଁ ମୋଟ ୬୭,୪୬୦.୪୬ କୋଟିର ଟିକସ ଓ ଶୁଳ୍କରୁ ରାଜ୍ୟକୁ ଆୟକର ବାବଦରେ ସର୍ବାଧିକ ୨୪,୦୦୭.୩୭ କୋଟି ଟଙ୍କା ଦିଆଯାଇଛି। ଏଥିସହିତ କମ୍ପାନି ଟିକସରୁ ୧୯,୮୦୩.୧୫ କୋଟି, ଜିଏସ୍‌ଟିରୁ ୧୮,୪୫୦ କୋଟି, ସୀମା ଶୁଳ୍କରୁ ୩୫୯୯.୨୨ କୋଟି, କେନ୍ଦ୍ରୀୟ ଉତ୍ପାଦ ଶୁଳ୍କରୁ ୧୫୩୩.୨୭ କୋଟି, ଅନ୍ୟାନ୍ୟ ଟିକସ ଓ ଶୁଳ୍କରୁ ୬୭.୦୫ କୋଟି ଟଙ୍କା ମିଳିବ। ୨୮ଟି ରାଜ୍ୟକୁ ପ୍ରଦାନ କରାଯାଇଥିବା ଅର୍ଥ ମଧ୍ୟରୁ ଓଡ଼ିଶାକୁ ବଜେଟରେ ୪.୪୨୦ ପ୍ରତିଶତ ମିଳିଛି। ଗତ ବଜେଟରେ ଏ ବାବଦରେ ଓଡ଼ିଶାକୁ ୪.୫୨୮ ପ୍ରତିଶତ ଅର୍ଥ ମିଳିଥିଲା। ଅନେକ ରାଜ୍ୟ ୫୦ ପ୍ରତିଶତ କେନ୍ଦ୍ରୀୟ ଶୁଳ୍କ ଓ ଟିକସ ପାଇବା ପାଇଁ ଅର୍ଥ ଆୟୋଗ ନିକଟରେ ଦାବି ରଖିଥିଲେ ମଧ୍ୟ ଆୟୋଗ ତାହା ଶୁଣି ନାହାନ୍ତି। ପୂର୍ବଭଳି ରାଜ୍ୟଗୁଡ଼ିକୁ ୪୧ ପ୍ରତିଶତ ଅର୍ଥ ହସ୍ତାନ୍ତର ପାଇଁ ସୁପାରିସ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୫-୨୬ ବଜେଟରେ ଓଡ଼ିଶାକୁ କେନ୍ଦ୍ରୀୟ ଟିକସ ବାବଦରେ ମିଳିଥିବା ୬୪,୪୦୮.୨୭ କୋଟି ବ୍ୟତୀତ କେନ୍ଦ୍ରୀୟ ଅନୁଦାନ ବାବଦରେ ୪୧,୫୯୧.୭୩ କୋଟି ଟଙ୍କା ମିଳିଥିଲା। ତେଣୁ କେନ୍ଦ୍ରଠାରୁ ରାଜ୍ୟ ସରକାର ୨୦୨୫-୨୬ରେ ମୋଟ ୧ ଲକ୍ଷ ୬ ହଜାର କୋଟି ଟଙ୍କା ପାଇଥିଲେ। ୨୦୨୪-୨୫ରେ ଓଡ଼ିଶାକୁ କେନ୍ଦ୍ରରୁ ପ୍ରାୟ ୮୯ ହଜାର କୋଟି ଟଙ୍କା ମିଳିଥିଲା। ସେଥିରେ କେନ୍ଦ୍ରୀୟ ଟିକସ ଓ ଶୁଳ୍କରୁ ୫୫,୨୩୧.୭୬ କୋଟି ଓ ଅନୁଦାନରୁ ୩୩,୭୬୮.୨୪ କୋଟି ଟଙ୍କା ଆସିଥିଲା। ୨୦୨୪-୨୫ ତୁଳନାରେ ୨୦୨୫-୨୬ରେ ଓଡ଼ିଶାକୁ ପୃଷ୍ଠା ➥ ୬

# କୃଷ୍ଣାଞ୍ଜନପୁରବାସୀଙ୍କ ସହ ରାଜ୍ୟପାଳଙ୍କ ଭାବବିନିମୟ

ପୁରୀ: ନୂଆବର୍ଷର ପ୍ରଥମ ଦିନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ପୁରୀ ଜିଲ୍ଲା ସଦର ବ୍ଲକ କୃଷ୍ଣାଞ୍ଜନପୁର ଗ୍ରାମ ଗସ୍ତ କରି ଗ୍ରାମବାସୀଙ୍କ ସହ ଭାବବିନିମୟ




କରିଛନ୍ତି। ମହିଳାମାନେ 'ମୁଦ୍ରା' ଯୋଜନାର ସୁବିଧା ନେଇ ଆର୍ଥିକ ସ୍ୱାବଲମ୍ବୀ ହେବାକୁ ପ୍ରୋତ୍ସାହିତ କରିଥିଲେ। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ୮୦% ମହିଳା ଥିଲେ। ଆଗାମୀ ଦିନରେ ଅଧିକ ସଂଖ୍ୟକ ମହିଳା ଉଦ୍ୟୋଗୀ ଦେଖିବାକୁ ସେ ଆଶା କରିଥିଲେ। ପାରମ୍ପରିକ ଘୋଡ଼ା ନାଚ ଓ ଓଡ଼ିଶୀ ନୃତ୍ୟ ଜରିଆରେ ରାଜ୍ୟପାଳଙ୍କୁ ଗାଁ ମୁଣ୍ଡରେ ସ୍ୱାଗତ କରାଯାଇଥିଲା। ୫୦ ଜଣ ମହିଳାଙ୍କୁ କମ୍ବଳ, ଶାଢ଼ି, କ୍ୟାଲେଣ୍ଡର ଓ ମିଠା ସମ୍ବଳିତ କିଟ୍ ବାଣ୍ଟିଥିଲେ ରାଜ୍ୟପାଳ। ଗ୍ରାମବାସୀଙ୍କ ସହ ଆଲୋଚନା କରି ରାଜ୍ୟପାଳ ପିଏମ୍ଏସ୍‌ବିୱାଇ, ପିଏମ୍‌ଜେଜେବିୱାଇ, ସୁଭଦ୍ରା ଯୋଜନା, ପିଏମ୍ଏୱାଇ, ଅଟଳ ପେନସନ ଯୋଜନା ଓ ସୁକନ୍ୟା ସମୃଦ୍ଧି ଯୋଜନାରୁ ଗ୍ରାମବାସୀ କେତେ ଲାଭବାନ ହୋଇ ପାରିଛନ୍ତି ତାହା ପଚାରି ବୁଝିଥିଲେ। ସାମାଜିକ ସୁରକ୍ଷା ଯୋଜନାରେ କମ୍ ପଞ୍ଜୀକରଣ ହୋଇଥିବାରୁ ରାଜ୍ୟପାଳ ଉଦ୍‌ବେଗ ପ୍ରକାଶ କରିବା ସହ ସ୍ଥାନୀୟ ବ୍ୟାଙ୍କ ଅଧିକାରୀମାନଙ୍କୁ ଜନହିତକର ଯୋଜନା ବିଷୟରେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗଗୁଡ଼ିକର କିଭଳି ତ୍ୱରିତ ସମାଧାନ ହୋଇପାରିବ ସେନେଇ ପଦକ୍ଷେପ ନେବାକୁ ରାଜ୍ୟପାଳ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପିଜେଟିଏ ସଚିବ ଦିଲୀପ କୁମାର ମହାରଣା ଓ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ସକାଳେ ରାଜ୍ୟପାଳ ଲୋକ ଭବନରେ ସାଂସଦଙ୍କ ସହ ଆଲୋଚନା ବେଳେ ନୂଆବର୍ଷରେ ପୁରୀ ଆସିବାକୁ ଇଚ୍ଛା କରିଥିଲେ। ଶ୍ରୀ ମନ୍ଦିରରେ ସଂଖ୍ୟାଧିକ ଭକ୍ତଙ୍କ ସମାବେଶ ଓ ସୁରକ୍ଷା ଦୃଷ୍ଟିରୁ ଭକ୍ତମାନଙ୍କୁ ଅସୁବିଧା ହେବା ଆଶଙ୍କା କରି ରାଜ୍ୟପାଳ ଶ୍ରୀମନ୍ଦିର ଦର୍ଶନରେ ନ ଯାଇ କୃଷ୍ଣାଞ୍ଜନପୁରରେ ଗ୍ରାମବାସୀଙ୍କ ସହ ଭାବବିନିମୟ କରିବାକୁ ସ୍ଥିର କରିଥିଲେ।



ଅନୁକୂଳ ହେଲା ରଥକାଠ: ଘୋଷଯାତ୍ରା ପାଇଁ ପ୍ରକ୍ରିୟା ଆରମ୍ଭ

# ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଅଥରିଟି ବୈଠକ

ପୁରୀ: ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷର ୩୫ତମ ଅଥରିଟି ବୈଠକ ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ପୁରୀ-କୋଣାର୍କ ଅଞ୍ଚଳର ସମଗ୍ର ଓ ସୁଯୋଜିତ ଉନ୍ନୟନ, ଐତିହ୍ୟ ସଂରକ୍ଷଣ, ସହରୀୟ ପରିକଳ୍ପନା, ଗୃହ ନିର୍ମାଣ, ପାରିପାର୍ଶ୍ୱ ଉନ୍ନୟନ ଓ ପ୍ରଶାସନିକ ସୁଦୃଢ଼ତା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିର ଠାରୁ ଗୁଣ୍ଡିଚାମନ୍ଦିର ( ଗ୍ରାଣ୍ଡ୍ ରୋଡ଼୍) ଅଞ୍ଚଳରେ ଏକରୂପ ଡିଜାଇନ୍



ଓ ରଙ୍ଗ ବ୍ୟବସ୍ଥା, ଐତିହ୍ୟ ସ୍ଥଳ, ଐତିହ୍ୟ ଭବନ ଓ ପ୍ରାକୃତିକ ଅଞ୍ଚଳ ସଂରକ୍ଷଣ ପାଇଁ ଉପଯୁକ୍ତ ନିୟମାବଳୀ ପ୍ରସ୍ତୁତ ଓ ଅବଗତ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ବିଲିଂ ପ୍ଲାନ୍ ଅନୁମୋଦନ ପ୍ରକ୍ରିୟାକୁ ସରଳ କରିବା ନିମନ୍ତେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସହ ଏନ୍ଓସି ପ୍ରକ୍ରିୟାକୁ ସମୟସୀମା ଭିତରେ କରିବା ଉପରେ ଆଲୋଚନା କରାଯାଇଛି।

# ଆରପାରିରେ ସଂଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାର୍

ପୁରୀ : ଆଉ ନାହାନ୍ତି ଓଡ଼ିଶାର ଲୋକପ୍ରିୟ ସଂଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାର୍। ଭୁବନେଶ୍ୱର ଏମ୍ସ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ସେ ସକାଳ ୯ଟା ୨ ମିନିଟ ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା। ଲିଭର ଜନିତ ରୋଗରେ



ପୀଡିତ ହୋଇ ଗତ ସେପ୍ଟେମ୍ବରରୁ ଚିକିତ୍ସିତ ହେଉଥିଲେ ଅଭିଜିତ। ଟ୍ରମା ସେଣ୍ଟରରେ ପ୍ରାଥମିକ ଚିକିତ୍ସା ପରେ ସେଣ୍ଟ୍ରାଲ ଆଇସିୟୁରେ ଭର୍ତ୍ତି କରାଯିବ ବୋଲି ସୂଚନା ମିଳିଥିଲା । ଉଲ୍ଲେଖଯୋଗ୍ୟ, ସେ କ୍ୟାସେଟ୍ରେ ସଙ୍ଗୀତ ଦେଇ ଓଡ଼ିଆ ସଙ୍ଗୀତଜଗତରେ ପ୍ରବେଶ କରିଥିଲେ। ହେଲେ ୨୦୦୦ ମସିହାରେ ବାସୁଦେବ ତ୍ରିପାଠୀଙ୍କ ପ୍ରଯୋଜିତ 'କାଶିଆ କପିଳା' ସିନେମା ଜରିଆରେ ନିଜର ସିନେ ସଂଗୀତ ଯାତ୍ରା ଆରମ୍ଭ କରିଥିଲେ ଅଭିଜିତ୍। ସେ ପ୍ରାୟ ୬୦ରୁ ଅଧିକ ସିନେମାରେ ସଂଗୀତ ଦେଇଥିବା ବେଳେ ୧୦୦ ଊର୍ଦ୍ଧ୍ୱ ଆଲବମ୍ ପାଇଁ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କ ଲୋକପ୍ରିୟ ଗୀତଗୁଡ଼ିକ ମଧ୍ୟରେ ରହିଛି 'ମାଧବ ହେ ମାଧବ', 'ଟ୍ୱିଙ୍କଲ୍ ଟ୍ୱିଙ୍କଲ ଲିଟିଲ୍ ଷ୍ଟାର୍', 'ନାଚିବ ଗବର ସିଂହ', 'ବାଲୁଙ୍ଗା ଟୋକା', 'ସଜନୀ ସଜନୀ', 'ଆମେ ତ ଟୋକା ଷଣ୍ଢ ମାର୍କା'। ତାଙ୍କର ଅନେକ ଆଇଟମ୍ ଗୀତ ରହିଛି ; ଯାହା ସଂଗୀତପ୍ରେମୀଙ୍କ ମୁହଁରେ ରହିଛି। 'ତୋର କଞ୍ଚା ହଳଦୀ ଦେହଟା ଗୋରୀ ଲୋ' ଗୀତରେ ସେ ନିଜେ କଣ୍ଠଦାନ ମଧ୍ୟ କରିଛନ୍ତି। ଅଭିଜିତ୍‌ଙ୍କ 'ରାତି ସାରା ବାର୍ ଲାଇଟ୍ ଦୁକୁ ଦୁକ' ଗୀତ ତାଙ୍କ ଖୁବ୍ ଲୋକପ୍ରିୟ କରାଇଛି।

# 'ଅନୁରାଗ' ପତ୍ରିକାର ଦଶମ ସଂଖ୍ୟା ମହାପ୍ରଭୁଙ୍କୁ ଉତ୍ସର୍ଗ




ପୁରୀ: ସାହିତ୍ୟିକ ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ମୁଖ୍ୟ ସମ୍ପାଦନାରେ ଆଜିକୁ ୫୪ ବର୍ଷ ତଳେ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରୁ ସୃଷ୍ଟି 'ଅନୁରାଗ' ପତ୍ରିକା ଶ୍ରୀପଞ୍ଚମୀରେ ମହାପ୍ରଭୁଙ୍କୁ ଉତ୍ସର୍ଗ ହୋଇଛି। ସାହିତ୍ୟ, ସଂସ୍କୃତି ଓ ସାମାଜିକ ଚେତନାଧର୍ମୀ ପତ୍ରିକା ମହାପ୍ରଭୁଙ୍କୁ ଉତ୍ସର୍ଗ ପରେ ଲୋକାର୍ପଣ କରାଯାଇଛି। ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଶ୍ରୀମନ୍ଦିର ପୁରୋହିତ ତଥା ପୁରୀ ବୋଲିର ପ୍ରାବନ୍ଧିକ ଡ. ସିଦ୍ଧେଶ୍ୱର ମହାପାତ୍ର ଉନ୍ମୋଚନ କରିଛନ୍ତି। ରାଜ୍ୟ ପୁରସ୍କାରପ୍ରାପ୍ତ ଗୀତିକାର ଓ ଗାଳ୍ପିକ ଡ. ବଦ୍ରି ମିଶ୍ର, ସୁଲେଖାର ସମ୍ପାଦକ କବି ସଦାଶିବ ମିଶ୍ର, ଅଭିନନ୍ଦନିକାର ସଂପାଦକ କବି ଶ୍ୟାମ ପ୍ରକାଶ ସେନାପତି, ମିସନ ଓଡ଼ିଶାର ସଂପାଦକ ମଧୁସୂଦନ ମିଶ୍ର, ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ର ର ସଂପାଦକ ରାଜେଶ କୁମାର ମହାନ୍ତି, ସେବାୟତ ରବିନାରାୟଣ ଦାସ, ଗୌରହରି ପ୍ରଧାନ, ଲୋକନାଥ ଖୁଣ୍ଟିଆ ଓ ଦେବରାଜ ଦାସ ଏହି ଲୋକାର୍ପଣ ଉତ୍ସବରେ ଯୋଗ ଦେଇଥିଲେ । ମୁଖ୍ୟ ସଂପାଦକ ଶ୍ରୀ ତ୍ରିପାଠୀ କହିଛନ୍ତି, ୧୯୭୨ ମସିହାରେ ଜନ୍ମଗ୍ରହଣ କରିଥିବା ଏହି ପତ୍ରିକା କେବଳ ରାଜନେତା ନୁହେଁ ଅନେକ କବି, ଗାଳ୍ପିକ, ପ୍ରାବନ୍ଧିକ ଓ ସମାଲୋଚକଙ୍କୁ ପ୍ରତିଷ୍ଠିତ କରିଛି। ସାହିତ୍ୟ, ସଂସ୍କୃତି ଓ ସମାଜର ସମୃଦ୍ଧି ଓ ଶୃଙ୍ଖଳା ପାଇଁ ଏହା ପ୍ରତିମାସରେ ପ୍ରକାଶ ପାଇବ।

# ପ୍ରଧାନମନ୍ତ୍ରୀଙ୍କ ନି-କ୍ଷୟ ମିତ୍ରରେ ନାଲକୋ ସ୍ମରଣୀୟ ରହିବ: ଡାକ୍ତର ସମ୍ବିତ ପାତ୍ର

ପୁରୀ: ଭାରତବର୍ଷକୁ ଯକ୍ଷ୍ମା ମୁକ୍ତ କରିବାର ସଂକଳ୍ପ ନେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ନବରତ୍ନ ଉଦ୍ୟୋଗ ନାଲକୋ, ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ପୁରୀକୁ ବଢ଼ାଇଥିବା ହାତକୁ ପୁରୀ ଜିଲ୍ଲା ସ୍ମରଣ ରଖିବ ବୋଲି କହିଛନ୍ତି ପୁରୀ ଲୋକସଭା ସାଂସଦ ଡାକ୍ତର ସମ୍ବିତ ପାତ୍ର। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଉଦ୍ଦେଶ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜିଲ୍ଲା ଯକ୍ଷ୍ମା ନିୟନ୍ତ୍ରଣ ସମିତି ଆନୁକୂଲ୍ୟରେ ପୁରୀ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଯକ୍ଷ୍ମା ରୋଗୀମାନଙ୍କୁ ପୌଷ୍ଟିକ ଖାଦ୍ୟ ବାସ୍କେଟ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାକ୍ତର ପାତ୍ର କହିଥିଲେ, ପୁରୀକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ରୋଗୀ କେବଳ ନିୟମିତ ଔଷଧ ନୁହେଁ, ସୁଷମ ଖାଦ୍ୟ ଯୋଗାଣ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଏଥିରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ପୁରୀ ବିଧାୟକ ସୁନିଲ ମହାନ୍ତି କହିଲେ, ସ୍ୱାସ୍ଥ୍ୟ ଭଳି ମହତ୍ତ୍ୱ କ୍ଷେତ୍ରରେ ନାଲକୋର ଏହି ମହତ୍ ଦାନ ପ୍ରଶଂସନୀୟ।



ପ୍ରାରମ୍ଭରେ ଯକ୍ଷ୍ମା ନିରାକରଣ ଅଭିଯାନର ଅଧିକାରୀ ଡାକ୍ତର ଲଲାଟେନ୍ଦୁ ମିଶ୍ର ଯକ୍ଷ୍ମା ଓ ଛାତିରୋଗ ବିଶେଷଜ୍ଞ ପ୍ରଫେସର ସୁଦର୍ଶନ ପୋଥାଳ ପ୍ରମୁଖ ପୁରୀରେ ଯକ୍ଷ୍ମା ରୋଗୀଙ୍କ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ରୋଗୀ ଚିହ୍ନଟରେ ପୁରୀ ଜିଲ୍ଲା ଦେଶର ହାରାହାରି ଚିହ୍ନଟ ଠାରୁ ଅଧିକ ରହିଛି। ଯକ୍ଷ୍ମା ରୋଗୀ ମୃତ୍ୟୁରେ ପୁରୀ ଜିଲ୍ଲା ଦେଶର ହାରାହାରି ମୃତ୍ୟୁ ହାରଠାରୁ କମ୍ ରହିଛି।

ଏଥିରେ ଜିଲ୍ଲାର ସ୍ୱାସ୍ଥ୍ୟ କର୍ମୀ, ଅଧିକାରୀ, ସୁପରଭାଇଜର ଓ ନି-କ୍ଷୟ ମିତ୍ର (ଚମ୍ପିଆନ) ମାନଙ୍କ ନିଷ୍ଠାପର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥୀ, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ପ୍ରଫେସର କୌଶିକ ମିଶ୍ର, ରାଜ୍ୟ ଯକ୍ଷ୍ମା ନିରାକରଣ ଅଭିଯାନର ଶିବପ୍ରସାଦ ଓଝା ଓ ଜାତୀୟ ସ୍ୱାସ୍ଥ୍ୟ ମିସନର ଶ୍ୟାମସୁନ୍ଦର ତ୍ରିପାଠୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନାଲକୋର ସିଇଓ ସୁବ୍ରତ କୁମାର କର ଏବଂ ସିଏସ୍ଆର୍ ଅଧିକାରୀ ଚିତ୍ତରଞ୍ଜନ ବିଶୋୟୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସାଳୟର ଡାକ୍ତର, କର୍ମଚାରୀ, ବିଜେପି ଜିଲ୍ଲା ସଭାପତି ଡାକ୍ତର ଦେବେନ୍ଦ୍ର ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଯକ୍ଷ୍ମା ନିୟନ୍ତ୍ରଣ ବିଭାଗର ଦେବାଶିଷ ମର୍ଦ୍ଦରାଜ, କେଦାରନାଥ ମହାପାତ୍ର, ପ୍ରତାପ କେଶରୀ ରଥ ଓ ଦୈତ୍ୟାରୀ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ନିମାପଡାରେ ଜିଲ୍ଲାସ୍ତରୀୟ ଧାନ ମଣ୍ଡି ଉଦଘାଟିତ

# ଇନପୁଟ ସବସିଡ କୃଷକଙ୍କୁ ଚାଷ ପ୍ରତି ଆଗ୍ରହୀ କରୁଛି: ଉପ ମୁଖ୍ୟମନ୍ତ୍ରୀ

ପୁରୀ: ୨୦୨୫-୨୬ ମସିହା ଖରିଫ ଋତୁ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିମାପଡା ନିୟନ୍ତ୍ରିତ ବଜାର କମିଟି ପରିସରରେ ଧାନ ମଣ୍ଡିରେ ଧାନ କ୍ରୟର ଶୁଭ ଉଦଘାଟନ ହୋଇଛି। ଏହି ଜିଲ୍ଲାସ୍ତରୀୟ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇ ଆମ ସରକାର କୃଷି ଓ କୃଷକ ଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ରହିଛି। ଆମ ପ୍ରତିଶ୍ରୁତି ମୁତାବକ ଅତିରିକ୍ତ ସହାୟତା ସହ କ୍ୟୁଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣା ଯାଇଥିଲା।ଏଥିପାଇଁ ଚାଷ ପ୍ରତି ବିମୁଖ ହେଉଥିବା କୃଷକ ମାନେ ପୁଣି ଚାଷ ପ୍ରତି ଆଗ୍ରହ ଦେଖେଇଲେଣି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୧୦ ହଜାରରୁ ଅଧିକ କୃଷକ ପଞ୍ଜିକରଣ କରିବା ତାହାର ବଡ ଉଦାହରଣ ବୋଲି ସେ କହିଥିଲେ।ଜିଲ୍ଲାରେ ସମସ୍ତ ଧାନ ମଣ୍ଡିରେ ଶାନ୍ତି ଶୃଙ୍ଖଳାର ସହ ସୁରୁଖୁରୁରେ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ କରାଯିବ। ଚଳିତ ବର୍ଷ ଧାନ ସଂଗ୍ରହ କୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟ ରେ ଅଧିକ ୯ ଗୋଟି ଅର୍ଥାତ ୧୯୬ଟି ମଣ୍ଡି ଖୋଲିବାର ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀମତୀ ପରିଡା କହିଥିଲେ। ନିଜ ଉତ୍ପାଦିତ ଫସଲର ସ୍ୱାଦ ନିଆରା। ତେଣୁ ଆବଶ୍ୟକତା ଅନୁସାରେ ନିଜ ପରିବାର ପାଇଁ ପ୍ରଥମେ ଉତ୍ପାଦିତ ଧାନକୁ ରଖି ବଳକା ଧାନକୁ ବିକ୍ରି ପାଇଁ ଆଣିବାକୁ ଉପ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଉପ ମୁଖ୍ୟମନ୍ତ୍ରୀ ନଡ଼ିଆ ଭାଙ୍ଗି ମଣ୍ଡି ଉଦଘାଟନ କରିଥିଲେ।ଚଳିତ ବର୍ଷ ଜିଲ୍ଲାରେ ମୋଟ ୫୯,୯୧୮ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି ଯାହା



ଗତବର୍ଷ ଅପେକ୍ଷା ୧୦୭୧୯ ଅଧିକ। ପ୍ରଥମ ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ୫୦,୫୫୨ ଟୋକେନ୍ ବଣ୍ଟନ କରାଯାଇଛି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୧୨,୦୪,୦୦୦ କ୍ୟୁଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଧାନର ସର୍ବନିମ୍ନ ସହାୟତା ରାଶି ଇନପୁଟ ସବସିଡ ସହିତ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଚାଷୀଙ୍କୁ ଦିଆଯିବ। ଏଥର ଝୋଟ ବ୍ୟାଗରେ ହିଁ ଧାନ କ୍ରୟ କରିବା ପାଇଁ ପ୍ରାଧାନ୍ୟ ଦିଆଯାଉଛି। ପଞ୍ଜୀକୃତ ହୋଇଥିବା ମୋଟ ୧୯୩ ଟି ପ୍ରାଥମିକ କୃଷି ସମବାୟ ସମିତି,ଗୋଟିଏ ଅତିରିକ୍ତ ସମିତି ଏବଂ ୩ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ମାଧ୍ୟମରେ ଧାନ କ୍ରୟ କରାଯାଉଅଛି ବୋଲି ଯୋଗାଣ ଅଧିକାରୀ ଓ ଡିଆରସିଏସ ସୂଚନା ଦେଇଛନ୍ତି। ପ୍ରାରମ୍ଭରେ ଡିଆରସିଏସ ସରୋଜିନୀ ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ଚଳିତ ବର୍ଷ ଧାନ ସଂଗ୍ରହ ସମ୍ପର୍କରେ ବିବିଧ ସୂଚନା ପ୍ରଦାନ କରିଥିଲେ।ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ନିମାପଡା ବିଡ଼ିଓ ଡ ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ଡ ମନୋଜ କୁମାର ପ୍ରଧାନ, ଜଗତସିଂହପୁର ସାଂସଦ ଙ୍କ ପ୍ରତିନିଧି ଯତିନ୍ଦ୍ର ସ୍ୱାଇଁ, ମୀନଲତା ମହାନ୍ତି, କୋଟସଙ୍ଗ ଓ ଶଗଡା ପଞ୍ଚାୟତର ସରପଞ୍ଚ, ନିମାପଡା ଆର ଏମ ସିର ସମ୍ପାଦକ ସୁଶାନ୍ତ ରାଉତ,ଏଆରସିଏସ ସନାତନ ବେହେରା, ଏସ ଆର ସି ଏସ ଦିଲ୍ଲୀପ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମ ରେ ବିଭିନ୍ନ ପାକ୍ସର କର୍ମକର୍ତ୍ତା, ମିଲର ଓ କୃଷକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଂଚାଳନ କରିଥିଲେ।

# ଦିବ୍ୟାଙ୍ଗ ସମାଜ ପାଇଁ ବୋଝ ନୁହନ୍ତି

ପୁରୀ: ଦିବ୍ୟାଙ୍ଗମାନେ ସମାଜର ଏକ ଅଙ୍ଗ। ସେମାନ ସମାଜ ପାଇଁ ବୋଝ ନୁହନ୍ତି ବରଂ ସମାନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କଲେ ସେମାନେ ସମାଜର ସମ୍ବଳ ପାଲଟିବେ। ସେମାନଙ୍କ ଦକ୍ଷତା ଓ ପ୍ରତିଭାର ବିକାଶ ପାଇଁ ଆମେ ସାମୁହିକ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି କହିଛନ୍ତି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା। ଟାଉନ ହଲ ଠାରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଏସଭିନିରତାର ସହାୟତାରେ ପର୍ପଲ ଫେୟାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୌର ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ପ୍ରତ୍ୟେକଙ୍କ ମଧ୍ୟରେ କିଛି ନା କିଛି ପ୍ରତିଭା ରହିଛି। ଏହାର ଉପଯୁକ୍ତ ବିକାଶ ହେଲେ ସେମାନେ ସମାଜର ସମ୍ବଳ ପାଲଟନ୍ତି। ଦିବ୍ୟାଙ୍ଗ ମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ ପାଇଁ ଏହି ଭଳି ମଞ୍ଚ ହିଁ ବଡ ପ୍ଲାଟଫର୍ମ ବୋଲି ସେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଅକ୍ଷୟ କୁମାର ଶତପଥୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଜିଲ୍ଲା ଶିଶୁ



ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ ନାୟକ, ଜିଲ୍ଲାଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତିଆ ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗ ମାନଙ୍କର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ।ନିରତାର ର ଉପ ନିର୍ଦ୍ଦେଶକ ସତ୍ୱଜିତ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରାଣାଳୟ ପକ୍ଷରୁ ନିରତାର ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ପର୍ପଲ ମେଳା ଆୟୋଜିତ କରାଯାଉଛି।ବଲାଙ୍ଗୀର ଓ ଢେଙ୍କାନାଳ ଜିଲ୍ଲାରେ ଏହା ସରିଥିବା ବେଳେ ଆଜି ପୁରୀରେ ହେଉଛି। ଆଗାମୀ ଦିନରେ ସମସ୍ତ ଜିଲ୍ଲା ମାନଙ୍କ ରେ ଏହା ଆୟୋଜନ କରାଯିବା ସହ ଦିବ୍ୟାଙ୍ଗ ପ୍ରତିଭା ମାନଙ୍କୁ ଉତ୍ସାହିତ କରାଯିବ ବୋଲି ସେ କହିଥିଲେ। ପରେ ଅତିଥି ମାନେ ପ୍ରଦର୍ଶନୀ ମେଳା କୁ ଉଦଘାଟନ ଓ ପରିଦର୍ଶନ ସହ ଝୋଟି ପ୍ରତିଯୋଗିତାକୁ ନିରୀକ୍ଷଣ କରିଥିଲେ। ପରେ ଦିବ୍ୟାଙ୍ଗ ପ୍ରତିଭାଧାରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତି ପ୍ରସ୍ତର ସ୍ଥାପନ

ପୁରୀ: କଣାସ ବ୍ଲକ ଗଡବଡପୁଟ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ଶିକ୍ଷାର ମୂଳଦୁଆ କୁ ସୁଦୃଢ଼ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଗଡବଡପୁଟରେ ଆୟୋଜିତ ଏହି ଉତ୍ସବରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଆଜି ଆମ ପାଇଁ ଏକ ଗୌରବର ଦିବସ ବୋଲି କହିଥିଲେ। ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠାର ଏହି ପ୍ରୟାସ ଦ୍ୱାରା ଗୋଦାବରୀଶ ମିଶ୍ରଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ ସହ ଶିକ୍ଷା ଭିତ୍ତିଭୂମି କୁ ସୁଦୃଢ଼ ଓ ସଶକ୍ତ କରିବ ବୋଲି କହିଥିଲେ। ପଞ୍ଚସଖାଙ୍କ ମାଟି ଶିକ୍ଷା, ସଂସ୍କାର ଓ ଶୃଙ୍ଖଳାର ମାଟି। ଏହି ଗୋଦାବରୀଶ



ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ପରିକଳ୍ପନା ଆଦର୍ଶ ଶିକ୍ଷା ଓ ଉନ୍ନତ ଚରିତ୍ର ଗଠନରେ ସହାୟକ ହେବ ବୋଲି କହିଥିଲେ। ପିତାମାତା ଓ ଅଭିଭାବକମାନଙ୍କ ପାଇଁ ଏହା ଏକ ବଡ ଆଶ୍ୱସ୍ତି ଯେ ଆର୍ଥିକ ଦୁର୍ବଳ ଥିବା ସତ୍ତ୍ୱେ ସେମାନଙ୍କ ପିଲା ଏକ ସୁନ୍ଦର ଭିତ୍ତିଭୂମି ଥିବା ବିଦ୍ୟାଳୟରେ ଶିକ୍ଷା ଲାଭ କରିବ। ସରକାରଙ୍କ ଏହି ପ୍ରଚେଷ୍ଟା ପାଇଁ ଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିବା ସହ ପୁରୀ ଜିଲ୍ଲାରେ କଣାସ ଗଡବଡପୁଟ ନୋଡାଲ ଉଚ୍ଚ ବିଦ୍ୟାଳୟ ସହ ଡେଲାଙ୍ଗ ବ୍ଲକ ର ରେଙ୍ଗାଳ ୟୁଜିୟୁପି ଓ କୃଷ୍ଣ ପ୍ରସାଦ ବ୍ଲକ ର ପିଏଲସି ବିଦ୍ୟାପୀଠ, ପାରିକୁଦକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ସାମିଲ କରାଯାଇଛି।ପରବର୍ତ୍ତୀ ସମୟରେ ଅନ୍ୟ ବିଦ୍ୟାଳୟ ମାନଙ୍କୁ ଏଥିରେ ସାମିଲ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଗଡବଡପୁଟ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିତି ପ୍ରଜ୍ଞା ଚମ୍ପତି ମୁଖ୍ୟମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରିବା ସହ ଶିକ୍ଷାର ଉନ୍ନତି ଦିଗରେ ଏହି ପଦକ୍ଷେପ ପିଲା ମାନଙ୍କ ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି କହି ମୁଖ୍ୟମନ୍ତ୍ରୀ ଓ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ,କଣାସ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ରାଉତ, ତହସିଲଦାର ହିମାଂଶୁ ଶେଖର ଗିରି,କଣାସ ସରପଞ୍ଚ ଶ୍ରୀୟଙ୍କା ଗୁମାନସିଂ,ଭଗବାନ ସୁବୁଦ୍ଧି, ପ୍ରଧାନ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା ବିଭାଗର କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ ଧନ୍ୟବାଦ ଅର୍ପଣ କରିଥିଲେ।





# ଭାରତ ବିଶ୍ୱରେ ଏକ କ୍ରିୟାଶୀଳ ପ୍ରଜାତନ୍ତ୍ର ଭାବରେ ଉଭା ହୋଇଛି: ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ



ପୁରୀ: ଆମ ଦେଶର ସମ୍ବିଧାନର ମୂଳ ମନ୍ତ୍ର ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାଇଚାରା। ସମ୍ବିଧାନର ପ୍ରତିଟି ଶବ୍ଦରେ ଐକ୍ୟ, ଜାତୀୟତା ଓ ଭାଇଚାରା ଭରି ରହିଛି। ଏଥିପାଇଁ ଭାରତ ସମଗ୍ର ବିଶ୍ୱରେ ଏକ କ୍ରିୟାଶୀଳ ପ୍ରଜାତନ୍ତ୍ର ଭାବେ ଉଭା ହେବା ସହ ଏହାର ସଫଳତା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଆୟୋଜିତ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଜାତୀୟ ପତାକା ଉତ୍ତୋଳନ, ପରେଡ୍ ଅଭିବାଦନ ଗ୍ରହଣ କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ, ଆମ ସମସ୍ତଙ୍କ ସମନ୍ୱୟରେ ୨୦୩୬ ସୁଦ୍ଧା ଉତ୍କର୍ଷ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ହୋଇପାରିବ। ଶ୍ରୀଜଗନ୍ନାଥ ସମଗ୍ର ଓଡ଼ିଆ ଜାତିର ଅସ୍ତିତ୍ୱ ଓ ଅସ୍ମିତାର ପ୍ରତୀକ। ଶ୍ରୀକ୍ଷେତ୍ର ସାଂସ୍କୃତିକ ଚେତନାର ଏକ୍ତୁଡ଼ିଶାଳା। ପଟ୍ଟଚିତ୍ର, ମାହାରୀ, ଓଡ଼ିଶୀ ନୃତ୍ୟ, ଗୋଟିପୁଅ, ଶାସ୍ତ୍ରୀୟ ସଂଗୀତ ଓଡ଼ିଆ ସଂସ୍କୃତିର ଅମୂଲ୍ୟ ଧନ। ଶ୍ରୀମଦ୍ ଭାଗବତ ଗୀତା ସୃଷ୍ଟିର ଶ୍ରେଷ୍ଠ ଗ୍ରନ୍ଥ ବୋଲି କହିବା ସହ ମହାପୁରୁଷଙ୍କ ଅବଦାନକୁ ସ୍ମରଣ କରିଥିଲେ।

ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟ ଅତିଥି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପାଇଁ ୩୫ ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ସେହିପରି ପ୍ୟାରେଡ଼ରେ ସିନିୟର ଡିଭିଜନ ଏନସିସିରେ ଏସସିଏସ ମହାବିଦ୍ୟାଳୟ ଶ୍ରେଷ୍ଠ,ଜୁନିୟର ଡିଭିଜନ ଏନସିସିରେ ବାଳକ ବର୍ଗରେ ପୁରୀ ଜିଲ୍ଲା ସ୍କୁଲ ଓ ବାଳିକା ବର୍ଗରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ସ୍କାଉଟରେ ଡିଏଭି ପବ୍ଲିକ ସ୍କୁଲ, ଗାଇଡରେ ଭୋଳାନାଥ ବିଦ୍ୟାପୀଠ, ସିଭିଲିଆନ ବାଳକରେ ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିର ଓ ବାଳିକା ରେଗଦାଧର ଉଚ୍ଚ ବିଦ୍ୟାଳୟ ଓ ଶୃଙ୍ଖଳାରେ ଏସସିଏସ ଏନ ସି ସି ଦଳଙ୍କୁ ପୁରସ୍କୃତ କରାଯାଇଥିଲା।ଏହି ଅବସରରେ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିଲା।ପରେ ମୁଖ୍ୟ ଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀ ଙ୍କୁ ମିଷ୍ଟାନ୍ନ ଓ ପୋଷାକ, ମୁଖ୍ୟ ଚିକିତ୍ସାଳୟ ର ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ।ଗୋପବନ୍ଧୁ ଆୟୁର୍ବେଦିକ କଲେଜ ପରିସରରେ ରେଡକ୍ରସ ଶାଖା, ଭାରତ ବିକାଶ ପରିଷଦ,ସମ୍ପର୍କ ଅନୁଷ୍ଠାନ,ବଡଶଙ୍ଖ ଯୁବ ସାଂସ୍କୃତିକ ପରିଷଦ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଉଦଘାଟନ କରିବା ସହ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ।

କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା,ଜିଲ୍ଲା ପରିଷଦ ସଭାପତି ସ୍ୱାପ୍ନାରାଣୀ ସ୍ୱାଇଁ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ ପି ସୁଶୀଲ କୁମାର ମିଶ୍ର, ଉପଜିଲ୍ଲାପାଳ ରାଜ କିଶୋର ଜେନା,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯାଇଥିଲା।ଗାନ୍ଧୀ ଘାଟ ଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ସହ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଇ କେୱାଇସି ମାଧ୍ୟମରେ ନୂତନ ହିତାଧିକାରୀ ଚିହ୍ନଟ

# ୨୧୫ ଜଣଙ୍କୁ ଖାଉଟି କାର୍ଡ ବାଣ୍ଟିଲେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ

ପୁରୀ: ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କଲ୍ୟାଣ ଯୋଜନାରେ ସାମିଲ କରାଯାଇ ରାସନ ସାମଗ୍ରୀ ଦିଆଯିବ। କିନ୍ତୁ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ନାମ ବାଦ କରାଯାଉଛି ବୋଲି କହିଛନ୍ତି ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପୁରୀ ପୌରାଞ୍ଚଳର ହିତାଧିକାରୀ ମାନଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏଥିରେ ୨୧୫ ନୂତନ ହିତାଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର କାର୍ଡ ବଣ୍ଟନ କରିବା ସହ ଇ




କେୱାଇସି ମାଧ୍ୟମରେ ଟିପ ଓ ଆଖି ସ୍କାନ ଦ୍ୱାରା ଶତକଡା ୯୬ ଭାଗ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ପୂର୍ବରୁ ପ୍ରାୟ ୭ ଲକ୍ଷ ଲୋକ ମୃତ୍ୟୁ ପରେ ମଧ୍ୟ ରାସନ ସାମଗ୍ରୀ ପାଉଥିଲେ। ୭୮ ହଜାର ଅଯୋଗ୍ୟ ହିତାଧିକାରୀ,୪୫ ହଜାର ଆୟକର ଦେଉଥିବା ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ପ୍ରାୟ ୮ ଲକ୍ଷ ୧୬ ହଜାର କାର୍ଡ କଟିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଥିଲେ। ଯଦି କିଏ ଭାବୁଛନ୍ତି ତାଙ୍କର କାର୍ଡ ଭୁଲରେ କଟି ଯାଇଛି ତେବେ ସେମାନେ ପ୍ରମାଣ ସହ ଆବେଦନ କଲେ ତାହା ବିଚାର କରାଯାଇପାରେ। ଧାନର ସହାୟକ ମୂଲ୍ୟ ବୃଦ୍ଧି ପରେ ବର୍ତ୍ତମାନ ଚାଷ ପାଇଁ ଲୋକ ଙ୍କ ଆଗ୍ରହ ବୃଦ୍ଧି ପାଇଛି। ଧାନ ଦେବାର ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ଚାଷୀଙ୍କ ଆକାଉଣ୍ଟ କୁ ଯାଉଛି। ଚଳିତ ବର୍ଷ ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୨ ଲକ୍ଷ ୧୭ ହଜାର ଅଧିକ। ଚାଷୀ ମାନେ ବର୍ତ୍ତମାନ ଖୁସିରେ ଅଛନ୍ତି ବୋଲି ମନ୍ତ୍ରୀ କହିବା ସହ ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟରେ କୌଣସି ଚାଷୀ ଆତ୍ମହତ୍ୟା ଘଟି ନାହିଁ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଓ ପୌରାଞ୍ଚଳ ସହକାରୀ ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭିତରଛ ମଧୁସୂଦନଙ୍କ ସ୍ମୃତିରେ ବସନ୍ତ ଉତ୍ସବ

## ସମର୍ପିତ ସେବା ପାଇଁ ଏସ୍‌ପିଙ୍କୁ ସମ୍ବର୍ଦ୍ଧନା

ପୁରୀ: ଭିତରଛ ମଧୁସୂଦନ ମହାପାତ୍ରଙ୍କ ସ୍ମୃତିରେ ଅନୁଷ୍ଠିତ ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦକ୍ଷ ପ୍ରାଶାସନିକ ସେବା ପାଇଁ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂଙ୍କୁ ସେବା ସମ୍ମାନ ପ୍ରଦାନ କରାଯାଇଛି। ଭାଗବତ ଭାଷ୍ୟକାର ତଥା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ. ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ଓ ଉତ୍ସବ ସଂପାଦକ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା ସାମନ୍ତଙ୍କ ପରିଚାଳନାରେ ସିଂହଦ୍ୱାରଠାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ମୁଖ୍ୟବକ୍ତା ଭାବେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଅନ୍ୟତମ ଅତିଥି ଭାବେ ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଅତିରିକ୍ତ ଜିଲ୍ଲାପାଳ ଶରତ ବେହେରା, ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜକିଶୋର ଜେନା ଯୋଗଦେଇଥିଲେ। ପୂଜାପଣ୍ଡା ନିଯୋଗ ସଂପାଦକ ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ପରିଚାଳନା କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରା ଓ ଗଣେଶ ଦାସ



ମହାପାତ୍ର, ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍ସବରେ ଶ୍ରୀମନ୍ଦିରର ନୀତି ଶୃଙ୍ଖଳା ପାଇଁ ରବିଶଙ୍କର ପୂଜାପଣ୍ଡା ସାମନ୍ତ, ସିଂହାରୀ ଲୋକନାଥ କର, ଗରାବଡୁ ସୂର୍ଯ୍ୟନାରାୟଣ ମହାପାତ୍ର, ଭାଗବତ ଓ ସ୍କନ୍ଦ ପୁରାଣର ପ୍ରଚାର ପ୍ରସାର ପାଇଁ ଭାଗବତ ଆଶ୍ରମର ବାବା ବ୍ରଜବନ୍ଧୁ ଦାସ ଓ ଶ୍ରୀମନ୍ଦିର ପଣ୍ଡା ନିଯୋଗର ସଂସ୍କୃତ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ର ମଳୟ ଦାଶଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀମାନେ ଭକ୍ତି ସଂଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଭିତରଛ ହରେକୃଷ୍ଣ ପୂଜାପଣ୍ଡା, ବିଶ୍ୱନାଥ ସାମନ୍ତରା, ଡ. ବିଶ୍ୱନାଥ ମିଶ୍ର, ହରିହର ପୂଜାପଣ୍ଡା ସାମନ୍ତ ଓ ଶ୍ୟାମପ୍ରକାଶ ସେନାପତି ସଂଯୋଜନା ଓ ସଞ୍ଚାଳନ କରିଥିଲେ ।

# ଇଣ୍ଡିଆ ଟ୍ରେଡ୍ ଏକ୍ସପୋ ୨୦୨୬ ଉଦଘାଟିତ



ପୁରୀ: ଇଣ୍ଡିଆ ଟ୍ରେଡ୍ ଏକ୍ସପୋ ୨୦୨୬ ବଗଲା ଧର୍ମଶାଳା ପରିସରରେ ଉଦଘାଟିତ ହୋଇଯାଇଛି। ଏହି ଏକ୍ସପୋକୁ ନୀଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ, ପ୍ରୋଟୋକଲ ଏବଂ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଉଦଘାଟନ କରିଥିଲେ।ଉଦଘାଟନ ଅବସରରେ ଅତିଥିମାନେ ଏହି ବ୍ୟାପାର ମେଳାର ସଫଳତା ପାଇଁ ତାଙ୍କର ଶୁଭେଚ୍ଛା ଓ ସହଯୋଗ ଜଣାଇଥିଲେ।ଇଣ୍ଡିଆ ଟ୍ରେଡ୍ ଏକ୍ସପୋ ୨୦୨୬ ମାଧ୍ୟମରେ ଦେଶର ବିଭିନ୍ନ ରାଜ୍ୟ ସହିତ ବିଦେଶୀ ଦେଶମାନଙ୍କର ପ୍ରଦର୍ଶକମାନେ ତାଙ୍କର ବିବିଧ ଉତ୍ପାଦ ଓ ନୂତନ ଆଭିନବତା ପ୍ରଦର୍ଶନ କରୁଛନ୍ତି, ଯାହା ବ୍ୟାପାର, ସଂସ୍କୃତି ଓ ଆର୍ଥିକ ସହଯୋଗକୁ ପ୍ରୋତ୍ସାହନ ଦେଉଛି।ଏହି ଏକ୍ସପୋ ବ୍ୟବସାୟିକ ସଂଯୋଗ, ଆନ୍ତର୍ଜାତୀୟ ବ୍ୟବସାୟ ନେଟୱାର୍କିଂ, ସଂସ୍କୃତିକ ବିନିମୟ ଓ ଗ୍ରାହକ ସଂପୃକ୍ତତା ପାଇଁ ଏକ ସକ୍ରିୟ ଓ ଆକର୍ଷଣୀୟ ମଞ୍ଚ ପ୍ରଦାନ କରିବା ଉଦ୍ଦେଶ୍ୟ ରଖିଛି। ଏହା ତାହାର ଆୟୋଜନ କାଳରେ ବହୁ ସଂଖ୍ୟକ ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି।ଏହି ଆନ୍ତର୍ଜାତୀୟ ବ୍ୟାପାର ପ୍ରଦର୍ଶନୀରେ ୮୦ଟି ସୁନିୟୋଜିତ ଷ୍ଟଲ୍ ରହିଛି, ଯେଉଁଥିରେ ଭାରତର ବିଭିନ୍ନ ରାଜ୍ୟ ସହିତ ଇରାନ ଓ ଆଫଗାନିସ୍ତାନ ଭଳି ବିଦେଶୀ ଦେଶମାନଙ୍କର ଅଗ୍ରଣୀ ପ୍ରଦର୍ଶକମାନେ ଅଂଶଗ୍ରହଣ କରୁଛନ୍ତି। ଏହି ଏକ୍ସପୋ ମାଧ୍ୟମରେ ହସ୍ତଶିଳ୍ପ, ଲାଇଫ୍‌ଷ୍ଟାଇଲ୍ ଉତ୍ପାଦ, ଉପଭୋକ୍ତା ସାମଗ୍ରୀ, ଖାଦ୍ୟ ପଦାର୍ଥ ଓ ନୂତନ ସେବାମାନଙ୍କର ପ୍ରଦର୍ଶନ ସହିତ ବ୍ୟାପାର ପ୍ରୋତ୍ସାହନ ପାଇଁ ଏକ ସଂଯୁକ୍ତ ମଞ୍ଚ ସୃଷ୍ଟି କରାଯାଇଛି।




ପୁରୀର ହରଚଣ୍ଡୀ ସାହି ତାପଙ୍ଗ ଜାଗାରେ ନବନିର୍ମିତ କଲ୍ୟାଣ ମଣ୍ଡପର ଉଦଘାଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ ସାଂସଦ ସମ୍ବିତ ପାତ୍ର ,ପୂର୍ବତନ ବିଧାୟକ ଶ୍ରୀ ଜୟନ୍ତ ଷଡଙ୍ଗୀ ଓ ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ

# ଓଡିଶା ରାଜ୍ୟରେ ଗୁଟକା ନିଷେଧ ଆଦେଶର ସଂଶୋଧନ

ପୁରୀ: ଓଡିଶା ସରକାର ଏକ ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ବର୍ତ୍ତମାନର ଥିବା ଗୁଟକା ନିଷେଧରେ ଏକ ସଂଶୋଧନ ଜାରି କରିଛନ୍ତି। ଯାହା ଜନସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛି। ଏହି ବିଜ୍ଞପ୍ତି ଖାଦ୍ୟ ସୁରକ୍ଷା ଏବଂ ମାନକ ଆଇନ, ୨୦୦୬ ଅନ୍ତର୍ଗତ ବ୍ୟବସ୍ଥାଗୁଡ଼ିକୁ ସ୍ପଷ୍ଟ ଏବଂ ସୁଦୃଢ଼ କରିଥାଏ। ଗୁଟକା ଏବଂ ତମାଖୁ ଅଥବା ନିକୋଟିନ୍ ଯୁକ୍ତ ସମସ୍ତ ଖାଦ୍ୟ ଉତ୍ପାଦର ଉତ୍ପାଦନ, ସଂରକ୍ଷଣ, ବଣ୍ଟନ, ବିକ୍ରୟ ଏବଂ ବ୍ୟବହାରକୁ ସ୍ପଷ୍ଟ ଭାବରେ ନିଷିଦ୍ଧ କରିଥାଏ। ୨୦୧୩ରେ କରାଯାଇଥିବା ପୂର୍ବ ନିଷେଧକୁ ଅତିକ୍ରମ କରି ପରିବର୍ତ୍ତିତ ଗୁଟଖା ନିଷେଧ ଅସ୍ପଷ୍ଟତା ଦୂର କରିବ,ଆଇନଗତ ସ୍ପଷ୍ଟତା ସୁନିଶ୍ଚିତ କରିବ ଏବଂ ରାଜ୍ୟ ସାରା ସମାନ କାର୍ଯ୍ୟାନ୍ୱୟନକୁ ସକ୍ଷମ କରିବ। ଏହା ପୁନର୍ବାର ଉଲ୍ଲେଖ କରେ ଯେ ତମାଖୁ ଏବଂ ନିକୋଟିନ୍ କୌଣସି ଖାଦ୍ୟ ଉତ୍ପାଦରେ ଉପାଦାନ ଭାବରେ ବ୍ୟବହାର କରାଯାଇପାରିବ ନାହିଁ ଏବଂ ଉଲ୍ଲଂଘନ କଲେ ପ୍ରଯୁଜ୍ୟ ଆଇନ ଅନୁଯାୟୀ କଠୋର ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସଂଶୋଧିତ ଗୁଟଖା ନିଷେଧ ଆଦେଶରେ, ଓଡ଼ିଶା ରାଜ୍ୟରେ ତମାଖୁ କିମ୍ବା ନିକୋଟିନ ଥିବା ସମସ୍ତ ଖାଦ୍ୟ ଉତ୍ପାଦର ଉତ୍ପାଦନ, ପ୍ରକ୍ରିୟାକରଣ, ପ୍ୟାକେଜିଂ, ସଂରକ୍ଷଣ, ପରିବହନ, ବିକ୍ରୟ ନିଷେଧ। ଏହି ଆଦେଶ ସମସ୍ତ ଖାଦ୍ୟ ଉତ୍ପାଦ ପାଇଁ ବ୍ୟାପ୍ତ, ତାହା ଚୋବାଇବା କିମ୍ବା ସ୍ୱାଦଯୁକ୍ତ, ମିଶ୍ରିତ, ସୁଗନ୍ଧିତ ଏବଂ ଯେକୌଣସି ମିଶ୍ରଣ ସହିତ ମିଶ୍ରିତ। ଏହି ଆଦେଶ ସମସ୍ତ ଖାଦ୍ୟ ଉତ୍ପାଦ ପାଇଁ ବ୍ୟାପ୍ତ, ଯାହା ଗୁରଖା, ପାନ ମସଲା, ସ୍ୱାଦଯୁକ୍ତ କିମ୍ବା ସୁଗନ୍ଧିତ ଖାଦ୍ୟ ଉତ୍ପାଦ କିମ୍ବା ଯେକୌଣସି ନାମରେ ଚୋବାଇବା ଖାଦ୍ୟ ଉତ୍ପାଦ ନାମରେ ବ୍ୟାପ୍ତ।

ଏହି ବ୍ୟବସ୍ଥା ସମସ୍ତ ଖାଦ୍ୟ ଉତ୍ପାଦ ପାଇଁ ମଧ୍ୟ ବ୍ୟାପ୍ତ, ଯାହା ପ୍ୟାକେଜିଂ କିମ୍ବା ପ୍ୟାକେଜିଂ କରାଯାଇଥିବ ଏବଂ ଗୋଟିଏ ଉତ୍ପାଦ ବିକ୍ରି କରାଯାଇଥିବ କିମ୍ବା ପୃଥକ ଉତ୍ପାଦ ଭାବରେ ପ୍ୟାକେଜିଂ କରାଯାଇଥିବ ଯାହା ଏପରି ଭାବରେ ବିକ୍ରୟ କିମ୍ବା ବଣ୍ଟନ କରାଯାଇଥିବ ଯାହା ଦ୍ୱାରା ଗ୍ରାହକ ଏବଂ ତମାଖୁ କିମ୍ବା ନିକୋଟିନ ଥିବା ଅନ୍ୟ ଯେକୌଣସି ଖାଦ୍ୟ ଉତ୍ପାଦ ସହିତ ମିଶ୍ରଣ ସହଜ ହୋଇପାରିବ।

ସମସ୍ତ ପ୍ରବର୍ତ୍ତନ କର୍ତ୍ତୃପକ୍ଷଙ୍କୁ କଡ଼ା ଅନୁପାଳନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ଯାହା ଦ୍ୱାରା ତମାଖୁ ନିୟନ୍ତ୍ରଣ, କର୍କଟ ରୋଗ ନିବାରଣ ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସରକାରଙ୍କ ନିରନ୍ତର ପ୍ରୟାସକୁ ଅଧିକ ମଜବୁତ କରାଯିବ। ବିଶେଷକରି ଯୁବପିଢ଼ି ଏବଂ ଦୁର୍ବଳ ଜନସଂଖ୍ୟା ମଧ୍ୟରେ।



ଦିଲ୍ଲୀ ଠାରେ ଭାରତୀୟ ଜନତା ପାର୍ଟିର ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀଙ୍କୁ ସୌଜନ୍ୟମୂଳକ ସାକ୍ଷାତକାର କରି ଶୁଭେଚ୍ଛା ଜଣାଇବା ସହିତ ରାଜ୍ୟର ପ୍ରଗତି ବିଷୟରେ ଆଲୋଚନା କରିଛନ୍ତି ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

# ଜନ୍ମ ଜୟନ୍ତୀରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି



ପୁରୀ: ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ଅବସରରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବିନମ୍ର ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ନେତାଜୀ ସଂଗ୍ରହାଳୟ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ପୁଷ୍ପ ମାଲ୍ୟ ଅର୍ପଣ ସହ ସ୍ମୃତି ଚାରଣ କରିଥିଲେ। ସେହିପରି ନେତାଜୀ ଛକ ସ୍ଥିତ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ସର୍ବୋଦୟ ସମିତି ସଭାପତି ଉମା ବଲ୍ଲଭ ମହାପାତ୍ର, ସମ୍ପାଦକ ଶିବ ପ୍ରସାଦ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା,ଡ ବିପିନାନନ୍ଦ ମିଶ୍ର,ବିଷ୍ଣୁ ଦତ୍ତ ଦାଶ, ନୀଳକଣ୍ଠ ମହାରଣା, ସୁକାନ୍ତ ମୁଖୀ,ତିଲକ ରାଜ,ଇଶୁ ଶର୍ମା, ଦର୍ପଣା ଦେବୀ, ମଳୟକାନ୍ତି ଦେ ପ୍ରମୁଖ ଯୋଗ ଦେଇ ପୁଷ୍ପ ମାଲ୍ୟ ଅର୍ପଣ ଓ ସ୍ମୃତି ଚାରଣ କରିଥିଲେ।

# ବିଶ୍ୱମ୍ଭର ବିଦ୍ୟାପୀଠରେ ପିଏମଶ୍ରୀ ଉତ୍ସବ



ପୁରୀ: ଜାତୀୟ ଶିକ୍ଷା ନୀତିର ମୁଖ୍ୟ ଉଦ୍ଦେଶ୍ୟ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ବିକାଶ ସହ ବିଦ୍ୟାର୍ଥୀଙ୍କର ସର୍ବାଙ୍ଗୀନ ବିକାଶ ବୋଲି କହିଛନ୍ତି ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର। ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ପିଏମଶ୍ରୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂସଦ ଡା ପାତ୍ର ପାଠ ସହ ଅନ୍ୟାନ୍ୟ ଦିଗ ଯଥା କ୍ରିଡା,ସଂସ୍କୃତି,ଚିତ୍ରାଙ୍କନ, ବୈଷୟିକ ଜ୍ଞାନ ଇତ୍ୟାଦିକୁ ଗୁରୁତ୍ୱ ଦେଇ ଆଗକୁ ବଢିବା ପିଏମଶ୍ରୀ ବିଦ୍ୟାଳୟର ଉଦ୍ଦେଶ୍ୟ। ଆମ ଜିଲ୍ଲାରେ ୨୭ ଟି ପିଏମଶ୍ରୀ ବିଦ୍ୟାଳୟ ହୋଇଛି। ୨୦୩୬ ମସିହାକୁ ବିକଶିତ ଓଡିଶା ଓ ୨୦୪୭କୁ ବିକଶିତ ଭାରତର ପରିକଳ୍ପନାକୁ ଆମ ସମସ୍ତଙ୍କ ଉଦ୍ୟମରେ ସଫଳ କରିବା ବୋଲି ସେ କହିଥିଲେ। ପୁରାତନ ଛାତ୍ର ଛାତ୍ରୀ ଯେଉଁମାନେ ଉଲ୍ଲେଖନୀୟ କାର୍ଯ୍ୟରେ ନିୟୋଜିତ ରହିଛନ୍ତି ସେମାନଙ୍କୁ ବିଦ୍ୟାଳୟମାନଙ୍କୁ ଆମନ୍ତ୍ରଣ କରି ଅଭିଜ୍ଞତା ଓ ଅନୁଭବକୁ ବର୍ତ୍ତମାନର ପିଢ଼ି ମାନଙ୍କୁ ଶୁଣେଇବାକୁ ଡା ପାତ୍ର ପରାମର୍ଶ ଦେଇଥିଲେ। ପରେ ସାଂସଦଙ୍କ ପରାମର୍ଶ କ୍ରମେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଶିଶୁ ଶ୍ରେୟାଂଶ ଦେଙ୍କ ଆତ୍ମାର ସଦଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଶିକ୍ଷକ, ବିଦ୍ୟାର୍ଥୀ ଓ ଅଭିଭାବକମାନଙ୍କ ସହ ସୁସମନ୍ୱୟ ଏବଂ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ବିକାଶ ଶିକ୍ଷା ପ୍ରତି ପିଲା ମାନଙ୍କୁ ଅଧିକ ପ୍ରେରଣା ଦେବ ବୋଲି କହିଥିଲେ। ପ୍ରାରମ୍ଭରେ ଅତିଥି ମାନେ ବିଦ୍ୟାଳୟରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ସହ ବିଭିନ୍ନ ପ୍ରକଳ୍ପକୁ ବୁଲି ଦେଖି ଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଭାରତ ରେ ୧୪୫୦୦ ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ରେ ପିଏମଶ୍ରୀ ବିଦ୍ୟାଳୟ କାର୍ଯ୍ୟକାରୀ ହେଉଛି ଓ ବିଦ୍ୟାଳୟର ବିକାଶ ଓ ଶିକ୍ଷା ର ଉତଥାନ ପାଇଁ ପିଏମଶ୍ରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରେନ୍ଦ୍ର କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ରେ ଶିକ୍ଷୟିତ୍ରୀ ରଶ୍ମିତା ମିଶ୍ର ଓ ରାଜଶ୍ରୀ ଦାସ ସମସ୍ତ ଙ୍କୁ ସ୍ୱାଗତ, ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କ୍ରୀଡା ଛାତ୍ରାବାସରେ ଜାତୀୟ ଯୁବ ଦିବସ ପାଳିତ




ପୁରୀ: ଜାତୀୟ ଯୁବ ଦିବସରେ ସ୍ୱାମୀ ବିବେକାନନ୍ଦଙ୍କୁ ସ୍ମରଣ ଓ ତାଙ୍କ ଆଦର୍ଶ ସମ୍ପର୍କରେ ସ୍ମୃତି ଚାରଣ କରି ପୁରୀ ଶ୍ରୀଜଗନ୍ନାଥ ଷ୍ଟାଡିୟମସ୍ଥିତ କ୍ରୀଡା ଛାତ୍ରାବାସରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏଥିରେ ଯୋଗ ଦେଇ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସ୍ୱାମୀ ବିବେକାନନ୍ଦ ଜଣେ ଦୃଢ଼ମନା, ଶୃଙ୍ଖଳିତ ଜୀବନ ଚର୍ଯ୍ୟା,ଆଦର୍ଶ ଓ ଚରିତ୍ରବାନ ବ୍ୟକ୍ତି ଭାବେ ବିଶ୍ୱରେ ପରିଚିତ। ଯୁବବର୍ଗ ବିବେକାନନ୍ଦଙ୍କ ଜୀବନରୁ ଶିକ୍ଷା ଲାଭ କରି ନିଷ୍ଠାପର ଭାବେ ନିଜ ଲକ୍ଷ୍ୟରେ ଆଗେଇ ସଫଳ ହେବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।ଏଥିରେ ଖୋ ଖୋ କୋଚ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର, ଛାତ୍ରାବାସ ର କର୍ମଚାରୀ, ଅନ୍ତେବାସୀ ମାନେ ଯୋଗ ଦେଇଥିଲେ।

# ପୌରାଞ୍ଚଳ ପକ୍ଷରୁ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି

ପୁରୀ: ପୁରୀ ପୌରାଞ୍ଚଳ ପକ୍ଷରୁ ବନ୍ଦେ ମାତରମ ର ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ବନ୍ଦେ ମାତରମ କେବଳ ଏକ ସଂଗୀତ ନୁହେଁ, ଏହା ଆମ ଜାତୀୟ ଭାବନା ସଂପ୍ରିତୀର ପ୍ରତୀକ ବୋଲି କହିଥିଲେ। ବଙ୍କିମଚନ୍ଦ୍ରଙ୍କ କାଳଜୟୀ ସାହିତ୍ୟ ଆନନ୍ଦ ମଠରେ ଏହା ସ୍ଥାନିତ ହୋଇ ସେତେବେଳେ ଲକ୍ଷ ଲକ୍ଷ ଦେଶପ୍ରେମୀଙ୍କୁ ସଂଗ୍ରାମ ପାଇଁ ପ୍ରେରଣା ଦେଇଥିଲା। ବନ୍ଦେ ମାତରମର ପ୍ରତିଟି ପଂକ୍ତି ଦେଶ ମାତୃକାର ବନ୍ଦନା ଓ ଦେଶପ୍ରେମ ପାଇଁ ଅନୁପ୍ରାଣିତ କରିଥାଏ ବୋଲି ସହ କହିଥିଲେ। ମାଷ୍ଟର ଟ୍ରେନର ରଶ୍ମିରେଖା ସାମନ୍ତରାୟ ଓ ସ୍ମିତାରାଣୀ ପଣ୍ଡା ବନ୍ଦେ ମାତରମର ଉତ୍ପତ୍ତି,




ଜାତୀୟତା ଭାବନା ସହ ଜଡିତ ତାହାର ପ୍ରତିଟି ଶବ୍ଦ ଏବଂ ଭାବାବେଗ ସମ୍ପର୍କରେ ଆଲୋଚନା କରିବା ସହ ସାମୁହିକ ଭାବେ ବନ୍ଦେମାତରମ ସଂଗୀତ ପରିବେଷଣ ଓ ଆତ୍ମନିର୍ଭର ଭାରତର ଶପଥ ପାଠ କରାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ଅରିଜିତ ନାୟକ, ଜିଲ୍ଲା କ୍ରୀଡା ଅଧକାରୀ ଚନ୍ଦନ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା,ଟିଆରଓ ଶୋଭନ ପଟ୍ଟନାୟକ, ପ୍ରସନ୍ନ କୁମାର ବେହେରା, ଦୀପକ କୁମାର ଶୁକ୍ଲା,ଇପସିତା ମହାନ୍ତି ଓ ଶକ୍ତି ସୁଧା ଦାସ ପ୍ରମୁଖ ବନ୍ଦେ ମାତରମ ର ସଂକଳ୍ପ,୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।ପୁରୀ ପୌରପାଳିକା ସିଓ ରେଶମା ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତା ର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଓ ନାଚଘର ପକ୍ଷରୁ କୁମାର ଭୀମସେନ ଓ ସାଥି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




# ନେତାଜୀଙ୍କ ଅମଳିନ ଦୂରଦୃଷ୍ଟି

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀ ଅବସରରେ ସମଗ୍ର ଦେଶ ତାଙ୍କର ଅଦମ୍ୟ ସାହସ, ଅପାର ବଳିଦାନ ଏବଂ ଭାରତର ସ୍ୱାଧୀନତା ପାଇଁ ଅବିଚଳିତ ଦୃଢ଼ସଂକଳ୍ପରେ ପରିପୂର୍ଣ୍ଣ ଜୀବନକୁ ସ୍ମୃତିଚାରଣ କରି ମଥାନତ କରୁଛି। ନେତାଜୀଙ୍କ ଜୀବନ କେବଳ ଏକ ଐତିହାସିକ ଅଧ୍ୟାୟ ନୁହେଁ; ଏହା ଦେଶପ୍ରେମ, ନୈତିକ ସାହସ ଓ ନିର୍ଭୀକ ନେତୃତ୍ୱର ଏକ ଶାଶ୍ୱତ ଦୃଷ୍ଟାନ୍ତ। ଯୁବାବସ୍ଥାରୁ, ନେତାଜୀ ଏକ ବିରଳ ନୈତିକ ତୀବ୍ରତାର ପରିଚୟ ଦେଇଥିଲେ। ବ୍ୟକ୍ତିଗତ ଆରାମ, ସାଂସାରିକ ମହତ୍ତ୍ୱାକାଂକ୍ଷା ଏବଂ ଭାରତୀୟ ପ୍ରଶାସନିକ ସେବାରେ ଏକ ମର୍ଯ୍ୟାଦାପୂର୍ଣ୍ଣ କ୍ୟାରିଅରକୁ ପରିତ୍ୟାଗ କରି, ସେ ନିଜକୁ ସମ୍ପୂର୍ଣ୍ଣ ଭାବେ ଦେଶମାତୃକାର ସ୍ୱାଧୀନତା ସଂଗ୍ରାମ ପାଇଁ ଉତ୍ସର୍ଗ କରିଥିଲେ। ତାଙ୍କ ପାଇଁ ସ୍ୱାଧୀନତା କେବଳ ଏକ ରାଜନୈତିକ ଲକ୍ଷ୍ୟ ନୁହେଁ, ବରଂ ଏକ ପବିତ୍ର କର୍ତ୍ତବ୍ୟ ଥିଲା, ଯାହା ଶୃଙ୍ଖଳା, ନିର୍ଭୀକତା ଓ ସର୍ବସ୍ୱ ତ୍ୟାଗ ପାଇଁ ଅଦମ୍ୟ ଆହ୍ୱାନ ଜଣାଉଥିଲା।

୧୯୩୯ ମସିହାରେ ଭାରତର ମହାନ ସୁପୁତ୍ର ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଦ୍ୱାରା ଲିଖିତ ଏକ ବାର୍ତ୍ତାରୁ ନେତାଜୀଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଗଭୀର ଅନ୍ତର୍ଦୃଷ୍ଟି ମିଳେ। ସେହି ଅସାଧାରଣ ଶ୍ରଦ୍ଧାଞ୍ଜଳିରେ ଗୁରୁଦେବ ସୁଭାଷ ଚନ୍ଦ୍ର ବୋଷଙ୍କୁ 'ଦେଶନାୟକ' ଓ 'ରାଷ୍ଟ୍ର ନେତା' ଭାବେ ସମ୍ବୋଧନ କରି, ତାଙ୍କ ନେତୃତ୍ୱକୁ ଉଚ୍ଚ ସମ୍ମାନ ଜଣାଇଥିଲେ। ଏହି ସମ୍ବୋଧନ କେବଳ ଏକ ସାହିତ୍ୟିକ ପ୍ରଶଂସା ନୁହେଁ, ବରଂ ନେତାଜୀଙ୍କ ଐତିହାସିକ ଭୂମିକାର ଏକ ଗଭୀର ସ୍ୱୀକୃତି ଥିଲା। ଗୁରୁଦେବ ଟାଗୋର ଏହା ଉଲ୍ଲେଖ କରିଥିଲେ ଯେ, ସଙ୍କଟ ସମୟରେ ଯେକୌଣସି ଦେଶକୁ ଏପରି ଜଣେ ପ୍ରେରଣାଦାୟକ ଓ ସାହସୀ ନେତାଙ୍କ ଆବଶ୍ୟକତା ରହିଥାଏ, ଯିଏ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରି ନିଜ ଦୃଢ଼ ସାମର୍ଥ୍ୟ ସହ ଜନସାଧାରଣଙ୍କ ନେତୃତ୍ୱ ନେଇପାରିବେ। ନେତାଜୀଙ୍କଠାରେ, ସେହି ସାହସ, ଦୂରଦୃଷ୍ଟି ଓ ନୈତିକ ଶକ୍ତିର ବିରଳ ମିଶ୍ରଣ ସେ ଦେଖିଥିଲେ।

ନେତାଜୀଙ୍କ ଯାତ୍ରା କଷ୍ଟକର ନିଷ୍ପତ୍ତି ଓ ଏକାକୀ ଦୃଢ଼ସଂକଳ୍ପରେ ପରିପୂର୍ଣ୍ଣ ଥିଲା। ଯେତେବେଳେ ପାରମ୍ପରିକ ପଥଗୁଡ଼ିକ ସ୍ୱାଧୀନତା ହାସଲ ପାଇଁ ଅପର୍ଯ୍ୟାପ୍ତ ମନେ ହେଉଥିଲା, ସେ ନିଜେ ନିଜର ପଥ ପ୍ରସ୍ତୁତ କରିଥିଲେ। ଆଜାଦ ହିନ୍ଦ ଫୌଜ ମାଧ୍ୟମରେ ସେ ସ୍ୱାଧୀନତା ସଂଗ୍ରାମକୁ ଏକ ଅନ୍ତର୍ଜାତୀୟ ଆନ୍ଦୋଳନରେ ପରିଣତ କରିଥିଲେ। ସେ ଦୃଢ଼ତାର ସହିତ କହିଥିଲେ, ''ପୃଥିବୀରେ ଏପରି କୌଣସି ଶକ୍ତି ନାହିଁ ଯାହା ଆମକୁ ଆମର ଜନ୍ମସିଦ୍ଧ ସ୍ୱାଧୀନତା ଅଧିକାରରୁ ଆଉ ବଞ୍ଚିତ କରିପାରିବ।'' ଏହି ବିଶ୍ୱାସ ଆଜାଦ ହିନ୍ଦ ଫୌଜରେ ଦୃଢ଼ ଭାବେ ଦେଖିବାକୁ ମିଳିଥିଲା।

ନେତାଜୀଙ୍କ ଉତ୍ସାହପୂର୍ଣ୍ଣ ଆହ୍ୱାନ ଥିଲା- ''ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି''। ତାଙ୍କର ଦୃଢ଼ ବିଶ୍ୱାସ ଥିଲା- ''ସ୍ୱାଧୀନତା ସହଜରେ ମିଳେ ନାହିଁ; ଏହାକୁ ହାସଲ କରିବାକୁ ପଡ଼େ''। ଏହି ସିଦ୍ଧାନ୍ତରୁ ସଂଘର୍ଷ ଓ ସର୍ବୋଚ୍ଚ ବଳିଦାନ ମାଧ୍ୟମରେ ସ୍ୱାଧୀନତା ଅର୍ଜନ କରିବାକୁ ପଡ଼ିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ପ୍ରତିଫଳିତ ହୋଇଥିଲା।

ସାହସ ଓ ଆତ୍ମସମ୍ମାନ ଉପରେ ଆଧାରିତ ନେତାଜୀଙ୍କ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ, ଭାରତର ସମସ୍ତ ଅଞ୍ଚଳ ଓ ସମ୍ପ୍ରଦାୟରେ, ବିଶେଷକରି ଦେଶର ଦକ୍ଷିଣ ଅଞ୍ଚଳର ଲୋକଙ୍କ ମଧ୍ୟରେ ଏବଂ ତାମିଲମାନଙ୍କ ମଧ୍ୟରେ ଗଭୀର ଭାବରେ ପ୍ରତିଧ୍ୱନିତ ହୋଇଥିଲା। ନେତାଜୀ ଓ ତାମିଲ ଲୋକଙ୍କ ମଧ୍ୟରେ ଏହି ଗଭୀର ଭାବପ୍ରବଣ ଓ ବୈଚାରିକ ସମ୍ପର୍କ ଆଜାଦ ହିନ୍ଦ ଫୌଜ ଏବଂ ବୃହତ ସ୍ୱାଧୀନତା ଆନ୍ଦୋଳନ ପାଇଁ ସମର୍ଥନର ସବୁଠାରୁ ଦୃଢ଼ ସ୍ତମ୍ଭ ମଧ୍ୟରୁ ଅନ୍ୟତମ ହୋଇପାରିଥିଲା। ନେତାଜୀଙ୍କ ଲୋକପ୍ରିୟତା କେବଳ ମାଡ୍ରାସ ପ୍ରେସିଡେନ୍ସିରେ ବୃଦ୍ଧି ପାଇ ନଥିଲା ବରଂ ବିଦେଶରେ ମଧ୍ୟ ବ୍ୟାପିଗଲା, ଯାହା ମଲାୟା, ବର୍ମା ଓ ସିଙ୍ଗାପୁରର ତାମିଲ ସମ୍ପ୍ରଦାୟଙ୍କ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥିଲା। ୧୯୨୦ ଦଶକର ପ୍ରାରମ୍ଭରୁ, ନେତାଜୀ ଭାରତୀୟ ଜାତୀୟ ଆନ୍ଦୋଳନ ମଧ୍ୟରେ ମାଡ୍ରାସ ପ୍ରେସିଡେନ୍ସିର ରାଜନୈତିକ ଗୁରୁତ୍ୱକୁ ସ୍ୱୀକାର କରିଥିଲେ। ଜଣେ କଂଗ୍ରେସ ସଂଗଠକ ଏବଂ ଜାତୀୟ ନେତା ଭାବରେ, ସେ ଏହି ଅଞ୍ଚଳର ରାଜନୈତିକ କର୍ମୀ ଓ ନେତାମାନଙ୍କ ସହିତ ଘନିଷ୍ଠ ଭାବରେ ଜଡ଼ିତ ଥିଲେ। ସେ ଏହାକୁ ଏକ ସର୍ବଭାରତୀୟ ସଂଘର୍ଷର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ଦେଖୁଥିଲେ।

ନେତାଜୀଙ୍କର ମାଡ୍ରାସ (ବର୍ତ୍ତମାନର ଚେନ୍ନାଇ) ଏବଂ ପ୍ରେସିଡେନ୍ସିର ଅନ୍ୟାନ୍ୟ କେନ୍ଦ୍ରକୁ ଗସ୍ତ ସମୟରେ ବଡ଼ ବଡ଼ ସାଧାରଣ ସଭା ଆୟୋଜନ ହେଉଥିଲା ଏବଂ ତାଙ୍କୁ ଉତ୍ସାହପୂର୍ଣ୍ଣ ସ୍ୱାଗତ କରାଯାଉଥିଲା। ବିଶେଷକରି ଛାତ୍ର ଓ ରାଜନୈତିକ ସଚେତନ ଯୁବପିଢ଼ିଙ୍କ ମଧ୍ୟରେ ସେ ଅଧିକ ପ୍ରଭାବ ପକାଇପାରିଥିଲେ। ତାଙ୍କ ଭାଷଣଗୁଡ଼ିକରେ ପୂର୍ଣ୍ଣ ସ୍ୱାଧୀନତା, ଶୃଙ୍ଖଳା ଓ ଜାତୀୟ ପୁନଃଜାଗରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ତାମିଲ ଲୋକଙ୍କ ସହିତ ତାଙ୍କର ସମ୍ପର୍କକୁ ଆହୁରି ଦୃଢ଼ କରିଥିଲା। ୩ ସେପ୍ଟେମ୍ବର ୧୯୩୯ରେ


ସି. ପି. ରାଧାକୃଷ୍ଣନ
ଉପରାଷ୍ଟ୍ରପତି

ନେତାଜୀ ମାଡ୍ରାସ ସେଣ୍ଟ୍ରାଲ୍ ଷ୍ଟେସନରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ଆଇନଜୀବୀ ଓ ସ୍ୱାଧୀନତା ସଂଗ୍ରାମୀ ଏସ୍. ଶ୍ରୀନିବାସ ଆୟେଙ୍ଗାର ଓ ପାସୁମ୍ପନ୍ ୟୁ. ମୁଥୁରାମଲିଙ୍ଗ ତେୱରଙ୍କ ସମେତ ଅନ୍ୟ ସମର୍ଥକମାନେ ସ୍ୱାଗତ କରିଥିଲେ। ସେଠାରୁ ତାଙ୍କୁ ଏକ ଖୋଲା ଜିପ୍‌ରେ ସିଭିଲ୍ ଇଞ୍ଜିନିଅର ଏସ୍. ପି. ଆୟାସ୍ୱାମୀ ମୁଦାଲିଆରଙ୍କ ବାସଭବନ 'ଦି ପିକ୍'କୁ ନିଆଯାଇଥିଲା ଏବଂ ତାଙ୍କ ପଛରେ ସମର୍ଥକଙ୍କ ଏକ ଜନସମୁଦ୍ର ଆସିଥିଲା। ସେହି ସନ୍ଧ୍ୟାରେ, ସେ ମରିନା ବିଚ୍‌ରେ ଏକ ବିଶାଳ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ।

ଏହି ଗସ୍ତ ସମୟରେ, ନେତାଜୀଙ୍କ ଜଣେ ଘନିଷ୍ଠ ସହଯୋଗୀ ପାସୁମ୍ପନ୍ ୟୁ. ମୁଥୁରାମଲିଙ୍ଗ ତେୱର ତାମିଲନାଡୁର ଫରୱାର୍ଡ ବ୍ଲକ୍‌ର ଜଣେ ପ୍ରମୁଖ ନେତା ଭାବରେ ଉଭା ହୋଇଥିଲେ। ତାଙ୍କୁ ପ୍ରାୟତଃ 'ଦକ୍ଷିଣର ବୋଷ' ଭାବରେ ବିବେଚନା କରାଯାଏ। ସେ ଆଜାଦ ହିନ୍ଦ ଫୌଜ ପାଇଁ ତାମିଲଙ୍କ ସମର୍ଥନ ସଂଗ୍ରହ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ 'ନେତାଜୀ' ନାମକ ଏକ ତାମିଲ ସାପ୍ତାହିକ ପତ୍ରିକା ମଧ୍ୟ ଆରମ୍ଭ କରିଥିଲେ।

ଆଜାଦ ହିନ୍ଦ ଫୌଜ ପ୍ରତି ତାମିଲ ଅବଦାନର ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ଥିଲା ଏହାର ନିଯୁକ୍ତିପ୍ରାପ୍ତ ସୈନିକମାନଙ୍କର ବ୍ୟାପକ ଭୌଗୋଳିକ ପ୍ରସାର। ସେମାନଙ୍କ ମଧ୍ୟରେ ଥିଲେ ପେନାଙ୍ଗର ଜଣେ ବାଳକ ରାମୁ ତେୱର। ତାଙ୍କର ମୂଳ ଘର ଥିଲା ମାଡ୍ରାସ ପ୍ରେସିଡେନ୍ସିର ରାମନାଦରେ। ପ୍ରାୟ ଚଉଦ ବର୍ଷ ବୟସରେ ସେ ନେତାଜୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଜାଦ ହିନ୍ଦ ଫୌଜରେ ଯୋଗ ଦେଇଥିଲେ ଏବଂ ପରେ ତାଙ୍କୁ ଗୁପ୍ତଚର ଦାୟିତ୍ୱ ଦିଆଯାଇଥିଲା। ଭାରତରେ ପହଞ୍ଚିବାକୁ ଚେଷ୍ଟା କରୁଥିବା ସମୟରେ ଗିରଫ କରି ତାଙ୍କୁ ଆଲିପୁର ଜେଲରେ ବନ୍ଦୀ କରାଯାଇଥିଲା। ସେ ତାଙ୍କ ମାଆଙ୍କୁ ଲେଖିଥିବା ଚିଠିଗୁଡ଼ିକରେ ଅତ୍ୟନ୍ତ କଷ୍ଟକର ଜୀବନ ଏବଂ ଅଟଳ ଦେଶପ୍ରେମର କଥା ବର୍ଣ୍ଣନା ରହିଥିଲା।

୧୯୪୪ ମସିହାରେ ମାଡ୍ରାସ ଜେଲରେ ତାଙ୍କ ଫାଶୀଦଣ୍ଡ ବିଷୟରେ ତାଙ୍କ ମାଆ ଜାଣିପାରି ନଥିଲେ ଏବଂ ୧୯୪୮ ପର୍ଯ୍ୟନ୍ତ ତାଙ୍କୁ ଚିଠି ଲେଖି ଚାଲିଥିଲେ। ରାମୁ ତେୱର ମାତ୍ର ଅଠର ବର୍ଷ ବୟସରେ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିଲେ। ଆଉ ଜଣେ ବିଶିଷ୍ଟ ବ୍ୟକ୍ତି ଥିଲେ ବର୍ମାର ଜଣେ ତାମିଲ ଲେଫ୍‌ଟନାଣ୍ଟ ଆର. ମାଧବନ ପିଲ୍ଲାଇ, ଯିଏକି ଆଜାଦ ହିନ୍ଦ ଫୌଜରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୨୪ ପରାକ୍ରମ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ସମ୍ବର୍ଦ୍ଧିତ କରିବା ଉତ୍ସାହଜନକ ଥିଲା।

ନେତାଜୀଙ୍କ ଆହ୍ୱାନ ଭାରତୀୟ ମହିଳାଙ୍କ ସାହସକୁ ମଧ୍ୟ ଜାଗ୍ରତ କରିଥିଲା। ୧୯୪୩ ମସିହାରେ ସିଙ୍ଗାପୁରର ପାଡାଙ୍ଗରେ ଏକ ଉତ୍ସାହଜନକ ଭାଷଣରେ, ସେ ମହିଳାମାନଙ୍କୁ ଏହି ସଂଗ୍ରାମରେ ଯୋଗଦେବାକୁ ଆହ୍ୱାନ କରିଥିଲେ। ଏହା ସହ ଘୋଷଣା କରିଥିଲେ ଯେ, ଏମାନେ ନିଶ୍ଚିତ ଭାବରେ ଏକ ପ୍ରକୃତ ବିପ୍ଳବୀ ସେନା ହେବେ। ତାଙ୍କର ବକ୍ତବ୍ୟ ମାଲ୍ୟାରେ ତାମିଲ ଭାରତୀୟ ମହିଳାମାନଙ୍କୁ ଗଭୀର ଭାବରେ ଆକର୍ଷିତ କରିଥିଲା, ଯେଉଁମାନଙ୍କ ମଧ୍ୟରୁ ଅନେକ ରବର ବଗିଚାରେ କଷ୍ଟ ସହିଥିଲେ। କେବେ ହେଲେ ଭାରତକୁ ଦେଖି ନଥିଲେ ମଧ୍ୟ ପ୍ରାୟ ଏକ ହଜାର ମହିଳା ଝାନ୍‌ସୀ ରାଣୀ ରେଜିମେଣ୍ଟ ପାଇଁ ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟ କରିଥିଲେ।

କ୍ୟାପ୍ଟେନ ଲକ୍ଷ୍ମୀ ସହଗଲଙ୍କ ସାହସିକତାକୁ ବହୁଳ ଭାବରେ ସ୍ୱୀକୃତି ଦିଆଯାଇଥିଲେ ମଧ୍ୟ, ଜାନକୀ ତେୱର, ଅଞ୍ଜଲାଇ ପୋନୁସାମି ଓ ରସମ୍ମା ଭୂପାଳନଙ୍କ ଅବଦାନ ମଧ୍ୟ ସମାନ ଭାବରେ ପ୍ରେରଣାଦାୟକ। ଜାନକୀ ତେୱର ଯେତେବେଳେ ପ୍ରଥମେ ନେତାଜୀଙ୍କ କଥା ଶୁଣିଥିଲେ, ସେତେବେଳେ ତାଙ୍କୁ ମାତ୍ର ଚଉଦ ବର୍ଷ ହୋଇଥିଲା। ଏହି ବୟସରେ ସେ ତାଙ୍କର ହୀରା କାନଫୁଲ ଆଜାଦ ହିନ୍ଦ ଫୌଜକୁ ଦାନ କରିଥିଲେ ଏବଂ ପରେ ସେ ଝାନ୍‌ସୀ ରାଣୀ ରେଜିମେଣ୍ଟରେ ଏକ ବରିଷ୍ଠ ନେତୃତ୍ୱ ପଦରେ ଅଧିଷ୍ଠିତ ହୋଇଥିଲେ। ଭାରତର ସବୁଠାରୁ କନିଷ୍ଠ ମହିଳା ଗୁପ୍ତଚର କର୍ମଚାରୀଙ୍କ ମଧ୍ୟରୁ ଜଣେ ଭାବରେ ପରିଚିତ, ସରସ୍ୱତୀ ରାଜମଣି ଷୋହଳ ବର୍ଷ ବୟସରେ ଆଜାଦ ହିନ୍ଦ ଫୌଜରେ ଯୋଗ ଦେଇଥିଲେ ଏବଂ ସ୍ୱତନ୍ତ୍ର ଭାବେ ସେବା କରିଥିଲେ। ନେତାଜୀଙ୍କ ସମାନତାବାଦୀ ଦୃଷ୍ଟିକୋଣ ସହିତ ମହିଳାମାନେ ପୁରୁଷମାନଙ୍କ ସହିତ ତାଲିମ ପାଇଥିଲେ ଏବଂ ସେବା କରିଥିଲେ। ଏଥିରେ ଜାତିଗତ ବିଭାଜନକୁ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା।

ଏହି ନେତାମାନଙ୍କ ସହିତ ରାମନାଥପୁରମ, ତିରୁନେଲଭେଲି, ମଦୁରାଇ, ଶିବଗଙ୍ଗା, ତିରୁଚିରାପଲି ଓ କୁଡ଼ାଲୋରର ଅଗଣିତ ତାମିଲ ସୈନିକ ଓ ଶ୍ରମିକ ଠିଆ ହୋଇଥିଲେ, ଯେଉଁମାନେ ମଲୟ, ବର୍ମା ଓ ସିଙ୍ଗାପୁରରୁ ନେତାଜୀଙ୍କ ଆହ୍ୱାନକୁ ସମର୍ଥନ କରିଥିଲେ। ଏହି ବିପୁଳ ସମର୍ଥନରେ ଗଭୀର ଭାବରେ ପ୍ରଭାବିତ ହୋଇ, ନେତାଜୀ ମନ୍ତବ୍ୟ ଦେଇଥିଲେ ଯେ, ଯଦି ତାଙ୍କର ପୁନର୍ବାର ଜନ୍ମ ହୁଏ, ତେବେ ସେ ଜଣେ ତାମିଲ ଭାବେ ଜନ୍ମ ହେବାକୁ ଚାହିଁବେ।

ନେତାଜୀ ଏକ ବିରଳ ଜାତୀୟ ନେତାଙ୍କ ଶ୍ରେଣୀର ଥିଲେ, ଯେଉଁମାନେ ବୌଦ୍ଧିକ ଗଭୀରତା ଓ ନିର୍ଭୀକ କାର୍ଯ୍ୟକୁ ମିଶ୍ରଣ କରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ, ରାଜନୈତିକ ସ୍ୱାଧୀନତା କେବଳ ଆରମ୍ଭ; ବୃହତ୍ କାର୍ଯ୍ୟ ହେଉଛି ଏକ ଶକ୍ତିଶାଳୀ, ଅଖଣ୍ଡ ଓ ସ୍ୱାବଲମ୍ବୀ ଭାରତ ନିର୍ମାଣ କରିବା ଯାହା ସମସ୍ତଙ୍କ ପାଇଁ ମର୍ଯ୍ୟାଦା ଓ ନ୍ୟାୟ ସୁନିଶ୍ଚିତ କରିବ। ତାମିଲ ଲୋକଙ୍କ ସହିତ ତାଙ୍କର ବିଶେଷ ସମ୍ପର୍କ କେତେକ ବାସ୍ତବତାକୁ ଦୃଢ଼ ଭାବେ ସ୍ମରଣ କରାଇ ଦେଇଥାଏ। ଏହି ବାସ୍ତବତା ହେଉଛି, ବିଭିନ୍ନ ଅଞ୍ଚଳ, ସମ୍ପ୍ରଦାୟ ଓ ଅଗଣିତ ଅଜ୍ଞାତ ନାୟକଙ୍କ ସହଭାଗୀ ବଳିଦାନ ମାଧ୍ୟମରେ ଭାରତର ସ୍ୱାଧୀନତା ସମ୍ଭବ ହୋଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିରନ୍ତର ଭାବରେ ଉପନିବେଶବାଦୀ ମାନସିକତାକୁ ପରିତ୍ୟାଗ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ଭାରତର ମୂଲ୍ୟବୋଧ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ମାନ ଦେବା ତଥା ମନ ଓ ଆତ୍ମାରେ ପ୍ରକୃତ ସ୍ୱାଧୀନତା ଦିଗରେ ଅଗ୍ରସର ହେବା ଉପରେ ଜୋର ଦେଇଛନ୍ତି। ଏହା ସେହି ଆଦର୍ଶ ଯାହା ପାଇଁ ନେତାଜୀ ବଞ୍ଚିଥିଲେ ଏବଂ ସଂଘର୍ଷ କରିଥିଲେ। ସରକାର ନେତାଜୀଙ୍କ ଜନ୍ମବାର୍ଷିକୀକୁ ପରାକ୍ରମ ଦିବସ ଭାବରେ ପାଳନ କରିବା, ତାଙ୍କ ସମ୍ମାନାର୍ଥେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଐତିହାସିକ ଦ୍ୱୀପପୁଞ୍ଜଗୁଡ଼ିକର ନାମକରଣ ଏବଂ କର୍ତ୍ତବ୍ୟ ପଥଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଦ୍ୱାରା ଏହି ଦୃଷ୍ଟିକୋଣ ପ୍ରତିଫଳିତ ହୋଇଥାଏ। ଏସବୁ ନେତାଜୀଙ୍କର ଅତୁଳନୀୟ ଅବଦାନର ଜାତୀୟ ପ୍ରମାଣ ଭାବରେ ଦଣ୍ଡାୟମାନ ହୋଇଛି।

ନେତାଜୀ ଥରେ କହିଥିଲେ, ''ଜଣେ ବ୍ୟକ୍ତି ଏକ ବିଚାର ପାଇଁ ମୃତ୍ୟୁବରଣ କରିପାରେ, କିନ୍ତୁ ସେହି ବିଚାର, ତାଙ୍କ ମୃତ୍ୟୁ ପରେ, ହଜାର ହଜାର ଜୀବନକୁ ପ୍ରଭାବିତ କରିବ।'' ଯେତେବେଳେ ଦେଶ ପରାକ୍ରମକୁ ପ୍ରଗତିରେ ପରିଣତ କରିବା ପାଇଁ ଏକ ସାମୂହିକ ସଙ୍କଳ୍ପ ସହିତ ଆଗକୁ ବଢ଼ୁଛି ସେହି ସମୟରେ କେବଳ ସ୍ମୃତିରେ ନୁହେଁ, ବରଂ କାର୍ଯ୍ୟରେ ତାଙ୍କର ଆଦର୍ଶ ଭାରତକୁ ମାର୍ଗଦର୍ଶନ କରିଚାଲିଛି।

# ମାନବ ସମାଜକୁ ବିକଳାଙ୍ଗ କରିବ ପ୍ରଦୂଷଣ

ଚରମ କ୍ଷତିକାରକ ପ୍ରଦୂଷଣ ପାଖରେ ଆମେ କ'ଣ ଆତ୍ମସମର୍ପଣ କରିବା? ବର୍ତ୍ତମାନ ପ୍ରଦୂଷଣ ଯେପରି ଭୟଙ୍କର ରୂପ ନେଲାଣି, ସେଥିପାଇଁ ଆମେ ସଚେତନ ନୁହେଁ କି ସମାଜ ମଧ୍ୟ ସଚେତନ ନୁହେଁ। ପ୍ରଦୂଷଣ ଯେତେବେଳେ ଏକ ଭୟଙ୍କର ଅବସ୍ଥା ସୃଷ୍ଟି କରିବ, ଆମେ ତାହା କିପରି ଭାବରେ ସହ୍ୟ କରିବା! ଏହାର ପ୍ରତିକାର କ'ଣ କିଛି ନାହିଁ? କିନ୍ତୁ ଆମେ କରୁଛେ କ'ଣ? ସବୁ ଜାଣିଶୁଣି ମଧ୍ୟ ଏତେବଡ଼ ବିପଦକୁ ଆମନ୍ତ୍ରଣ କରୁଛେ। ପ୍ରଦୂଷଣ ଯେଉଁପ୍ରକାର ରୂପ ନେଲାଣି, ତାହା କରୋନା ମହାମାରୀ ଠାରୁ ଯେ ଆହୁରି ଅଧିକ ଭୟଙ୍କର ହୋଇପଡ଼ିବ, ଏ କଥାକୁ ଆମେ ଏ ପର୍ଯ୍ୟନ୍ତ ବୁଝିନାହେଁ।

କରୋନା ମହାମାରୀର ଶିକାର ହେଲା ସମଗ୍ର ବିଶ୍ୱ। ପ୍ରତ୍ୟେକ ଦେଶ ଆତଙ୍କରେ ଥରି ଉଠିଲେ। ଏହାର ପ୍ରତିକାର କିଭଳି ହେବ, ସେଥିପାଇଁ ସେମାନେ ଆତଙ୍କିତ ହୋଇ ଆର୍ତ୍ତ ଚିତ୍କାର କଲେ। ଭାରତବର୍ଷର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସମଗ୍ର ଦେଶକୁ ସତର୍କ କରି କହିଲେ, 'ଏ ହେଉଛି ଚରମ ବିପତ୍ତିର ସମୟ। ଏଥିପ୍ରତି ଡରି ଯାଅ ନାହିଁ; ବରଂ ସାହାସ ସଂଚୟ କର। ସେ ବିଶେଷ ଭାବରେ ଡାକ୍ତର ଓ ତତ୍ ସଂପର୍କିତ କର୍ମଚାରୀମାନଙ୍କୁ ପ୍ରଥମ ଧାଡ଼ିର ଯୋଦ୍ଧା ଭାବରେ ଘୋଷଣା କରି ସେମାନଙ୍କୁ କହିଲେ, 'ତୁମେମାନେ ରକ୍ଷା କର ଏ ସମାଜକୁ, ରକ୍ଷା କର ଏ ଦେଶକୁ। ଡାକ୍ତର, ସେବିକା, ସେବକ ସମସ୍ତେ ପ୍ରସ୍ତୁତ ହୋଇଗଲେ। ଟଳିଗଲା ସେ ସଙ୍କଟ। ଥରେ ଚିନ୍ତା କରନ୍ତୁ ତ, କେତେ କଷ୍ଟରେ ଆମେ ସେ ପ୍ରକାର ଭୟଙ୍କର ମହାମାରୀରୁ ରକ୍ଷା ପାଇଲେ! ଏହାର ଡର ଲୋକମାନଙ୍କ ମନରୁ ଏ ଯାଏ ଯାଇ ନାହିଁ। ତାହା ଠାରୁ ଆହୁରି ଅଧିକ ଭୟଙ୍କର ଯେଉଁ ପ୍ରଦୂଷଣ, ସେଥିରୁ ରକ୍ଷା ପାଇବା ପାଇଁ ପ୍ରତିକାର କ'ଣ? ଆମେ କ'ଣ ତାହା ରୋକି ପାରିବା ନାହିଁ! ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ସ୍ଥଳ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ ଆଦି ନାନା ପ୍ରକାର ପ୍ରଦୂଷଣ ଭୀଷଣ ରୂପ ନେଇ ମାଡ଼ି ଆସୁଛି। ଆମମାନଙ୍କ ଭିତରୁ କେତେକ ବ୍ୟକ୍ତି ନିଜର କ୍ଷଣିକ ଆନନ୍ଦ ପାଇଁ ପ୍ରଦୂଷଣକୁ ବେଖାତିର କରି ବିପଦକୁ ଆହ୍ୱାନ କରୁଛନ୍ତି। ଏହା ଯେ କରାଳ ରୂପ ନେଇ କାଳ ଭାବରେ ଆମ ପଛେପଛେ ଧାଇଁ ଚାଲିଛି, ସେଥିପ୍ରତି ଆମମାନଙ୍କର ଚିନ୍ତା ନାହିଁ।

ବିଗତ ଦୀପାବଳି ଉତ୍ସବ ସମୟରେ ଯେତେ ସଚେତନତା ସୃଷ୍ଟି କଲେ ସୁଦ୍ଧା ଏବଂ ପରିବେଶବିତ୍‌ମାନଙ୍କର ଆକୁଳ ନିବେଦନ ସତ୍ତ୍ୱେ ଏହାର ପ୍ରଭାବ କାହାରି ଉପରେ ପଡ଼ିଲା ନାହିଁ। ବେପରୁଆ ଭାବରେ ବାଣ ଫୁଟିଲା ରାତି ସାରା। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ସତ୍ତ୍ୱେ କେହି ତାକୁ ମାନିଲେ ନାହିଁ। ଏହାର ପ୍ରଭାବରେ ବାୟୁମଣ୍ଡଳ ଏତେ ମାତ୍ରାରେ ଦୂଷିତ ହୋଇଗଲା ଯେ ବାୟୁ ଗୁଣବତ୍ତା ସୂଚକାଙ୍କ 'ରେଡ୍ ଜୋନ୍' ଅଥବା 'ଅତ୍ୟନ୍ତ ଖରାପ' ବର୍ଗକୁ ଚାଲିଯାଇଥିଲା। ଏହା ଫଳରେ ବାୟୁମଣ୍ଡଳରେ ଥିବା ପିଏମ ୨.୫ ସୂକ୍ଷ୍ମ କଣିକାର ପରିମାଣ ବଢ଼ିଗଲା, ଯାହା ମଣିଷ ଆଖିକୁ ଦିଶେ ନାହିଁ ସିନା, ହେଲେ ମଣିଷ ଲାଗି ସବୁଠାରୁ ଅଧିକ କ୍ଷତିକାରକ। ଏହି ସୂକ୍ଷ୍ମ କଣିକା ଆମ ନିଃଶ୍ୱାସ-ପ୍ରଶ୍ୱାସରେ ପ୍ରବାହିତ ହୋଇ ଅନାୟାସରେ ଫୁସ୍‌ଫୁସ୍ ଭିତରକୁ ଯାଏ ଓ ରକ୍ତ ସ୍ରୋତରେ ମଧ୍ୟ ମିଶିଯାଏ, ଯାହା ଫଳରେ ଥଣ୍ଡା, କାଶ, ଯକ୍ଷ୍ମା ଭଳି ଫୁସ୍‌ଫୁସ୍ ରୋଗ ଠାରୁ ନେଇ ହୃଦ୍‌ରୋଗ ଏବଂ ବୃକ୍କ ରୋଗ ମଧ୍ୟ ସୃଷ୍ଟି କରିଥାଏ। ସେଥି ଲାଗି ଏବେ ଥଣ୍ଡା ଓ କାଶ ଆଦି ସହଜରେ ଭଲ ହେଉ ନାହିଁ; ସ୍ୱାସ୍ଥ୍ୟାବସ୍ଥା ଅନେକ ସମୟରେ ଜଟିଳ ସ୍ତରକୁ ଚାଲିଯାଉଛି। ଦୀପାବଳି ବେଳେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରାମର୍ଶକୁ ବେଖାତିର କରାଗଲା। ଦାୟିତ୍ୱହୀନ ଭାବରେ ବାଣ ଫୁଟାଇବାରେ କି ପ୍ରକାର ଆନନ୍ଦ! ପିଲାମାନଙ୍କୁ ଖୁସି କରିବା ଲାଗି ବାପାମା' ବାଣ ଫୁଟାଇଲେ; ହେଲେ ସେହି ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଆକ୍ରାନ୍ତ କଲା ଭଳି ବାୟୁ ପ୍ରଦୂଷଣ ସୃଷ୍ଟି କଲେ। ଏହା କି ପ୍ରକାର ଆନନ୍ଦ! ଏହାକୁ ପୈଶାଚିକ ଆନନ୍ଦ ବୋଲି କୁହାଯାଇପାରେ। ଏ ଭଳି କାର୍ଯ୍ୟ କରୁଥିବା ଲୋକେ ସେମାନଙ୍କ ଆଚରଣର ଭୟାବହତା ବାବଦରେ ଟିକିଏ ହେଲେ ଚିନ୍ତା କରୁନାହାନ୍ତି। ନିଜ ପରିବାର କଥା, ନିଜର ବୃଦ୍ଧ ପିତା, ମାତା ଓ ଭବିଷ୍ୟତ ପିଢ଼ି ଅର୍ଥାତ୍ ପୁଅ ନାତିମାନଙ୍କ କଥା ଟିକିଏ ହେଲେ ଚିନ୍ତା କରୁ ନାହାନ୍ତି। ଆଜି ସେଇ ପ୍ରଶ୍ନ ସମସ୍ତଙ୍କ ମୁଣ୍ଡକୁ ଘାରିଛି। ଖାଲି ଦୀପାବଳି ନୁହେଁ, ପ୍ରତି କ୍ଷେତ୍ରରେ ପ୍ରଦୂଷଣ ସୃଷ୍ଟି ହେଉଛି, ଅଥଚ ଆମେମାନେ ସଚେତନ ହେଉନାହେଁ।


ବିଶ୍ୱଭୂଷଣ ହରିଚନ୍ଦନ

ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସୂଚନାନୁଯାୟୀ, ବାୟୁ ଗୁଣବତ୍ତା ସୂଚକାଙ୍କ ଯଦି ୦(ଶୂନ୍ୟ)ରୁ ୫୦ ମଧ୍ୟରେ ରହୁଛି, ତାକୁ ଭଲ ବାୟୁ ବୋଲି କୁହାଯିବ। ଏହି ସୂଚକାଙ୍କ ୫୧ରୁ ୧୦୦ ମଧ୍ୟରେ ରହିଲେ ସନ୍ତୋଷଜନକ, ୧୦୧ରୁ ୨୦୦ ମଧ୍ୟରେ ରହିଲେ ମଧ୍ୟମ ଧରଣ, ୨୦୧ରୁ ୩୦୦ ମଧ୍ୟରେ ରହିଲେ ଖରାପ, ୩୦୧ରୁ ୪୦୦ ମଧ୍ୟରେ ରହିଲେ ଅତ୍ୟନ୍ତ ଖରାପ ଓ ୪୦୧ରୁ ୫୦୦ ମଧ୍ୟରେ ରହିଲେ ସ୍ଥିତି ଅତି ଜଟିଳ ବା ସଙ୍ଗିନ ବୋଲି ଧରିନିଆଯାଏ। ଏଇ କିଛି ଦିନ ତଳେ ଖବର ବାହାରିଲା ଯେ ଓଡ଼ିଶାର ୩ଟି ସହରର ବାୟୁ ପ୍ରଦୂଷଣରେ ଆମ ଦେଶର ସର୍ବାଗ୍ରେ। ଏଠି ବାୟୁ ସୂଚକାଙ୍କ ୩୦୦ ଉପରେ ଥିଲା ବୋଲି ଖବରକାଗଜଗୁଡ଼ିକ ଲେଖିଥିଲେ। ସେଥିରୁ ବାଲେଶ୍ୱର ସହରର ସ୍ଥିତି ଅତ୍ୟନ୍ତ ଖରାପ ଥିଲା। ଏହାର ବାୟୁ ସୂଚକାଙ୍କ ଥିଲା ୩୩୮। ଏହି ସ୍ଥିତି ବାଲେଶ୍ୱର ସମେତ ଓଡ଼ିଶାର ପ୍ରମୁଖ ସହରମାନଙ୍କରେ ମଧ୍ୟ ଦେଖିବାକୁ ମିଳିଥିଲା। ରାଜଧାନୀ ଭୁବନେଶ୍ୱର ଓ କଟକର ସ୍ଥିତି ମଧ୍ୟ ଖରାପ ଅବସ୍ଥାରେ ଥିଲା। ଏହିଭଳି ସ୍ଥିତି ଲାଗି ରହିଲେ ପରିସ୍ଥିତି ଅଣାୟତ୍ତ ହେବାକୁ ବସିବ। ବାୟୁମଣ୍ଡଳକୁ କିଭଳି ଭାବରେ ପ୍ରଦୂଷିତ କରାଯାଉଛି ଓ ତା'ର କିଭଳି ପ୍ରତିକାର କରାଯାଇପାରିବ, ସେଥିପାଇଁ କ'ଣ ଚିନ୍ତା କରିବାର ଆବଶ୍ୟକତା ନାହିଁ! ଏ ସମାଜକୁ ରକ୍ଷା କରିବା, ରାଜ୍ୟକୁ ରକ୍ଷା କରିବା, ଦେଶକୁ ରକ୍ଷା କରିବା, ମଣିଷ ସମାଜକୁ ରକ୍ଷା କରିବା କ'ଣ ଆମ ସମସ୍ତଙ୍କର କର୍ତ୍ତବ୍ୟ ନୁହେଁ! ଯେଉଁମାନେ ଅତି ଉଚ୍ଛୃଙ୍ଖଳ ହୋଇ ଏ ସମାଜକୁ ପ୍ରଦୂଷଣ ଦ୍ୱାରା ଆଚ୍ଛନ୍ନ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କୁ କ'ଣ ସେଥିରୁ ନିବୃତ୍ତ କରାଯାଇ ପାରିବ ନାହିଁ! ସେହିଭଳି ଭାବରେ ସରକାର ମଧ୍ୟ ଏ ସବୁକୁ ରୋକିବା ପାଇଁ କଠୋର ଆଇନ ପ୍ରଣୟନ କରିବା ଉଚିତ। ଯିଏ ଉକ୍ତ ଆଇନକୁ ଉଲ୍ଲଂଘନ କରିବ, ତାକୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ପାଇଁ ବ୍ୟବସ୍ଥା ରହିବାର ଆବଶ୍ୟକତା ରହିଛି। ଏହି ଦଣ୍ଡ ବିଧାନ ସମାଜକୁ ରକ୍ଷା କରିବା ପାଇଁ, ମଣିଷକୁ ରକ୍ଷା କରିବା ପାଇଁ। ସରକାର ଯେତେ ନିୟମ ଲାଗୁ କଲେ ସୁଦ୍ଧା ମଣିଷ ସତର୍କ ନ ହେଲେ ପ୍ରଦୂଷଣକୁ କଦାପି ରୋକିପାରିବ ନାହିଁ। ଏଥିପାଇଁ ସମାଜର ପ୍ରତ୍ୟେକ ନାଗରିକ ସଚେତନ ହେବା ଆବଶ୍ୟକ।

ସଚେତନ ନାଗରିକମାନେ ପ୍ରଦୂଷଣ ବିରୋଧରେ ମୁହଁ ଖୋଲନ୍ତୁ ଏବଂ ଏହାକୁ କଠୋର ଭାବରେ ବିରୋଧ କରନ୍ତୁ। ଏଥି ପାଇଁ ସାହସ ସଂଚୟ କରନ୍ତୁ। କିଛି ଉଚ୍ଛୃଙ୍ଖଳ ବ୍ୟକ୍ତି ବର୍ଜ୍ୟ ବସ୍ତୁକୁ ଉପଯୁକ୍ତ ସ୍ଥାନରେ ନ ପକାଇ ଯେ କୌଣସି ସ୍ଥାନରେ ଫୋପାଡ଼ି ଦେଇ ପରିବେଶକୁ ନଷ୍ଟଭ୍ରଷ୍ଟ କରୁଛନ୍ତି। ସେମାନେ ନିଜର ଭବିଷ୍ୟତ ବଂଶଧରଙ୍କ ମୁହଁକୁ ଚାହାନ୍ତି ନାହିଁ। ତେଣୁ ସେମାନଙ୍କ ପାଇଁ ଦୟାମାୟା କ'ଣ? ଏହିଭଳି ବ୍ୟକ୍ତିମାନଙ୍କୁ ଦୃଢ଼ ଭାବରେ ଦମନ କରାଯାଉ। ଏହି ସଂକଟ ସମୟରେ ଆମର ପୂର୍ବସୂରୀମାନଙ୍କ କଥା ଟିକେ ମନେ ପକାନ୍ତୁ। ସେତେବେଳେ ସବୁ ବୃଦ୍ଧବୃଦ୍ଧା ବୃକ୍ଷ ରୋପଣ କରୁଥିଲେ। ସେ ଯେଉଁ ବୃକ୍ଷ ରୋପଣ କରୁଥିଲେ କ'ଣ ତା'ର ଫଳ ଖାଇବା ପାଇଁ! ତାହା ନୁହେଁ। ସେ ବୃକ୍ଷ ରୋପଣ କରୁଥିଲେ ତାଙ୍କର ଭବିଷ୍ୟତ ବଂଶଧରମାନେ ତା'ର ଫଳ ପାଇପାରିବେ, ଗଛର ଛାଇ ପରିବେଶକୁ ଶୀତଳ ରଖିବା ସହ ପ୍ରଚୁର ମାତ୍ରାରେ ଅମ୍ଳଜାନ ପ୍ରଦାନ କରି ପରିବେଶକୁ ପ୍ରଦୂଷଣ ମୁକ୍ତ କରିବ। ବୃକ୍ଷର କାଠରେ ଘର ଓ ଘରର ଆବଶ୍ୟକ ସାମଗ୍ରୀ ହୋଇପାରିବ। ଥରେ ଚିନ୍ତା କରନ୍ତୁ ତ, ଏହା ତାଙ୍କର କେତେବଡ଼ କଳ୍ପନା ଥିଲା। ଏଥି ସହିତ ସେମାନେ ବୃକ୍ଷ ରୋପଣକୁ ଏକ ଧର୍ମ କାର୍ଯ୍ୟ ବୋଲି ବିଚାର କରୁଥିଲେ। ସମାଜରେ ଯେଉଁ କାର୍ଯ୍ୟକୁ ଧର୍ମ ସହିତ ସଂଶ୍ଳିଷ୍ଟ କରାଯାଏ, ତାକୁ ପ୍ରତ୍ୟେକ ବ୍ୟକ୍ତି ସମ୍ମାନର ସହିତ ମାନି ନେଇ କାର୍ଯ୍ୟ କରନ୍ତି। ସେହି ଦୃଷ୍ଟିରୁ ସେମାନେ ବୃକ୍ଷରୋପଣକୁ ଏକ ମହତ କାର୍ଯ୍ୟ ବୋଲି ମନେ କରୁଥିଲେ। ଆମର ଯୁବ ସମାଜ ସେମାନଙ୍କର ପିତାମହ ଅବା ପିତାମହୀମାନଙ୍କୁ ପ୍ରଶ୍ନ କରୁଥିଲେ ଯେ ଏତେ କଷ୍ଟ ସହ୍ୟ କରି ଏ ବୃକ୍ଷ ରୋପଣ କାହିଁକି କରୁଛନ୍ତି! କିନ୍ତୁ ସେହି ଯୁବ ସମାଜ ବୁଝୁନଥିଲେ ଯେ, ଏହି କାର୍ଯ୍ୟ ସେମାନଙ୍କର ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ କରାଯାଉଛି। ଭବିଷ୍ୟତର ବଂଶଧରମାନଙ୍କୁ ରକ୍ଷା କରିବା ପାଇଁ, ସମାଜକୁ ରକ୍ଷା କରିବା ପାଇଁ କରାଯାଉଛି। ଦେଶ, ରାଜ୍ୟ ଓ ସମାଜକୁ ରକ୍ଷା କରିବା ପାଇଁ ଆମର ପୂର୍ବଜମାନେ କରୁଥିବା ଭଳି ବୃକ୍ଷ ରୋପଣକୁ ଏକ ଧର୍ମ କାର୍ଯ୍ୟ ବୋଲି ମନେ କରି ସେଥିରେ ଲାଗିବା ଉଚିତ। ଏଥିପାଇଁ ସମଗ୍ର ଯୁବସମାଜ ଜାଗ୍ରତ ହେଉ ଓ ଆଗେଇ ଆସୁ। ବର୍ତ୍ତମାନ ଚାରିଆଡ଼େ ବିଭିନ୍ନ କଳକାରଖାନାମାନ ଗଢ଼ି ଉଠୁଛି। କଳକାରଖାନାମାନଙ୍କରୁ ନିର୍ଗତ ଧୂଆଁ ଓ ବର୍ଜ୍ୟବସ୍ତୁ ପରିବେଶ ତଥା ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି। ସେହି ବର୍ଜ୍ୟବସ୍ତୁ ନଦୀ ଜଳରେ ମିଶିବା ଯୋଗୁଁ ତାହା ଦୂଷିତ ହେଉଛି। ଉକ୍ତ ଜଳକୁ ବ୍ୟବହାର କରି ଲୋକେ ବିଭିନ୍ନ ପ୍ରକାର ରୋଗର ସମ୍ମୁଖୀନ ହେଉଛନ୍ତି। ଏଣୁ ପ୍ରଦୂଷଣ ଆଜି ଘୋର ଚିନ୍ତାର ବିଷୟ ପାଲଟିଛି। ଏହି ପ୍ରଦୂଷଣକୁ ଆମେ କିପରି ରୋକି ପାରିବା, ନିଜକୁ ଓ ସମାଜକୁ କିପରି ସୁରକ୍ଷା ଦେଇପାରିବା ତାହା ଏକ ବିରାଟ ପ୍ରଶ୍ନବାଚୀ। ସମାଜର ସଚେତନ ଜନସାଧାରଣ, ପରିବେଶବିତ୍ ଓ ସରକାର; ସମସ୍ତେ ଏଥି ପ୍ରତି ଧ୍ୟାନ ଦିଅନ୍ତୁ। ଆମେ ସଚେତନ ନ ହେଲେ ପ୍ରଦୂଷଣ ପାଖରେ ବାଧ୍ୟ ହୋଇ ଆତ୍ମ-ସମର୍ପଣ କରିବା, ଆମରି ସମାଜକୁ ନିଜ ହାତରେ ଧ୍ୱଂସ କରିଦେବା। ଆମର ଭବିଷ୍ୟତ ବଂଶଧରମାନଙ୍କ ଜୀବନକୁ ଦୁର୍ବିଷହ କରି ପକାଇବା। ଏ କଥା କେତେ ଦୂର ଯୁକ୍ତିସଂଗତ! ପରିବେଶକୁ ରକ୍ଷା କରିବା ପାଇଁ ସଚେତନତା ସୃଷ୍ଟି କରିବା ସହିତ ଉଚିତ ପଦକ୍ଷେପ ନେଇ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବାର ଚେଷ୍ଟା କରିବା ଉଚିତ। ଏଭଳି ହୋଇ ପାରିଲେ ଏକ ସୁସ୍ଥ ସମାଜ ଗଢ଼ି ଉଠିବ। ସତ୍ୟ, ଶିବ, ସୁନ୍ଦରର ଚିରସବୁଜ ବଣ, ଜଙ୍ଗଲ, ଝରଣା, ପାହାଡ଼ ପରିବେଷ୍ଟିତ ଆମର ଏ ପୃଥିବୀ, ଏ ଦେଶ ଓ ରାଜ୍ୟ ସ୍ୱଚ୍ଛ ହୋଇ ଉଠି ଶାନ୍ତିରେ ଜୀବନଯାପନ ଲାଗି ବାଟ ଖୋଲି ପାରିବ।

# ସେବା ଓ ସମର୍ପଣର ପ୍ରତୀକ ପାର୍ବତୀ ଗିରି

ଆଜି ଯେତେବେଳେ ଆମେ ସ୍ୱାଧୀନତା ସଂଗ୍ରାମର ଅଶ୍ରୁତ ବୀରାଙ୍ଗନାମାନଙ୍କ କଥା ମନେ ପକାଉଛୁ, ଶହେ ବର୍ଷ ତଳେ ଜନ୍ମଲାଭ କରିଥିବା ମହାପସୀ ପାର୍ବତୀ ଗିରିଙ୍କ ନାମ ସ୍ୱତଃ ହୃଦୟ ଦର୍ପଣରେ ପ୍ରତିବିମ୍ବିତ ହେଉଛି। ସ୍ଥାନ, କାଳ, ପାତ୍ର, ଲିଙ୍ଗ ଭେଦରୁ ଉପରକୁ ଉଠି ଜନସେବାରେ । ଆପଣାକୁ ସମର୍ପିତ କରିଥିବା ମା' ପାର୍ବତୀ ଗିରି ସମସ୍ତଙ୍କ ପାଇଁ ଉଦାହରଣ । ସେବାବ୍ରତ ହିଁ ଥିଲା ତାଙ୍କର କର୍ମ ଓ ଧର୍ମ ନିଜକୁ ଆଜୀବନ ଶିକ୍ଷା ଶିକ୍ଷାର୍ଥୀ ଭାବି ସେ ପଢୁଥିଲେ ନିଜକୁ ଓ ଗଢୁଥିଲେ ଅନ୍ୟକୁ । ନି ନିଃସ୍ୱାର୍ଥପର ଭାବରେ ପାର୍ବତୀ ଗିରି ଗଢ଼ି ଚାଲିଥିଲେ ସ୍ୱାବଲମ୍ବୀ ସମାଜ ସେବା ବା ଓ କରୁଣା ଥିଲା ତାଙ୍କର ଆଦର୍ଶ।

ତତ୍କାଳୀନ ସମ୍ବଲପୁର ଜିଲାର ସମଲାଇ ଇପଦର ଗ୍ରାମରେ ୧୦ ୧୯୨୬ ତା ଧନଞ୍ଜୟ ଗିରି ଓ ମାଆ ପାର୍ବତୀ ଗିରି । ମହାତ୍ମା ମସିହା ଜାନୁଆରୀ ୧୯ ତାରିଖରେ ପିତା ଧନ ଶ୍ରୀମତୀ ଦେବୀଙ୍କ କୋଳମ ।ଳମଣ୍ଡନ କରିଥିଲେ ପା ଗାନ୍ଧୀଙ୍କ ଅହିଂସା ନୀତି ଓ ଖଦି, ହରିଜନ ରିଜନ ସେବା, ରାଷ୍ଟ୍ରଭାଷା ଶିକ୍ଷା, ଗା-ସେବା, ମହୁଚାଷ ଆଦି ଗଡ ରଚନାତ୍ମକ କାର୍ଯ୍ୟକ୍ରମକୁ ଅବଲମ୍ବନ କରିବା ସହ ସେଥିରେ ଆତ୍ମନିର୍ଭରଶୀଳ । ହେବାକୁ ଅନ୍ୟମାନଙ୍କୁ ପ୍ରେରିତ କରିଥିଲେ । ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ଏଥିପାଇଁ ତାଙ୍କୁ ଦୁଇ ବର୍ଷ କାରାବରଣ କରିବାକୁ ପଡ଼ିଥିଲା । ଗରିବ ଓ ଅସହାୟମାନଙ୍କର ଆଶାର ପ୍ରତୀକ ଭାବେ ସେମାନଙ୍କ ସେବାରେ ନିଜକୁ ନିୟୋଜିତ ରଖୁବାର କର୍ମ ହିଁ ଥିଲା ତାଙ୍କ ଜୀବନର ପ୍ରତିବଦ୍ଧତା । ସାଧୀନତା ପରେ ତାଙ୍କ ପାଇଁ ରାଜନୀତି କ୍ଷେତ୍ରରେ ଅନେକ ସୁଯୋଗ ଥିଲେ ମଧ୍ୟ ସେ ସେସବୁକୁ ପ୍ରତ୍ୟାଖ୍ୟାନ କରି ନିଜକୁ ସମାଜ ସେବାରେ ସମର୍ପଣ କରିଦେଇଥିଲେ । ପ୍ରାପ୍ତି ନୁହେଁ ତ୍ୟାଗ ଥିଲା ତାଙ୍କ ଜୀବନର ଧେୟ ଧାନ ଓ ଧାରଣା।

ଭାରତରେ ଜନ୍ମିତ ମହାପୁରୁଷମାନଙ୍କ ପରାକାଷ୍ଠା ଏ ଜାତିକୁ ଦିଗ୍‌ଦର୍ଶନ ଦେଇଛି। ମହାତ୍ମାମାନେ ନରରୂପୀ ନାରାୟଣ, ଦରିଦ୍ରରୂପୀ ବାନଳନଙ୍କ ସେବା କରି ବିଶ୍ୱବନ୍ଦିତ ହୋଇଛନ୍ତି । ସେମାନଙ୍କ ପଦାଙ୍କ ଅନୁସରଣ କରି ପାର୍ବତୀ ଗିରି ସେହି ମୂଲ୍ୟବୋଧର ଦାହିକା କା ଭାବେ ଆଜୀବନ କାର୍ଯ୍ୟ କରିଛନ୍ତି । ସହଜ ଓ ସରଳ ହେବା କଠିନ: କିନ୍ତୁ ଉଭୟ ଗୁଣର ଅଧିକାରିଣୀ ଥିଲେ ପୂଜନୀୟା ପାର୍ବତୀ ତା ଗିରି ଜନମାନସର ଦୁଃଖ ଦୁର୍ଦ୍ଦଶାକୁ ଆପଣାର ଭାବି ସେବା କରିବା ରିବାର ଦୃଢ଼ତା ପ୍ରତିପାଦନ କରିବାର ସାମର୍ଥ୍ୟ ତାଙ୍କ ପାଖରେ ଥିଲା । ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳର ଅନାଥ ଶିଶୁ ଓ ବିଧବାମାନଙ୍କର ଅବସ୍ଥାକୁ ହୃଦୟଙ୍ଗମ କରି ସେ ୨୮ ସେପ୍ଟେମ୍ବର ୧୯୭୪ରେ ନୃସିଂହନାଥ ଠାରେ 'କସ୍ତୁରବା ଗାନ୍ଧୀ ମାତୃ ନିକେତନ' ନାମରେ ଏକ ଆଶ୍ରମ ପ୍ରତିଷ୍ଠା କରିଥିଲେ। ତତ୍କାଳୀନ ସମ୍ବଲପୁର ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କର ସ୍ୱାସ୍ଥ୍ୟବସ୍ଥାକୁ ଅନୁଭବ କରି ଜିଲାର ଫୁଲଝରନ୍ ଠାରେ ନିଷ୍ପେଷିତ, ଅନାଥ ଓ ଅବହେଳିତ ଲୋକମାନଙ୍କ ପାଇଁ 'ଡକ୍ଟର ଆ ଆଇଜାକ ସାନ୍ତା ବାଲ୍ ନିକେତନ' ନାମରେ ଅନ୍ୟ ଏକ ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ । ସେଳାର ମୂର୍ତ୍ତିମନ୍ତ ପ୍ରତୀକ ଓ ଦେବୀ ଭଳି ସାରାଜୀବନ ଜଗତର ହିତ ଓ ଲୋକକଲ୍ୟାଣ ଦିଗରେ ନିଜକୁ ସମର୍ପି ଦେଇଥୁଲେ। ଭାଗୀରଥ ପଟ୍ଟନାୟକ, ଫକିର ସେ ମାଳତୀ ଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁକ୍ତି ସଂ ଯୋଗଦେବାକୁ ଆକର୍ଷିତ ହୋଇଥିଲେ । ମାତ୍ର ୧୩ ମାତ୍ର ୧୩ ବର୍ଷ ବୟସରେ ବରୀ ରାମଚନ୍ଦ୍ରପୁର ସେବାଘରେ ମା' ରମାଦେବୀ, ଗୋପବନ୍ଧୁ ଚୌଧୁରୀ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ ନେଇ ସ୍ୱାଧୀନତା


ସୂର୍ଯ୍ୟବଂଶୀ ସୂରଜ

ସଂଗ୍ରାମରେ ଝାସ ଦେଇଥିଲେ । ଦୁଇ ବର୍ଷ କାଳ ଏହି ଆଶ୍ରମରେ ରେ ରହି ବିଭିନ୍ନ ସାମାଜିକ । କ ସେବାରେ ନିଜକୁ ଉତ୍ସର୍ଗ କରିବା ପରେ ୧୯ ୧୯୪୦ରେ ସେଠାରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମୂଲ୍ୟବୋଧଭିତ୍ତିକ ଜୀବନ ଜିଇବାର ର କଳାକୁ ଆପଣାର କରି ସେବାଧର୍ମ ପ୍ରତି ପ୍ରତି ତାଙ୍କର କର ମମତା ହିଁ ପାର୍ବତୀ ଗିରିଙ୍କୁ ଅନେ ନେକ ସୁନାମ ଆଣି ଦେଇଥୁଲା । ଭାରତକୁ ସ୍ୱାଧୀନତା ଦେବାରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜଣେ ଅନନ୍ୟ ଯୋଦ୍ଧା, ବହ୍ମକନ୍ୟା ଭାବେ ସତ୍ ପଥ ପଥରେ ଏକାକୀ ଚାଲିବାକୁ ଜୀବନର ବ୍ରତ ଭାବେ ଗ୍ରହଣ ଗ୍ରହଣ କରି କରିନେଇଥିଲେ ପାଟ ପାର୍ବତୀ ଗିରି। ସେବାଗ୍ରାମ ଆଶ୍ରମରେ ତ ତାଲିମ ନେଇ ପ ପରେ ଆସ ସାମରେ ସେବାକାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ ତ କରିବା ଦିଗରେ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତକରି ଗସ୍ତକରି ଦୁର୍ଗତମାନଙ୍କର ସେବା ମାଧ୍ୟମରେ ଆ ଆପଣାର ସ୍ୱତନ୍ତ୍ରତା ବ୍ରତାର ପରିଚୟ ଦେଇଥିଲେ। ୧୯୫୫ ମସିହାରେ ଓଡ଼ିଶାରେ ବନ ବନ୍ୟା ବିଭୀଷିକା, ଦଳେଇପାଳ ଭାଙ୍ଗିଯିବାରୁ ଅନେକ ଧନଜୀବନ କ୍ଷତି କ୍ଷତି ହେବା ସହ ଲୋକମାନେ ବାସହରା ହୋଇ ଅନାହାରରେ କାଳାତିପାତ କରିଥିଲେ। ଏହି ଘଡିସନ୍ଧି ମୁହୂର୍ତ୍ତରେ ପାର୍ବତା ଗିରି ସମ୍ପୃକ୍ତ ବନ୍ୟାଞ୍ଚଳ ପରିଦର୍ଶନ କରି ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। କା। ଛୁଆଁଅଛୁଆଁ ଦୂର କରିବା, ସାମାଜିକ କୁସଂସ୍କାର ମୂଳୋତ୍ପାଟନ । ନ କରିବା, ଗାଁ ଗାଁ ବୁଲି ଲୋକମାନଙ୍କୁ ଏକତ୍ର କରି ସଂସ୍କାରମୂଳକ, ମୂଲ୍ୟବୋଧଭିତ୍ତିକ ପରାମର୍ଶ ଓ ପ୍ରେରଣା ଦେଇଥିଲେ । ଯଥାର୍ଥ ପାର୍ଥରେ ଜଣେ ସଂଗ୍ରାମୀ ଓ ବିଘ୍ନବିନା ଭାବରେ ସନ ସମଗ୍ର ଜୀବନ ସେ ଜନସେବାରେ ଜନସେବାରେ ଉତ୍ସର୍ଗ କରିଦେଇଥିଲେ। ବରଗଡ଼ର ତତ୍କାଳୀନ ଉପଜିଲାପାଳ ସୁଖେନ୍ଦୁ ଜ୍ୟୋତି ମଜୁମଦାରଙ୍କ ଚଉକିରେ ବସି ବ୍ରିଟିଶ ସରଜ ସରକାରଙ୍କୁ କରିଥିବାରୁ ହୋଇଥିଲେ । ପ୍ରଦେଶୀ ପଦାର୍ଥ ବ୍ୟବହାର କରିବା ଏବଂ ବିଦେଶୀ ପଦାର୍ଥକୁ ବର୍ଜନ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ନାରୀମାନଙ୍କୁ ଅଧିକ ଶକ୍ତିଶାଳୀ କରିବାକୁ ଉଦ୍‌ବୋଧନ ଦେବା ସହ ନାରୀଜାଗରଣ ଉପରେ ଅଧିକ ଗୁରୁତ୍ୱ ଦେଉଥିବାର ଦୃଷ୍ଟାନ୍ତ ତାଙ୍କ ସଲିତ ଡାଏରୀରୁ ଦେଖୁବାକୁ ମିଳେ। ତନ୍ମଧ୍ୟରୁ- "ନ ଜାଗିଲେ ଯଦି ଭାରତ ରମଣୀ, ଜାଗିବ ନାହିଁ ଏ ଭାରତ ଧରଣୀ" ଅନ୍ୟତମ। ସେହିପରି ଚା୩ ୧୧୮୭ରେ ନୃସିଂହନାଥରେ ସେ ଲେଖୁଥିଲେ-"ଦରିଦ୍ର କୁଟୀରରେ ରହିଛି ଆମ ଜାତିର ଜୀବନ"। ବାସ୍ତବରେ ଦରିଦ୍ର ଅବସ୍ଥାରେ ବସବାସ କରୁଥିବା ଲୋକମାନଙ୍କର ଉନ୍ନତି ହୋଇପାରିଲେ ଯାଇ ଦେଶକୁ ଆମେ ପ୍ରଗତି ପଥରେ ଆଗେଇ ନେଇପାରିବା ସେ ବୋଲି ସେ ଅନୁଭବ କରିଥିଲେ। ସମାଜରେ ପ୍ରତ୍ୟେକଙ୍କ ପାଇଁ ଏକ ସମାନ୍ତରାଳ ଓ ସହାବସ୍ଥାନ ନୀତି ପ୍ରଣୟନରେ ତାଙ୍କର ପ୍ରମୁଖ ଭୂମିକା ଅନନ୍ୱୀକାର୍ଯ୍ୟ।

ତାଙ୍କ ସାଧନା ନିକଟରେ ଆମର ମଥା ନଇଁଯାଏ । ସେ ଥିଲେ ଶକ୍ତି ସ୍ୱରୂପିଣୀ ମାଆ ପରି, ସେ ଅନ୍ୟର ଦୁଃଖରେ ହୋଇପଡୁଥିଲେ ଦୁଃଖାରିଭୂତ । ଦୁଃଖର ପରିସମାପ୍ତି ପାଇଁ ଅହରହ ସଂଗ୍ରାମ ଜାରିରଖି ଜଣେ ସାଲିସ ନିହୀନ ଜନନେତ୍ରୀ ଭାବରେ କରିବ୍ୟ ସମ୍ପାଦନ କରିଥିଲେ । ତ ତାଙ୍କର ଅବି ଅଗ୍ନିବର୍ଷା ବାଣୀରେ ଆକର୍ଷିତ ହୋଇ ଯୁବଗୋଷ୍ଠୀ ଦେଶସେବା କରିବାକୁ ଆଗେଇ ଆସୁଥିଲେ । ସେବା ମନ୍ତ୍ରରେ ଦୀକ୍ଷିତ ହେବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ପରୋପକାରାୟ ସ୍ୱର୍ଗୀୟ ନୀତିକୁ ଆପଣାର କରି ଏହାକୁ ସ୍ମରଣୀୟ କରିବାରେ ସେ ପଛାଇନଥିଲେ। କୁ କୁଷ୍ଠରୋଗୀଙ୍କ ସେବା ହେଉ ଅଥବା ପ୍ରସୂତିଙ୍କ ଶୁଶ୍ରୂଷା,ତାଙ୍କ ସେବା ସର୍ବଦା ସ୍ୱାର୍ଥରହିତ ଓ ପ୍ରେମାଶ୍ରିତ ଥିଲା। ଏ ସଂସାରରୁ ବିଦାୟ ନେବା ପୂର୍ବରୁ ସେ ଆଉ ଏକ ଅନାଥ ଆଶ୍ରମ ବଲାଙ୍ଗିର ଜିଲାର ପଥରଚେପାଠାରେ ଆରମ୍ଭ କରିଥିଲେ । ମାତ୍ର ବିଧାତାର ବିଧାନ ବିଚିତ୍ର । ଆଶ୍ରମ ପୂର୍ଣ୍ଣାଙ୍ଗ ହେବା ପୂର୍ବରୁ ୬୯ ବର୍ଷ ବୟସରେ ଏହି ମହାଯସୀ ମହିଳାଙ୍କ ମହାପ୍ରୟାଣ ଅଗଷ୍ଟ ୧୮ ତାରିଖ ୧୯୯୮ ଘଟିଥିଲା । ତାଙ୍କର ଶୁଭେଚ୍ଛୁମାନେ ବଲାଙ୍ଗିରର 'ପଥରଚେପା' ଠାରେ ଥିବା ବାଲ୍ ନିକେତନକୁ ପାର୍ବତୀ ନାମରେ ନାମିତ କରିଛନ୍ତି। ସର୍ବୋପରି ଏହି ମହାନ୍ ଦିଗ୍‌ଦ୍ରଷ୍ଟା, ସୁଜ୍ଞାନୀ, ବିଦୁଷୀଙ୍କ ଜନ୍ମ ଶତବାର୍ଷିକୀ ତାଙ୍କ ଜନ୍ମସ୍ଥାନ ସମଲାଇପଦରରେ ପାଳନ ହେଉଥିବା ରାଜ୍ୟସ୍ତରୀୟ ଶତବାର୍ଷିକୀ ସମାରୋହ ଉପଲକ୍ଷେ ଯେତେ ଶ୍ରଦ୍ଧାର୍ଘ୍ୟ ଅର୍ପଣ କଲେ ମଧ୍ୟ ବହୁତ କମ୍ ହେବ । ସେ ପ୍ରକୃତରେ ଓଡ଼ିଶାର ଗର୍ବ ଓ ଗୌରବ । ତ୍ୟାଗ, ବଳିଦାନ ଓ ତପସ୍ୟାର ମୂର୍ତ୍ତିମନ୍ତ ପ୍ରତୀକ ପାର୍ବତୀ ଗିରିଙ୍କ ଆଦର୍ଶ ଆଜି ବି ଝଙ୍କୃତ । ସେ ଅମର । ତାଙ୍କ କର୍ମ ପାଇଁ ସୂକ୍ଷ୍ମରୂପରେ ସଦା ବିଦ୍ୟମାନ। ଅବିବାହିତ ରହି ଦେଶସେବାରେ ସମଗ୍ର ଜୀବନକୁ ସମର୍ପି ଦେଇଥିବା ଏହି ବନ୍ଧୁକନ୍ୟାଙ୍କୁ ଏ ଜାତି ତରଫରୁ କୋଟିକୋଟି ପ୍ରଣାମ।





# A BRIEF HISTORY OF THE CAR FESTIVAL

Balabhadra Ghadai

The fame and popularity of the 'Lord of the Universe' are largely due to the Car Festival with its three cars which carry Lord Jagannath and His divine sister and brother, Subhadra and Balabhadra from their Great Temple (Bada deula) through Puri's Great Street (Bada danda) to the Gundicha temple, their summer residence for about nine days. More than a religious festival, the Car Festival is an eternal celebration of the divine values of love and compassion, of equality and fraternity.The history of the Car Festival of Lord Jagannath, like the history of the cult, is shrouded in obscurity. Annals and antiquities of Odisha do not give us a clear idea as to when actually the Car Festival started at Puri. However, there is evidence to suggest that Purusottama Jagannath was worshipped in Puri long before the construction of the present temple of Lord Jagannath by Anantavarman Chodaganga Dev in the 12thcentury A.D. The existence of the three divinities i.e. Purusottama, Balabhadra and Subhadra during the 12thcentury has been attested by epigraphic evidence of the Narasimha temple located in the inner courtyard of the Jagannath temple. It is likely that the Car Festival was in vogue during the 12th century or even earlier to it.

The Anargharaghava (Sanskrit play) of Murari Mishra refers to the Yatra of Lord Purusottama which may denote the car festival. Since the composition of the drama is assigned to 10th or 11th century, we can safely guess that the Car Festival was known during that period. With the construction of a grand temple for Lord Jagannath at Puri in the 12th century and other temples subsequently, the fame of Purusottama Jagannath reached far and wide. During the Ganga period Jagannath was honoured as the State Deity of Odisha and the Ganga monarchs from the time of Anangabhima Dev III (1211- 1238 A.D.) regarded themselves as the Rautas (Viceroys) of Purusottama-Jagannath. The Ganga empire was considered as belonging to Purusottama Jagannath (Purusottama Samrajya). In such an atmosphere the Car Festival must have been held on a lavish scale. The earliest European account of the Puri Car Festival was given by Friar Odoric in 1321 A.D. which runs as follows: 'Annually on the recurrence of the day when that idol was made, the folk of the country come and take it down and put it on a fine chariot; and then the king and queen, and the whole body of the people, join together and draw it forth from the Church with loud singing of the songs, and all kinds of music and many pilgrims who have come to this feast cast themselves under the chariot, so that its wheels may go over them, saying that they desire to die for their god.....' The Muslim historian Abul Fazl, one of the Nine Jewels (Navaratnas ) of Akbar's royal court gives a brief description of the temple of Lord Jagannath and His Car Festival in the following manner : 'In the town of Purusottama on the bank of the sea stands the temple of Jagannath, where the three images of Lord Krishna, His brother and sister made of sandal wood and set up there, were washed six times every day and freshly clothed; fifty or sixty Brahmin priests used to be on their feet in their service and each time (they were washed and made to don new garments) they were made an offering of large dishes of food, the leavings of which were partaken by twenty thousand people.' He also refers to the car festival of Lord Jagannath. 'The Brahmins at certain times carry the images in procession upon a carriage of sixteen wheels, which, in the Hindu language, is calledRath; and they believe that whoever assists in drawing it along obtains remission of all his sins.'During the Mughal period the temple of Lord Jagannath was considered one of the richest temples of India. In Jahangir's time it contained properties worth two to three crores of rupees and perhaps more. It was probably for this reason that it was occasionally plundered by both Hindus and Muslims. In 1610 A.D. a Hindu Rajput Jagirdar of Cuttack named Kesodas Maru in the disguise of a pilgrim, came to Puri while the Car Festival was going on and occupied the temple. The Gajapati King of Khurda stubbornly opposed and used his military Paik forces, but was defeated. There can be no doubt that the holy shrine of Lord Jagannath has not only drawn pilgrims from across the country but also foreigners who took considerable interest about the place and the Lord. Mahammad-bin-Amir Wali of Balkh, Afghanistan in his travelogue 'Bahar-ul-Asrar' gives the trustworthy accounts of Jagannath temple of Puri and the Car Festival. The author witnessed the Car Festival in 1626 A.D. He mentions that 'the Car consisted of ten wheels, the circumference of each being 20 zira (cubit), the length of the chariot being 60 yards and breadth 50 yards. The height from the ground to the top would be more than 80 Arrahs (a cubit, a fathom). The idol known as Jagannath, was installed at the top of pedestal and the tower of the chariot was decorated with coloured silk. Nearly 500 devotees including those of Brahmins, Rajas and Zamindars from different parts of the country offered their services for making the procession ready. About 100 Kalavantas (Rope pullers) and Natis (Nachuni) were engaged for reciting devotional songs to Hari and Govinda, and when the procession moved, they also accompanied singing and dancing on the way.' As early as 1633 A.D., William Bruton, the first Englishman to visit Puri observed that,'the people were so eager and greedy to draw the Ratha, that whatsoever, by shouldering, crowding, shoving, heaving, thrusting or any violent way, could but come to lay a hand upon the ropes, they thought themselves blessed and happy.' The same passion for drawing the Ratha or at least laying a hand on the ropes, is still present with the laity. This endows them with a sense of personal identity as 'Sevaka of Lord Jagannath. By simply touching the rope that is, by being temporary Sevaka', they believe, all their vices may be wiped out. Thomas Bowrey, another missionary who lived in India for a decade from 1669 A.D. has given a vivid description of the car festival of God Jno Gernaet (Jagannath).Many rich merchants, Brahmanas and many others from remotest parts of Hindustan visited the temple. According to Bowrey, 'The main spectacle and purpose is to behold their graven God Jno Gernaet which at such times is carried in a chariot (richly adorned and of curious and costly workmanship) around the Pagoda and through the broadest streets of the town in great triumph and with great solemnities. The chariot is of exceedingly great weight, being made of very solid wood, very rich with much iron work thereon and finely engraven, with the shapes of men and women dancing, as also many hideous shapes of satyrs, bulls, bears, tigers, elephants, rhinoceroses, etc. in so much that it is so ponderous, that although it be fitted upon 6 or 8 good Axle-trees, with good wheels on each side, yet requireth more than an hundred strong man to draw it along upon hard and smooth ground (and this they accompt the Arke of God). In the middle of the great Diabolical Chariot, is placed their great patron Jno Gernaet, having the foremost hand open, fairly to be beheld by many of the people, which in general they endeavour to do, but more than one half are prevented by the infinite multitude, in so much that many of them are pressed down by the crowd. And which is both stranger and more incredible, many of them come a great many miles to end their days here, under the wheels of this ponderous, but accompted by them, holy Arke.' We have also accounts of the car festival of Puri as given by Alexander Hamilton who visited Puri in 1708 A.D. As he had no opportunity to see the Car Festival, his drawing is rather imaginary. His accounts , based on second-hand report, is as follows: 'His (Jagaryant's) Effigy is often carried abroad in procession. Mounted on a coach four storeys high .....they fasten small ropes to the cable, two or three fathoms long, so that upwards of 2,000 people have room enough to draw the coach, and some old zealots as it passes through the street, fall flat on the ground, to have the honour to be crushed to pieces by the coach wheels.' The Marathas occupied Odisha in 1751 A.D. In 1753 Raja Jagannath Narayan Dev of Paralakhemundi asserted his claim to the Gajapati throne by making an attempt to perform the duties of the Gajapati king on the temple car. He reached Puri with his armed followers on 12th July 1753, when the return Car Festival was being held. He ascended the Car in royal dress and wanted to discharge the royal duties of the Gajapati King. He did not, however, succeed in his attempt. In this conflict between the Raja of Khurda and Narayan Dev, the Marathas came to the rescue of the King of Khurda, and ultimately they took over the Purusottama Kshetra including the administration of the Jagannath temple in 1760 A.D. The Raja of Khurda, however, enjoyed his royal privileges in the Car Festival. It is known from the Gundicha Vije of Brajanath Badajena that the Raja, as the inheritor of Gajapati legacy, continued to perform the rite of Chherapahamra (Sweeping of the Chariots) during the Car Festival. Further, the Raja of Khurda issued Chhamu Chitaus (Royal Letters) to feudatory chiefs of Odisha demanding their contribution to the Car Festival, and thereby asserting his preeminence among the Rajas of Odisha. The wood required for the construction of the chariots was supplied by the Raja of Daspalla. The feudatory chiefs of Dhenkanal and Talcher provided iron for the temple cars, while Ranpur supplied ropes for dragging the chariots. The British occupied Odisha in 1803 A.D. After the conquest of Odisha, the British officer Harcourt with reference to the temple remarked that, ''in a political light its value is incalculable. In 1805 A.D., when Harcourt with his party visited the car festival at Puri, he was received by the pilgrims and priests with shouts and clapping hands.'' He has recorded his impression as follows: 'The concourse of the pilgrims exceeded anything I have witnessed. It is generally believed that at least five lakhs were present. As far eyes could reach, nothing could be seen but the heads. I was astonished at the order and regularity preserved. There was not the least tumult or disposition to violence.' 'The images being placed in their cars, the multitude drew them on, and the facility with which those stupendous carriage proceeded is wonderful. Each idol much resembles the other and the cars are also very much alike. They move on sixteen wheels and are about sixty feet high. They are handsomely ornamented.' Andrew Stirling, Secretary to the Commissioner at Cuttack during his stay in Odisha, saw the Car Festival and recorded his impression about the alleged custom of selfimmolation. In his article published in Asiatic Research in 1825 A.D, he mentions: 'During the four years that I have witnessed the ceremony, three cases only of these cases of self-immolation have occurred, one of which I may observe is doubtful, and should probably be ascribed to an accident; in the other, the victims had long been suffering from some excruciating complaints, and chose this method of riding themselves of the burden of life in preference to other modes of suicide, so prevalent with the lower orders under similar circumstances.' In 1837 A.D. James Fergusson witnessed the celebrated festival in honour of Lord Jagannath and has given an informative account in his book 'Picturesque illustration of Ancient Architecture in Hindostan, published in 1847. He attributed the fame of Puri temple not indeed, so much on account of its architectural magnificence, as on account of the celebrated festival in honour of the presiding deity.' 'The fashion of giving the gods an airing in cars or raths, is by no means peculiar to the worship of Jagannath at Puri. In south of India in particular, all the gods and goddesses keep their carriages, but nowhere have I seen any so large as these, nor any festival that I have seen so well attended.' There are several reports of the Car Festival in the 19th century by missionaries, civil servants and visitors to Puri. The travellers from the West who gave their impression about the festival, hardly comprehended its meaning and significance. Those who spoke about the 'monstrous cars' or the 'horrors of the festival' could not appreciate this solemn ceremony from the prospective of the Hindu devotees. Literary works like the Brahma Purana (12thcentury), Purusottama Mahatmya of the Skanda Purana (13th-14thcentury), Yatratattva of Raghunandan (16thcentury), Niladri Mahodaya (18th century), Bamadeva Samhita (16th century)etc. offer interesting insights into the rituals of the Car Festival and their religious significance. Sevaral writers have also composed works in Odia, Sanskrit and Hindi on the theme of the Car Festival. Among such works, mention may be made of Bhaba Samudra of Odia seerpoet Balarama Dasa (15th century), Mahabhaba Prakash of Kanhei Khuntia (15thcentury), Basantosava Kavyam of Haladhar Mishra (17th century), Gundicha Champu of Bakravaka Chakrapani (18th century), Niladri Mahotsava of Lokanath Bhramarabara (17tscentury) and Gundicha Vije of Brajanath Badajena (18th century). Pandit Narahari has composed a commentary on the Meghadutam of Kalidas entitled Bhrama Prakasika Tika in which he has interpreted the text in the light of the Car Festival of Lord Jagannath. In the Ganga Vamsanucharitam by Basudeva Rath (18th century), an interesting description of the Car Festival is given. Similarly, Kosalananda Kavya written in 1663 A.D by Pandit Gangadhar Mishra, is a major historical Mahakavya of Sanskrit literature in which the Car Festival of Puri is described in a very vivid manner. However, the poet expresses, despite his profound scholarship, his inability to describe this Ghosa Yatra which, he feels, it is humanly impossible to see, hear and narrate in its totality. As discussed, the Car Festival is not only a colourful display of the Hindu religion and an occasion for offering unrestricted devotion to the Lord of the Universe, Jagannath, but it is also an occasion for the sense of fraternity and ecstatic involvement of the masses closing all barriers of our multicultural and multi lingual Indian society. In the path of devotion it is believed that having a glimpse of Lord Jagannath on the chariot is considered to relieve us of all sins, and paving the way to liberation. Even a touch of the chariots or the ropes with which the devotees pull the chariot, is considered auspicious and is equivalent to several pious deeds. Such is the spiritual significance of the Car Festival of Lord Jagannath.


Former Principal, M.K. College Khiching,
Mayurbhanj


## ନୀତିଶିକ୍ଷା

## ଗର୍ବ



ଭବତୋଷ ତ୍ରିପାଠୀ

କେନ ଉପନିଷଦରେ ସ୍ୱର୍ଗର ଦେବତା ମାନଙ୍କ ସଂପର୍କରେ ଗୋଟିଏ କାହାଣୀ ଅଛି । ଦିନେ ସ୍ୱର୍ଗର ଦେବଗଣ ଓ ଦାନବମାନଙ୍କ ମଧ୍ୟରେ ଘୋର ଯୁଦ୍ଧ ହେଲା । ଯୁଦ୍ଧରେ ଦେବତାମାନେ ବିଜୟଲାଭ କଲାପରେ ବିଜୟର ଶ୍ରେୟତା ନେଇ ସେମାନଙ୍କ ମଧ୍ୟରେ ତର୍କ ଚାଲିଲା । ତର୍କ ସଭାରେ ପ୍ରତ୍ୟେକ ସ୍ୱାଭାବିକ ଭାବେ ନିଜ ନିଜର ଗର୍ବଭାବ ଦେଖାଇ ନିଜର ଗରିମାକୁ ଉପସ୍ଥାପନ କରିବାକୁ ଲାଗିଲେ ।

ଏହି ସମୟରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ହଠାତ୍ ଗୋଟିଏ ଦିବ୍ୟ ଉଜ୍ଜ୍ୱଳ ଜ୍ୟୋତିପିଣ୍ଡ ସେଠାରେ ପ୍ରତିଭାତ ହେଲା । ପ୍ରଜ୍ୱଳିତ ଜ୍ୟୋତିପିଣ୍ଡ ଉପସ୍ଥିତିକୁ ଦେଖି ଅଗ୍ନିଦେବ ପ୍ରଶ୍ନ କଲେ, - " ଆପଣ କିଏ ?" ପ୍ରଜ୍ୱଳିତ ଜ୍ୟୋତିପିଣ୍ଡ ଉତ୍ତରରେ କହିଲେ, "ମୁଁ କିଏ ତୁମେ ମୋତେ ପ୍ରଶ୍ନ ପରିବା ପୂର୍ବରୁ କୁହ, ତୁମେ କିଏ ?" - " ମୁଁ ଅଗ୍ନି ଦେବତା" । "ତୁମେ କ'ଣ କରିପାର ?" " ମୁଁ ଯାହା ଚାହିଁବି ପୋଡ଼ି ଧ୍ୱଂସ କରିଦେଇ ପାରିବି ।" ପ୍ରଜ୍ୱଳିତ ଜ୍ୟୋତିର୍ପିଣ୍ଡ କହିଲେ, - "ଦେଖ । ଏଠାରେ ଛୋଟ ଘାସଟିଏ ଅଛି । ଏହାକୁ ତୁମେ ପୋଡ଼ିଦେଇ ପାର ।" ଅଗ୍ନିଦେବତା ନିଜ ଶରୀରର ଅଗ୍ନିଦ୍ୱାରା ଘାସଟିକୁ ପୋଡ଼ିବାକୁ ବାରମ୍ବାର ଚେଷ୍ଟା କରି ମଧ୍ୟ ବିଫଳ ହେଲେ । ଅତ୍ୟନ୍ତ ଲଜ୍ଜିତ ହୋଇ ସେ ଭାବିଲେ, "ମୁଁ ଯେକୌଣସି ବସ୍ତୁକୁ ପୋଡ଼ି ଭସ୍ମ କରିଦେଇପାରେ, ଅଥଚ ସାମାନ୍ୟ ଘାସଟିଏ ପୋଡ଼ି ପାରିଲିନାହିଁ ।" ତତ୍ପରେ ବାୟୁଦେବତା ପ୍ରଜ୍ୱଳିତ ଜ୍ୟୋତିର୍ପିଣ୍ଡ ନିକଟକୁ ଆସିବାରୁ ସେ ପଚାରିଲେ, "ତୁମେ କ'ଣ କରିପାର ?" - " ମୁଁ ଯେକୌଣସି ବସ୍ତୁ ଯାହା ମୋ ସମ୍ମୁଖକୁ ଆସିବ, ପବନରେ ଉଡ଼ାଇ ଫୋପାଡ଼ି ଦେଇପାରେ" ।

"ଦେଖ ! ଏଠାରେ ଗୋଟିଏ ଛୋଟିଆ ଘାସ ପଡ଼ିଛି । ଏହାକୁ ତୁମେ ଉଡ଼ାଇଦେଇ ପାରିବ ? " ବାୟୁ ଦେବତା ତାଙ୍କ କ୍ଷମତାର ପରାକାଷ୍ଠା ଦେଖାଇବାକୁ ଯାଇ ଘାସ ଉଡ଼ାଇ ଦେବାକୁ ଯତପରୋନାସ୍ତି ଚେଷ୍ଟା କରି ମଧ୍ୟ ପାରିଲେ ନାହିଁ । ଘାସ ଖଣ୍ଡଟି ତିଳେହେଲେ ଘୁଞ୍ଚିଲା ନାହିଁ । ସେହିପରି ଇନ୍ଦ୍ରଦେବତା ପ୍ରଜ୍ୱଳିତ ଜ୍ୟୋତିପିଣ୍ଡଙ୍କୁ ଟକ୍କର ଦେଇ ତାଙ୍କ ସାଧ୍ୟମତେ ପ୍ରବଳରୁ ପ୍ରବଳତର ବର୍ଷା କରାଇ ମଧ୍ୟ ସେହି କ୍ଷୁଦ୍ର ଘାସ ଖଣ୍ଡଟିକୁ ଓଦା କରିପାରିଲେ ନାହିଁ । ଏହିପରି ଜଣକ ପରେ ଜଣେ ସମସ୍ତ ଦେବତା ତାଙ୍କ କ୍ଷମତାକୁ ସାଧମତେ ପ୍ରୟୋଗ କରିବାକୁ ଯାଇ ବିଫଳ ହେଲେ । ଯେତେବେଳେ ସମସ୍ତ ଦେବଗଣ ବିଫଳ ହୋଇ ମୁଣ୍ଡ ନୁଆଁଇ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ହେଲେ, ପ୍ରଜ୍ୱଳିତ ଜ୍ୟୋତିପିଣ୍ଡ ଉଭେଇଯିବା ପୂର୍ବରୁ ଦେବତାମାନଙ୍କୁ ଉପଦେଶ ଦେଇ କହିଲେ, " ତୁମେ ଯାହା କରିପାରୁଛ ସେଥିପାଇଁ କେବେହେଲେ ଗର୍ବ କରିବ ନାହିଁ, କାରଣ ସମସ୍ତ କାର୍ଯ୍ୟ ଭଗବାନଙ୍କର ହିଁ ଉପହାର ।

ମର୍ମବାଣୀ : ଦେବତାମାନଙ୍କ ପରି ମନୁଷ୍ୟର ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକ ମଧ୍ୟ ସେମାନଙ୍କ କ୍ଷମତା ଦାବି କରନ୍ତି । ଆଖି କହେ, "ମୁଁ ଦେଖିପାରେ", କାନ କହେ " ମୁଁ ଶୁଣିପାରେ", ଜିହ୍ୱାକହେ, "ସେ ସ୍ୱାଦ ବାରିପାରେ ଏବଂ କଥା କହିପାରେ" ନାକ କହେ ସେ ସୁଂଘିପାରେ । କିନ୍ତୁ ପ୍ରାଣବିନା ବା ଶ୍ୱାସ ବିନା ସେମାନେ ସେମାନଙ୍କ କାର୍ଯ୍ୟ କରିପାରିବେ କି ? ମନ ଚିନ୍ତା କରିପାରିବ କି ? ମାନସିକ ଶକ୍ତି ବିଶ୍ଳେଷଣ କରପାରିବ କି ? ଏବଂ ମୁଁ ନିଜେ ସବୁ କରୁଛି ବୋଲି ଗର୍ବ କରିପାରିବ କି ? ଏ ସମସ୍ତ କାର୍ଯ୍ୟ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ହିଁ ସଂପନ୍ନ ହୋଇଥାଏ । ଉପରୋକ୍ତ ସମସ୍ତ କାର୍ଯ୍ୟ ପାଇଁ କେବଳ ମନୁଷ୍ୟର ପ୍ରାଣଶକ୍ତି ହିଁ ପ୍ରଶଂସାର ପାତ୍ର ।

## ରାଶିଫଳ

॥ ଓଁ ଶ୍ରୀ ଦୁର୍ଗାମାଧବାଭ୍ୟାଂ ନମଃ ॥




ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରୀପାଠୀ ଶର୍ମା
ଶ୍ରୀ ଲୋକନାଥ ରୋଡ, ହାତୀଶାଳ
ପୁରୀ : ୭୯୭୮୪୬୪୬୩୯




**ମେଷ:** ଏହି ମାସଟି ଆପଣଙ୍କର ଭଲରେ କଟିବ। ଦେହ ପ୍ରାୟତଃ ସୁସ୍ଥ ରହିବ। ଆୟ ଉତ୍ତମ ଧରଣର ରହିବ। ପାରିବାରିକ ଜୀବନରେ ଖୁସି ରହିବେ। ବ୍ୟବସାୟରେ ଭଲ ଲାଭ ହେବ। ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ଆଗେଇବେ।

**ବୃଷ:** ଏହି ମାସଟି ଆପଣଙ୍କର ମଧ୍ୟମ ଶୁଭଦାୟକ ରହିବ। ଦେହ ସାମାନ୍ୟ ଅସୁସ୍ଥ ହୋଇପାରେ। ଆୟ ବ୍ୟୟ ସମାନ ରହିପାରେ। ପାରିବାରିକ ଜୀବନରେ ସୁଖଶାନ୍ତି ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ କରିବେ।

**ମିଥୁନ:** ଏହି ମାସଟି ଆପଣଙ୍କର ସେତେ ଶୁଭଦାୟକ ନୁହେଁ। ଦେହ ଅସୁସ୍ଥ ହୋଇପାରେ। ଆୟ ଅପେକ୍ଷା ବ୍ୟୟ ଅଧିକା ହୋଇପାରେ। ପାରିବାରିକ ଜୀବନରେ ସାମାନ୍ୟ ଅଶାନ୍ତି ହୋଇପାରେ। ବ୍ୟବସାୟରେ ଲାଭ ପାଇବେ।

**କର୍କଟ:** ଏହି ମାସଟି ଆପଣଙ୍କର ମଧ୍ୟମ ଶୁଭଦାୟକ ରହିବ। ଦେହ ସାଧାରଣତଃ ସୁସ୍ଥ ରହିବ। ଆୟ ଉତ୍ତମ ହେବ। ପାରିବାରିକ ଜୀବନ ଖୁସିରେ କାଟିବେ। ବ୍ୟବସାୟରେ ଉତ୍ତମ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ଆଗେଇବେ।

**ସିଂହ:** ଏହି ମାସଟି ଆପଣଙ୍କର ଭଲରେ କଟିବ। ଦେହ ଓ ମନ ଭଲ ରହିବ। ଆୟ ଭଲ ହେବ। ପାରିବାରିକ ଜୀବନରେ ସୁଖସମୃଦ୍ଧି ରହିବ। ବ୍ୟବସାୟରେ ଭଲ ଲାଭ ହେବ। ବିଦ୍ୟାର୍ଥୀମାନେ ପଢ଼ାରେ ଉଚ୍ଚଫଳ ପାଇବେ।

**କନ୍ୟା:** ଏହି ମାସଟି ଆପଣଙ୍କର ଭଲରେ କଟିବ। ଦେହ ପ୍ରାୟ ଭଲ ରହିବ। ଆୟ ମଧ୍ୟମ ଧରଣର ରହିବ। ପାରିବାରିକ ଜୀବନରେ ଖୁସି ପାଇବେ। ବ୍ୟବସାୟରେ ଲାଭ ହେବ। ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ ଅନୁଯାୟୀ ଫଳ ପାଇବେ।

**ତୁଳା:** ଏହି ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ରହିବ। ଦେହ ଭଲ ରହିବ। ଆୟ ଉତ୍ତମ ହେବ। ପାରିବାରିକ ଜୀବନ ସୁଖଶାନ୍ତି ପାଇବେ। ବ୍ୟବସାୟରେ ଅଳ୍ପ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ପ୍ରଶଂସିତ ହେବେ।

**ବିଛା:** ଏହି ମାସଟି ଆପଣଙ୍କର ଅତ୍ୟୋତ୍ତମ ରହିବ। ଦେହ ଓ ମନ ଭଲ ରହିବ । ଆୟ ଭଲ ହେବ। ପାରିବାରିକ ଜୀବନରେ ଖୁସି ରହିବେ। ବ୍ୟବସାୟରେ ଭଲ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ଆଗେଇବେ।

**ଧନୁ:** ଏହି ମାସଟି ଆପଣଙ୍କର ମଧ୍ୟମ ଶୁଭଦାୟକ ରହିବ। ଦେହ ସାମାନ୍ୟ ଅସୁସ୍ଥ ହୋଇପାରେ। ଆୟ ମଧ୍ୟମ ହେବ। ପାରିବାରିକ ଜୀବନରେ ଅଶାନ୍ତି ହୋଇପାରେ। ବ୍ୟବସାୟରେ ଅଳ୍ପ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପରିଶ୍ରମ କରିବେ।

**ମକର:** ଏହି ମାସଟି ଆପଣଙ୍କର ସେତେ ଭଲରେ କଟିବ ନାହିଁ। ଦେହ ଅସୁସ୍ଥ ରହିପାରେ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । ପାରିବାରିକ ଜୀବନରେ କିଛି ଦୁଃଖ ଦେଖାଦେବ। ବ୍ୟବସାୟରେ ସାମାନ୍ୟ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ମନଦେବେ ନାହିଁ।

**କୁମ୍ଭ:** ଏହି ମାସଟି ଆପଣଙ୍କର ସେତେ ଭଲ ନାହିଁ। ଦେହ ଭଲ ରହିବନାହିଁ। ଆୟ ଭଲ ହେବନାହିଁ। ପାରିବାରିକ ଜୀବନ ସେତେ ଖୁସିରେ କାଟିବେ ନାହିଁ। ବ୍ୟବସାୟରେ କ୍ଷତି ହୋଇପାରେ। ବିଦ୍ୟାର୍ଥୀମାନେ ପଢ଼ାରେ ପଛେଇବେ।

**ମୀନ:** ଏହି ମାସଟି ଆପଣଙ୍କର ଭଲରେ କଟିବ । ଦେହ ଭଲ ରହିବ। ଆୟ ଉତ୍ତମ ହେବ। ପାରିବାରିକ ଜୀବନରେ ସୁଖଶାନ୍ତି ପାଇବେ। ବ୍ୟବସାୟରେ ଲାଭ ହେବ। ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ସୁଫଳ ପାଇବେ।





# ୪ ଓଡ଼ିଆଙ୍କୁ ପଦ୍ମଶ୍ରୀ



ଚରଣ ହେମ୍ବ୍ରମ | ମହେନ୍ଦ୍ର କୁମାର ମିଶ୍ର | ସୀମାଞ୍ଚଳ ପାତ୍ର | ଶରତ କୁମାର ପାତ୍ର

ଭୁବନେଶ୍ୱର: ମର୍ଯ୍ୟାଦାଜନକ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହେବେ ୪ ଓଡ଼ିଆ। ସେମାନେ ହେଲେ ସାନ୍ତାଳୀ ଲେଖକ ଚରଣ ହେମ୍ବ୍ରମ,ସାହିତ୍ୟିକ ଓ ଶିକ୍ଷାବିତ ମହେନ୍ଦ୍ର କୁମାର ମିଶ୍ର, ଲୋକନାଟ୍ୟ ଗୁରୁ ସୀମାଞ୍ଚଳ ପାତ୍ର ଓ ଓଡ଼ିଆ ବାନ୍ଧକଳା ହସ୍ତତନ୍ତ ଶିଳ୍ପୀ ଶରତ କୁମାର ପାତ୍ର। ସାହିତ୍ୟ, ଶିକ୍ଷା ଓ କଳା କ୍ଷେତ୍ରରେ ଅବଦାନ ପାଇଁ ସେମାନଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯିବ। ଗତ ତିନି ବର୍ଷ ପରି ଏଥର ବି ଓଡ଼ିଶାରୁ ଚାରି ଜଣଙ୍କୁ ପଦ୍ମଶ୍ରୀ ପାଇଁ କେନ୍ଦ୍ର ସରକାର ମନୋନୀତ କରିଛନ୍ତି।

ମୟୂରଭଞ୍ଜ ଜିଲ୍ଲାନିବାସୀ ଚରଣ ହେମ୍ବ୍ରମ ଦୀର୍ଘ ବର୍ଷ ଧରି ସାନ୍ତାଳୀ ଭାଷା ଓ ଆଦିବାସୀ ସାହିତ୍ୟର ପ୍ରଚାର, ପ୍ରସାର ଦିଗରେ କାର୍ଯ୍ୟ କରୁଛନ୍ତି। ବିଶେଷ କରି ତୃଣମୂଳ ସ୍ତରରେ ଭାଷା, ଗୀତ ଓ ନୃତ୍ୟ ଆଦିର ସୁରକ୍ଷା ଦିଗରେ ସେ ଅନବରତ ଉଦ୍ୟମ ଜାରି ରଖିଛନ୍ତି। ସାନ୍ତାଳୀ ଓ ଓଡ଼ିଆ ଭାଷାରେ ସେ ପୁସ୍ତକ ରଚନା କରିଛନ୍ତି। ରାମାୟଣ ଓ ମହାଭାରତର କିଛି ଅଂଶକୁ ସାନ୍ତାଳୀ ଭାଷାରେ ଅନୁବାଦ କରି ଆଦିବାସୀ ଯୁବପିଢ଼ି ମଧ୍ୟରେ ତାହାକୁ ପରିଚିତ କରାଇବା ସହ ସାଂସ୍କୃତିକ ବ୍ୟବଧାନ ଦୂର କରିପାରିଛନ୍ତି। ଆଦିବାସୀ ପିଲାଙ୍କୁ ଶିକ୍ଷିତ କରିବା ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି।

ନୂଆପଡ଼ା ଜିଲ୍ଲାନିବାସୀ ମହେନ୍ଦ୍ର କୁମାର ମିଶ୍ର ଆଦିବାସୀ ଶିକ୍ଷା ଓ ଲୋକସାହିତ୍ୟର ସଂରକ୍ଷଣ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ସ୍ୱରକୁ ଲିପିବଦ୍ଧ ଓ ସଂରକ୍ଷିତ ରଖିବାରେ ତାଙ୍କର ବିଶେଷ ଅବଦାନ ରହିଛି। ତାଙ୍କର ଲେଖାଗୁଡ଼ିକ ପିଢ଼ି ପରେ ପିଢ଼ିକୁ ଚାଲିଆସୁଥିବା ମୌଖିକ ପରମ୍ପରାକୁ ସଂରକ୍ଷିତ ରଖିବାରେ ସହାୟକ ହୋଇଛି। ଆଦିବାସୀ ଲୋକସାହିତ୍ୟ ଉପରେ ତାଙ୍କର ୨୫ରୁ ଅଧିକ ପୁସ୍ତକ ପ୍ରକାଶ ପାଇଛି।

ଗଞ୍ଜାମ ଜିଲ୍ଲାନିବାସୀ ନାଟ୍ୟଗୁରୁ ତଥା ଅଭିନେତା ସୀମାଞ୍ଚଳ ପାତ୍ର ପ୍ରହ୍ଲାଦ ନାଟକ କ୍ଷେତ୍ରରେ ଅବଦାନ ପାଇଁ ପଦ୍ମଶ୍ରୀ ପୁରସ୍କାର ପାଇବେ। ଦୀର୍ଘବର୍ଷ ଧରି ସେ 'ପ୍ରହଲ୍ଲାଦ' ନାଟକରେ ଅଭିନୟ ସହ ନିର୍ଦ୍ଦେଶନା ଦେଇଆସୁଛନ୍ତି। ଶ୍ରୀ ପାତ୍ରଙ୍କ ଶିଷ୍ୟମାନେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲାରେ ଏହି ଲୋକକଳାର ପ୍ରଚାରପ୍ରସାର କରିଆସୁଛନ୍ତି।

ବାନ୍ଧକଳା କ୍ଷେତ୍ରରେ ଶରତ କୁମାର ପାତ୍ର ଜଣେ ପରିଚିତ ନାମ। କଟକ ଜିଲ୍ଲାର ନୂଆପାଟଣା ଗ୍ରାମର ଶ୍ରୀ ପାତ୍ର ଓଡ଼ିଶାର ହସ୍ତତନ୍ତକୁ ଆଗକୁ ନେବା ପାଇଁ ଦୀର୍ଘ ବର୍ଷ ହେଲା ଉଦ୍ୟମ ଜାରି ରଖିଛନ୍ତି। ଶ୍ରୀ ପାତ୍ରଙ୍କ ପରିବାର ପୁରୁଷାନୁକ୍ରମେ ପୁରୀ ଶ୍ରୀମନ୍ଦିରକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଅଙ୍ଗବସ୍ତ୍ର ସହ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ଯୋଗାଇ ଆସୁଛନ୍ତି।

# ମାଷ୍ଟର ସେଫ ଇଣ୍ଡିଆରେ ଓଡ଼ିଶାର ଗର୍ବ: ଅଞ୍ଜୁ-ମଞ୍ଜୁ

## "ସାରା ଦୁନିଆ କା ଯୋଗ ଏକ ତରଫ, ପୁରୀ କା ଭୋଗ ଏକତରଫ"

ସୋନି ଟିଭିର ଲୋକପ୍ରିୟ ରିୟଲିଟି ସୋ' 'ମାଷ୍ଟର ସେଫ ଇଣ୍ଡିଆ' ମଞ୍ଚରେ ଏବେ ଓଡ଼ିଶା, ବିଶେଷକରି ପୁରୀର ନାମ ଉଜ୍ଜ୍ୱଳ ହୋଇଉଠିଛି। ପୁରୀର ପୂର୍ବତନ କାଉନ୍ସିଲର ଅଞ୍ଜୁ ପ୍ରଧାନ ଓ ତାଙ୍କ ଭଉଣୀ ମଞ୍ଜୁ ଓଝା ଏହି ପ୍ରତିଯୋଗିତାରେ ନିଜ ରାନ୍ଧଣା ପ୍ରତିଭାର ଚମକ ଦେଖାଇଛନ୍ତି। କୋଲକାତା ରାଉଣ୍ଡରେ ଦୁଇଭଉଣୀ ମିଶି ପ୍ରସ୍ତୁତ କରିଥିବା 'ଫିସ ୱେଲିଙ୍ଗଟନ୍' ବିଚାରକମାନଙ୍କ ମନ ଜିତିଥିଲା। ଚୟନ ହୋଇଥିବା ୧୦୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୪ଟି ପର୍ଯ୍ୟାୟ ଅତିକ୍ରମ କରି ସେମାନେ ଫାଇନାଲ୍ ରାଉଣ୍ଡରେ ପହଞ୍ଚି ଶ୍ରେଷ୍ଠ ୧୨ ମଧ୍ୟରେ ସ୍ଥାନ ପାଇଛନ୍ତି, ଯାହା ଓଡ଼ିଶା ପାଇଁ ଏକ ବଡ଼ ସଫଳତା। ବିଚାରକ ବିକାଶ ଖାନା, ରଣବୀର ବ୍ରାର ଓ କୁନାଲ କପୁର ଅଞ୍ଜୁ–ମଞ୍ଜୁଙ୍କ ପ୍ରସ୍ତୁତ ଡିସ୍‌କୁ ଖୁବ୍ ପ୍ରଶଂସା କରିଛନ୍ତି। ବିଚାରକ ରଣବୀର ବ୍ରାର ଶ୍ରୀମନ୍ଦିର ମହାପ୍ରସାଦକୁ ସ୍ମରଣ କରି କହିଥିଲେ- "ସାରା ଦୁନିଆ କା ଯୋଗ ଏକ ତରଫ, ପୁରୀ କା ଭୋଗ ଏକତରଫ"-ଏବଂ ପୁରୀ ଆସି ମହାପ୍ରସାଦ ସେବନର ଅନୁଭୂତିକୁ ମଧ୍ୟ ବ୍ୟକ୍ତ କରିଥିଲେ। ୨୦୦୮ ମସିହାରୁ ପୁରୀର ୯ ନମ୍ବର ୱାର୍ଡରେ କାଉନ୍ସିଲର ଭାବେ ସେବା ଦେଇଥିବା ଅଞ୍ଜୁ ପ୍ରଧାନ, ପୂର୍ବତନ କାଉନ୍ସିଲର ଗୌରହରି ପ୍ରଧାନଙ୍କ ଧର୍ମପତ୍ନୀ ଏବଂ ଶ୍ରୀମନ୍ଦିର ଘଣ୍ଟୁଆ ପରିବାରର ସଦସ୍ୟ। ନିଜେ ଆମିଷ ଖାଦ୍ୟ ଗ୍ରହଣ ନକରୁଥିଲେ ମଧ୍ୟ, ଭଉଣୀଙ୍କ ସହ ମିଶି ଆମିଷ ଡିସ୍‌କୁ ଅପୂର୍ବ ସ୍ୱାଦରେ ପ୍ରସ୍ତୁତ କରିବା ତାଙ୍କ ଦକ୍ଷତାକୁ ପ୍ରମାଣ କରିଛି। ଏହି ସଫଳତା ସହିତ ଅଞ୍ଜୁ–ମଞ୍ଜୁଙ୍କ ଯୋଡ଼ି ଏବେ କେବଳ ପୁରୀ ନୁହେଁ, ସମଗ୍ର ଓଡ଼ିଶାର ଗର୍ବ ହୋଇଉଠିଛନ୍ତି।

**ପ୍ରଶ୍ନ: ମାଷ୍ଟର ସେଫ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପଛରେ ଆପଣମାନଙ୍କ ପ୍ରେରଣା କ'ଣ ଥିଲା?**
**ଉତ୍ତର:** ମାଷ୍ଟର ସେଫ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପଛରେ ଆମର ପ୍ରଧାନ ପ୍ରେରଣା ଥିଲା ଓଡ଼ିଆ ପାରମ୍ପରିକ ଖାଦ୍ୟକୁ ଜାତୀୟ ମଞ୍ଚରେ ପରିଚିତ କରାଇବା। ନିଜ ରାନ୍ଧଣା ପ୍ରତିଭାକୁ ଦେଶର ସାମ୍ନାରେ ଦେଖାଇବା ଆମର ସ୍ୱପ୍ନ ଥିଲା।

**ପ୍ରଶ୍ନ: ଓଡ଼ିଶାର ପ୍ରତିନିଧି ଭାବେ ଜାତୀୟ ମଞ୍ଚରେ ଯୋଗଦେବା ସମୟରେ କେମିତି ଅନୁଭବ କରୁଛନ୍ତି?**
**ଉତ୍ତର:** ଓଡ଼ିଶାର ପ୍ରତିନିଧି ଭାବେ ଜାତୀୟ ମଞ୍ଚରେ ଯୋଗଦେବା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏହା ସହିତ ଏକ ବଡ଼ ଦାୟିତ୍ୱ ମଧ୍ୟ ଅନୁଭବ କରୁଛୁ— ଓଡ଼ିଶାର ମାଟି, ସଂସ୍କୃତି ଓ ଖାଦ୍ୟ ପରମ୍ପରାକୁ ସମ୍ମାନ ସହ ପ୍ରସ୍ତୁତ କରିବା।

**ପ୍ରଶ୍ନ: ରାନ୍ଧଣା କଳା ପ୍ରତି ଆପଣମାନଙ୍କ ଆଗ୍ରହ କେବେ ଓ କେମିତି ଆରମ୍ଭ ହେଲା?**
**ଉତ୍ତର:** ରାନ୍ଧଣା କଳା ପ୍ରତି ଆମର ଆଗ୍ରହ ଛୋଟବେଳୁ ଆରମ୍ଭ ହୋଇଥିଲା। ଘରେ ମା' ଓ ଜେଜେମା'ଙ୍କୁ ଦେଖି ଓଡ଼ିଆ ଖାଦ୍ୟ ପକାଇବା ଶିଖିଥିଲୁ। ଧୀରେ ଧୀରେ ଏହି ଆଗ୍ରହ ଏକ ଆତ୍ମବିଶ୍ୱାସରେ ପରିଣତ ହେଲା।




**ପ୍ରଶ୍ନ: ମାଷ୍ଟର ସେଫ ମଞ୍ଚରେ କେଉଁ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ଆପଣମାନେ ନୂଆ ରୂପରେ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି?**
**ଉତ୍ତର:** ମାଷ୍ଟର ସେଫ ରେ ଆମେ ପଖାଳ ଭାତ, ଡାଲମା, ଛେନା ପୋଡ଼, ଚୁଡ଼ା ଭିତ୍ତିକ ଖାଦ୍ୟ ଓ ଓଡ଼ିଆ ପାରମ୍ପରିକ ମିଠାକୁ ନୂଆ ଆକୃତି ଓ ସ୍ୱାଦରେ ପ୍ରସ୍ତୁତ କରିବାକୁ ଚାହୁଁଛୁ।

**ପ୍ରଶ୍ନ: ପ୍ରତିଯୋଗିତା ସମୟରେ ସବୁଠାରୁ ବଡ଼ ସମସ୍ୟା କିମ୍ବା ଚ୍ୟାଲେଞ୍ଜ କ'ଣ ଅନୁଭବ କରୁଛନ୍ତି?**
**ଉତ୍ତର:** ପ୍ରତିଯୋଗିତା ସମୟରେ ସମୟ ସୀମା ମଧ୍ୟରେ ନୂଆ ଧାରଣା ସହ ଖାଦ୍ୟ ପ୍ରସ୍ତୁତ କରିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ତଥାପି ଏହା ଆମକୁ ଆଉ ଭଲ କରିବାକୁ ପ୍ରେରଣା ଦେଉଛି।

**ପ୍ରଶ୍ନ: ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ପରିବାରର ସହଯୋଗ କେତେ ଗୁରୁତ୍ୱପୂର୍ଣ୍ଣ ଥିଲା?**
**ଉତ୍ତର:** ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ପରିବାରର ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ପରିବାରର ଆଶୀର୍ବାଦ ଓ ମନୋବଳ ଆମକୁ ଏଠାକୁ ପହଞ୍ଚାଇଛି।

**ପ୍ରଶ୍ନ: ମାଷ୍ଟର ସେଫ ଅନୁଭବ ଆପଣମାନଙ୍କ ଜୀବନ ଓ ଭବିଷ୍ୟତ ଲକ୍ଷ୍ୟକୁ କେମିତି ପ୍ରଭାବିତ କରିବ?**
**ଉତ୍ତର:** ମାଷ୍ଟର ସେଫ ଅନୁଭବ ଆମ ଜୀବନକୁ ଏକ ନୂଆ ଦିଗ ଦେଉଛି। ଏହା ଆମକୁ ରାନ୍ଧଣାକୁ ଏକ ପେଶା ଭାବେ ଆଗକୁ ବଢ଼ାଇବା ପାଇଁ ଆତ୍ମବିଶ୍ୱାସ ଦେଉଛି।

**ପ୍ରଶ୍ନ: ଓଡ଼ିଆ ଖାଦ୍ୟକୁ ଜାତୀୟ ଓ ଆନ୍ତର୍ଜାତୀୟ ମଞ୍ଚରେ ପରିଚିତ କରିବା ପାଇଁ ଆପଣମାନଙ୍କ ଯୋଜନା କ'ଣ?**
**ଉତ୍ତର:** ଭବିଷ୍ୟତରେ ଓଡ଼ିଆ ଖାଦ୍ୟକୁ ଜାତୀୟ ଓ ଆନ୍ତର୍ଜାତୀୟ ମଞ୍ଚରେ ପହଞ୍ଚାଇବା ପାଇଁ ଆମେ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ ଓ ରାନ୍ଧଣା ସଂସ୍ଥା ସ୍ଥାପନ କରିବାକୁ ଚାହୁଁଛୁ।

**ପ୍ରଶ୍ନ: ଓଡ଼ିଶାର ଯୁବପିଢ଼ି, ବିଶେଷକରି ଝିଅମାନଙ୍କ ପାଇଁ ଆପଣମାନଙ୍କ ସନ୍ଦେଶ କ'ଣ ରହିବ?**
**ଉତ୍ତର:** ଓଡ଼ିଶାର ଯୁବପିଢ଼ି ଓ ବିଶେଷକରି ଝିଅମାନଙ୍କୁ ଆମର ସନ୍ଦେଶ— ନିଜ ସ୍ୱପ୍ନକୁ କେବେ ଛାଡ଼ନ୍ତୁ ନାହିଁ। ପରିଶ୍ରମ, ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ଥିଲେ ସଫଳତା ନିଶ୍ଚୟ ମିଳିବ।

**ପ୍ରଶ୍ନ: ମାଷ୍ଟର ସେଫ ପ୍ରତିଯୋଗିତାରେ ଆପଣମାନଙ୍କ ଯାତ୍ରା ସମ୍ପର୍କରେ ପାଠକମାନଙ୍କୁ କ'ଣ କହିବାକୁ ଚାହୁଁଛନ୍ତି? ଏହି ସବୁ ପ୍ରଶ୍ନାବଳୀଶୁଦ୍ଧ ଉତ୍ତର ଓଡ଼ିଆ ଭାଷାରେ ପ୍ରସ୍ତୁତ କରାଯାଉ**
**ଉତ୍ତର:** ମାଷ୍ଟର ସେଫ ପ୍ରତିଯୋଗିତାରେ ଆମର ଯାତ୍ରା କେବଳ ଆମର ନୁହେଁ, ଏହା ସମଗ୍ର ଓଡ଼ିଶାର ଯାତ୍ରା। ପାଠକମାନଙ୍କ ଆଶୀର୍ବାଦ ଓ ସମର୍ଥନ ଆମ ପାଇଁ ସବୁଠାରୁ ବଡ଼ ଶକ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୭୭ତମ ଗଣତନ୍ତ୍ର ଦିବସ...

ସବୁ ଭାରତୀୟ ଗଣତନ୍ତ୍ରର ଶକ୍ତି। କିନ୍ତୁ ସେହି ସହିତ ଚାଲେଞ୍ଜ ମଧ୍ୟ ଅଛି। ରାଜନୈତିକ ଧ୍ରୁବୀକରଣ, ଭୁଲ ସୂଚନା, ଆର୍ଥିକ ଅସମତା, ଶାସନ ବ୍ୟବସ୍ଥାର ଅପର୍ଯ୍ୟାପ୍ତତା-ଏହା ସବୁ ଗଣତନ୍ତ୍ର ପାଇଁ ପରୀକ୍ଷା।

**ଆତ୍ମନିର୍ଭର ଭାରତ: ସ୍ୱପ୍ନ ନୁହେଁ, ଆବଶ୍ୟକତା**
ଆତ୍ମନିର୍ଭର ଭାରତ ଧାରଣା ଆଜିର ସମୟର ଆବଶ୍ୟକତା। ବିଶ୍ୱ ଅର୍ଥନୀତିର ଅସ୍ଥିରତା ଆମକୁ ଶିଖାଇଛି ଯେ, ଆତ୍ମବଳ ଓ ଆତ୍ମବିଶ୍ୱାସ ବିନା ଦୀର୍ଘମ୍ୟାଦୀ ଉନ୍ନତି ସମ୍ଭବ ନୁହେଁ। କୃଷିରୁ ଆରମ୍ଭ କରି ଉଚ୍ଚ ପ୍ରଯୁକ୍ତି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ସ୍ୱାବଲମ୍ବନ ଆବଶ୍ୟକ।

**ଯୁବଶକ୍ତି, ଶିକ୍ଷା ଓ ନୂତନତା**
ଭାରତର ଯୁବପିଢ଼ୀ ଆତ୍ମନିର୍ଭର ଭାରତର ମୂଳ ଆଧାର। ଗୁଣାତ୍ମକ ଶିକ୍ଷା, କୌଶଳ ବିକାଶ, ଗବେଷଣା ଓ ନୂତନତା ଉପରେ ନିବେଶ ବଢ଼ିଲେ ଭାରତ ବିଶ୍ୱର ନେତୃତ୍ୱ ନେଇପାରିବ।

**ସାମାଜିକ ସମରସତା ଓ ଜାତୀୟ ଏକତା**
ଭାରତର ଶକ୍ତି ତାହାର ବିବିଧତାରେ ଅଛି। ଧର୍ମ, ଭାଷା, ଜାତି ଓ ସଂସ୍କୃତିର ଭିନ୍ନତାକୁ ସମ୍ମାନ ଦେଇ ଏକତାର ସୂତ୍ରରେ ବାନ୍ଧି ରଖିବା ଗଣତନ୍ତ୍ରର ମୂଳ ଆଧାର।

**ମାଧ୍ୟମ, ସିଭିଲ ସୋସାଇଟି ଓ ଦାୟିତ୍ୱ**
ସ୍ୱାଧୀନ ଓ ଦାୟିତ୍ୱଶୀଳ ମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ସତ୍ୟ, ସମତୁଳନ ଓ ଲୋକହିତ ଯଦି ମାଧ୍ୟମର ମୂଳ ମନ୍ତ୍ର ରହେ, ତେବେ ଗଣତନ୍ତ୍ର ଆହୁରି ସଶକ୍ତ ହୁଏ।

**ଗଣତନ୍ତ୍ର ଏକ ଅବିରତ ଯାତ୍ରା**
୭୭ତମ ଗଣତନ୍ତ୍ର ଦିବସ ଆମକୁ ସ୍ମରଣ କରାଏ ଯେ, ଗଣତନ୍ତ୍ର କେବଳ ଏକ ପ୍ରଣାଳୀ ନୁହେଁ— ଏହା ଏକ ଜୀବନ ଦର୍ଶନ। ଅତୀତର ତ୍ୟାଗ, ବର୍ତ୍ତମାନର ସଚେତନତା ଓ ଭବିଷ୍ୟତର ସଙ୍କଳ୍ପ ମଧ୍ୟରେ ସମନ୍ୱୟ ରହିଲେ ଏକ ସତ୍ୟ ସାର୍ଥକ, ଆତ୍ମନିର୍ଭର ଓ ସଶକ୍ତ ଭାରତ ଗଢ଼ିଉଠିବ।

ଜୟ ହିନ୍ଦ।
ଜୟ ଭାରତ।

### ସମୃଦ୍ଧ ଓଡ଼ିଶା ଗଠନରେ ...

କରିଡର ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି। ଉଦ୍ଦେଶ୍ୟ ହେଉଛି, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା, ସ୍ଥାନୀୟ ଶିଳ୍ପକୁ ପ୍ରୋତ୍ସାହିତ କରିବା ଏବଂ ଇଲେକ୍ଟ୍ରୋନିକ୍ସ ଓ ଅକ୍ଷୟ ଶକ୍ତି ସମେତ ଉଚ୍ଚ-ବୈଷୟିକ କ୍ଷେତ୍ରକୁ ସମର୍ଥନ କରିବା। ସେହିପରି ପୂର୍ବତଟ ବିକାଶ କରିଡରରେ ପୂର୍ବ ଉପକୂଳରେ ଥିବା ପର୍ଯ୍ୟଟନ ଓ ଅର୍ଥନୈତିକ ହବ୍ ଅନ୍ତର୍ଭୁକ୍ତ। ଏଥିରେ ଓଡ଼ିଶା ଲାଭାନ୍ୱିତ ହେବ। ଜାତୀୟ ଜଳପଥ-୫ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ। ଏହା ଖଣିଜ ସମୃଦ୍ଧ ଅଞ୍ଚଳ ତାଳଚେର ଓ ଅନୁଗୁଳକୁ ପାରାଦୀପ ଓ ଧାମରା ଭଳି ପ୍ରମୁଖ ଶିଳ୍ପ ଏବଂ ବନ୍ଦର ହବ୍ ସହିତ ସଂଯୋଗ କରିବ। ଯାହା ଦକ୍ଷ ଓ ସୁଲଭ ମାଲ ପରିବହନରେ ସହାୟକ ହେବ ଏବଂ ସଡ଼କ ଓ ରେଳ ନେଟ୍‌ୱାର୍କ ଉପରେ ଲଜିଷ୍ଟିକ୍ ଚାପ ହ୍ରାସ କରିବ। ଏକ ନୂତନ ପଦକ୍ଷେପ ଭାବରେ 'ସହର ଅର୍ଥନୈତିକ ଅଞ୍ଚଳ' ଦ୍ୱାରା ସହରରେ ଅର୍ଥନୈତିକ ଅଭିବୃଦ୍ଧି ସୁନିଶ୍ଚିତ ହେବ ଏବଂ ଆଞ୍ଚଳିକ ସହରାଞ୍ଚଳ କ୍ଲଷ୍ଟରଗୁଡିକ ଲାଭାନ୍ୱିତ ହେବ। ଏହା ପ୍ରସ୍ତାବିତ ଭୁବନେଶ୍ୱର-କଟକ-ପାରାଦୀପ-ପୁରୀ ସହରାଞ୍ଚଳ କରିଡର କାର୍ଯ୍ୟକାରୀ କରିବାରେ ସହାୟକ ହେବ।

### ୬ଦିନିଆ ଓଡ଼ିଶା ଗସ୍ତରେ ...

ଲୋକାର୍ପଣ କରିବେ। ୬ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଅପରାହ୍ଣରେ ଭୁବନେଶ୍ୱର ଫେରିବା ସହ ହୋଟେଲ ମେ' ଫେୟାରରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ୭ ତାରିଖ ସକାଳୁ ଭୁବନେଶ୍ୱରରୁ ଛତିଶଗଡ଼ ଅଭିମୁଖେ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଯାତ୍ରା କରିବେ ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

### ଓଡ଼ିଶାକୁ ...

ପ୍ରାୟ ୧୭ ହଜାର କୋଟି ଟଙ୍କା ଅଧିକ ମିଳିଥିଲା। ଅନୁଦାନ ବାବଦରେ ପ୍ରାୟ ୨୩ ପ୍ରତିଶତ ଅଧିକ ପାଇଥିଲା ଓଡ଼ିଶା। ତେଣୁ ୨୦୨୬-୨୭ରେ ଯଦି ଅନୁଦାନ ଆକାରରେ ୨୦ ପ୍ରତିଶତ ଅଧିକ ମିଳେ, ତାହାହେଲେ ଓଡ଼ିଶା ପାଖାପାଖି ୮ ହଜାର କୋଟି ଅର୍ଥାତ୍ ପ୍ରାୟ ୫୦ ହଜାର କୋଟି ଅନୁଦାନ ଆକାରରେ ପାଇବ। ତେଣୁ କେନ୍ଦ୍ରୀୟ ଟିକସ ଓ ଅନୁଦାନରୁ ଓଡ଼ିଶାକୁ ୧.୧୭ ଲକ୍ଷ କୋଟି ଟଙ୍କା ମିଳିବ। ଏହା ବ୍ୟତୀତ ଓଡ଼ିଶା ପାଇଁ ନିର୍ଦ୍ଦିଷ୍ଟ ଭାବେ ୩ଟି ଠୋସ୍ ଯୋଜନା ବଜେଟରେ ଘୋଷଣା କରାଯାଇଛି। ସେଗୁଡ଼ିକ ହେଲା ଜାତୀୟ ଜଳମାର୍ଗ-୫ର କାର୍ଯ୍ୟକ୍ଷମ, କଇଁଛ ଚଳାଚଳ କରୁଥିବା ଉପକୂଳ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ପାଇଁ ଟର୍ଟଲ୍ ଟ୍ରେଲ୍ ଓ ରେୟାର ଆର୍ଥ କରିଡର।

## ୭୭ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ

# ଅଭିବାଦନ ଗ୍ରହଣ କଲେ ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି

ଆଜି ରାଜଧାନୀ ଭୁବନେଶ୍ୱରର ମହାତ୍ମାଗାନ୍ଧୀ ମାର୍ଗରେ ୭୭ତମ Republic Day ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଏହି ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ଭୁବନେଶ୍ୱର: ଆଜି ରାଜଧାନୀ ଭୁବନେଶ୍ୱରର ମହାତ୍ମାଗାନ୍ଧୀ ମାର୍ଗରେ ୭୭ତମ ସାଧାରଣତନ୍ତ୍ର ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ ।

ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ସକାଳ ୮.୨୮ ରେ ମହାତ୍ମାଗାନ୍ଧୀ ମାର୍ଗରେ ପହଞ୍ଚିବା ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଆରକ୍ଷୀ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଉପମହାନିର୍ଦ୍ଦେଶକ କମୋଡର ବିକ୍ରମ ସିଂହ ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ । ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ୮.୩୦ ମିନିଟ୍ ସମୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପରେଡ୍ କମାଣ୍ଡାଣ୍ଟ ରାକେଶ କୁମାର ସାହୁ, ଏସ୍‌ଡିପିଓ, ଆର୍. ଉଦୟଗିରି ପ୍ୟାରେଡ୍ ପରିଚାଳନା କରିଥିଲେ । ଦ୍ୱିତୀୟ ପରିଚାଳକ ଭାବେ ଡେପୁଟି କମାଣ୍ଡାଣ୍ଟ ଶରତ ଜାନି, ଆଡ୍‌ଜୁଟାଣ୍ଟ ଭାବେ ଶେଖର ମହାପାତ୍ର ଏବଂ ସ୍ୱତନ୍ତ୍ର ଅଧିକାରୀ ପରମେଶ୍ୱର ହାଂସଦା ପ୍ୟାରେଡ୍ ପରିଚାଳନାରେ ସହାୟତା କରିଥିଲେ।

୪୬ଟି ଦଳ ମିଳିତ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିଲେ ରାଜ୍ୟ ପୁଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ବାଦନ ପରେ ୧୭ଟି ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୯ଟି ବେସାମରିକ ଦଳ ସମୁଦାୟ ୪୬ଟି ଦଳ ମିଳିତ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିଲେ । ସମ୍ମିଳିତ ପ୍ୟାରେଡ୍ ଅନୁଷ୍ଠିତ ହେବା ପରେ ପରେ ବିଭିନ୍ନ ସାଂସ୍କୃତିକ ଦଳ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ରଙ୍ଗଶାଳା, ପୁରୀର କଳାକାରମାନେ 'ସାହିଯାତ' ପରିବେଷଣ କରିଥିବାବେଳେ ବିଚିତ୍ର ବର୍ଣ୍ଣାଳି ନାଟ୍ୟ ପରିଷଦ, ଗଞ୍ଜାମ ପକ୍ଷରୁ 'ପଶୁମୁଖା', ବୈଦେହୀ କଳା ପରିଷଦ, ପୁରୀ ପକ୍ଷରୁ 'ବଡ଼ ଘୋଡ଼ା', ସଂକୀର୍ତ୍ତନ କଳାକାର ଉନ୍ନୟନ ପରିଷଦ, କଟକ ପକ୍ଷରୁ 'ଦୋଳଯାତ ପଟୁଆର' ଓ ଶରଣ ମାର୍ଶାଲ କଲଚରାଲ୍ ସଂଘ, ମୟୂରଭଞ୍ଜ ପକ୍ଷରୁ 'ସାନ୍ତାଳୀ' ନୃତ୍ୟ ପରିବେଷିତ ହୋଇ ଉତ୍ସବକୁ ମନୋମୁଗ୍ଧକର କରିଥିଲା । ଏହା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସହ ସଚେତନତାର ବାର୍ତ୍ତା ବହନ କରୁଥିବା ପ୍ରଜ୍ଞାପନ ମେଢ଼ଗୁଡ଼ିକ ଅଭିବାଦନ ମଞ୍ଚ ଅତିକ୍ରମ କରିଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ (ଶ୍ରୀଅନ୍ନ ଅଭିଯାନ, ଅମୃତ ଅନ୍ନ କାର୍ଯ୍ୟକ୍ରମ), ବାଣିଜ୍ୟ ଓ ପରିବହନ ବିଭାଗ (ଆମେ ସୁବାହକ, ଆଶା ଯୋଜନା), ଶକ୍ତି ବିଭାଗ (ପି.ଏମ୍. ସୂର୍ଯ୍ୟଘର), ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ (ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା), ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ (ରେଶମ ଓଡ଼ିଶା), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା), ସ୍ୱରାଷ୍ଟ୍ର ବିଭାଗ (ଉପକୂଳ ସୁରକ୍ଷା ଶାଖା, ଓଡ଼ିଶା ପୋଲିସ), ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ (ସମୃଦ୍ଧ ସହର, ବିକଶିତ ଓଡ଼ିଶା), ମିଶନ ଶକ୍ତି ବିଭାଗ (ଆତ୍ମନିର୍ଭର ମହିଳା-ବିକଶିତ ଭାରତ), ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ଭିବି-ଜି ରାମ ଜି, ସଭିଙ୍କ ପାଇଁ ପକ୍କାଘର), ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ (ପି.ଏମ୍.ଶ୍ରୀ) ବିଦ୍ୟାଳୟ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ (ଦକ୍ଷ ଯୁବଶକ୍ତି-ଦେଶର ପ୍ରଗତି), ପର୍ଯ୍ୟଟନ ବିଭାଗ (ପର୍ଯ୍ୟଟନ ସ୍ଥଳୀ ଉନ୍ନତିକରଣ) ଓ ପୂର୍ତ୍ତ ବିଭାଗ (ନ୍ୟାୟିକ ପରିସର, ଭୁବନେଶ୍ୱର) ର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା ।



## କଟକରେ ୭୭ତମ ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ କଲେ ମୁଖ୍ୟମନ୍ତ୍ରୀ

# ଦୁର୍ନୀତିଖୋରଙ୍କୁ ରାଜନୈତିକ ସଂରକ୍ଷଣ ଦିଆଯିବନି: ମୁଖ୍ୟମନ୍ତ୍ରୀ

କଟକ, ୨୬/୧(ଇମିସ): ଓଡ଼ିଶାର ଭିଜିଲାନ୍ସ ଦେଶର ଶ୍ରେଷ୍ଠ ଦୁର୍ନୀତି ନିବାରଣ ବିଭାଗ ଭାବେ ପରିଚୟ ସୃଷ୍ଟି କରିପାରିଛି। ଦୁର୍ନୀତିଖୋରଙ୍କ ବିରୋଧରେ ଦଣ୍ଡହାର ଓଡ଼ିଶାରେ ୫୦ ପ୍ରତିଶତରୁ ଅଧିକ। ଦୁର୍ନୀତିଗ୍ରସ୍ତଙ୍କ ସ୍ଥାନ ଏବେ ଜେଲରେ। କୌଣସି ଦୁର୍ନୀତିଖୋରଙ୍କୁ ରାଜନୈତିକ ସଂରକ୍ଷଣ ଦିଆଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆୟୋଜିତ ୭୭ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ଚେତାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତା ୧୦ ବର୍ଷ ମଧ୍ୟରେ ସମୃଦ୍ଧ ଓଡ଼ିଶା ଗଠନ କରିବାର ଲକ୍ଷ୍ୟ ରହିଛି। ୨୦୩୬ରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ ସମୟରେ ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇବା ଲକ୍ଷ୍ୟ ରଖାଯାଇଛି। ଏହି ସ୍ୱଳ୍ପ ସମୟ ଭିତରେ ଅନେକ ପ୍ରାଶାସନିକ ସଂସ୍କାର ହୋଇଛି। ଜନସାଧାରଣ ନିଜ ଘରେ ବସି ୪୦୦ରୁ ଅଧିକ ସରକାରୀ ସେବା ଅନ୍-ଲାଇନ୍ ମାଧ୍ୟମରେ ପାଇପାରୁଛନ୍ତି। ସରକାର ମାତ୍ର ୧୯ ମାସ ମଧ୍ୟରେ ୭.୭ ଲକ୍ଷ କୋଟି ଟଙ୍କାର ୩୦୦ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏହି ସମୟ ମଧ୍ୟରେ ରାଜ୍ୟରେ ୨ ଲକ୍ଷ କୋଟି ଟଙ୍କାର ୮୫ଟି ଶିଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଛି। ଏହାଦ୍ୱାରା ୧ ଲକ୍ଷ ୬୫ ହଜାର ନିଯୁକ୍ତି ସୁନିଶ୍ଚିତ ହୋଇପାରିଛି। ରାଜ୍ୟର ବିକାଶ ପାଇଁ ଜିଡିପିର ୬.୧ ପ୍ରତିଶତ କେବଳ ପୁଞ୍ଜି ବିନିଯୋଗ ପାଇଁ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ରାଜ୍ୟରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ ହେବ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ମହିଳାଙ୍କ ବିରୋଧରେ ଅପରାଧ ପ୍ରତି ସରକାର 'ଶୂନ୍ୟ ସହନଶୀଳତା ନୀତି' ଆପଣାଇଛନ୍ତି। ମହିଳାଙ୍କ ପ୍ରତି ହିଂସା କରୁଥିବା ବ୍ୟକ୍ତି ପାଇଁ ଜେଲ୍ ହିଁ ଗୋଟିଏ ଠିକଣା ବୋଲି ସମସ୍ତେ ବୁଝିନେବା ଆବଶ୍ୟକ। ଆସନ୍ତା କିଛି ବର୍ଷ ମଧ୍ୟରେ ରାଜ୍ୟରେ ପ୍ରାଥମିକ ତଥା ଉଚ୍ଚଶିକ୍ଷାର ସ୍ୱରୂପ ସଂପୂର୍ଣ୍ଣ ଭାବେ ବଦଳିବାକୁ ଯାଉଛି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଦେଶରେ ଏକ ମଡେଲ୍ ହେବାକୁ ଯାଉଛି। ଏହାଦ୍ୱାରା ଗାଁ ସ୍କୁଲରେ ପଢ଼ିଥିବା ପିଲା ସହର ପିଲାଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିପାରିବ। ରାଜନୈତିକ କାରଣରୁ ରାଜ୍ୟରେ ଲାଗୁ ହୋଇପାରୁ ନଥିବା ନୂତନ ଶିକ୍ଷାନୀତି-୨୦୨୦ ବର୍ତ୍ତମାନ କାର୍ଯ୍ୟକାରୀ ହୋଇସାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶା ସମେତ ସାରା ଦେଶରୁ ଆସନ୍ତା ଦୁଇ ମାସ ମଧ୍ୟରେ ନକ୍ସଲ ସଙ୍ଗଠନ ନିର୍ମୂଳ ହେବାକୁ ଯାଉଛି। ତେଣୁ ଆତ୍ମସମର୍ପଣ କରି ମୁଖ୍ୟ ଧାରାରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ନକ୍ସଲମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିବା ବେଳେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଡିସିପି ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।







# ଭାରତ-ଇୟୁ ଐତିହାସିକ ରାଜିନାମା

ନୂଆଦିଲ୍ଲୀ: ଭାରତ ଓ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବହୁ ପ୍ରତୀକ୍ଷିତ ମୁକ୍ତ ବାଣିଜ୍ୟ ରାଜିନାମା ନୂଆଦିଲ୍ଲୀରେ ଘୋଷଣା ହୋଇଛି। ୧୮ ବର୍ଷର ଆଲୋଚନା ପରେ ଏହି ସଫଳତା ମିଳିଛି। ୧୬ତମ ଭାରତ-ଇୟୁ ସମ୍ମିଳନୀ ଅବସରରେ ଏ ନେଇ ଘୋଷଣା କରାଯାଇଛି। ୨୦୨୭ରୁ ଏହା କାର୍ଯ୍ୟକାରୀ ହୋଇପାରେ। ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ମୋଟ ୭ଟି ରାଜିନାମା ହୋଇଛି। କ୍ଷେତ୍ରରେ ଶୁଳ୍କ ଶୂନ ପ୍ରତିଶତକୁ ଭାରତ ହ୍ରାସ କରିବ। ସେହିଭଳି ୟୁରୋପୀୟ ସଂଘ ୭ ବର୍ଷ ମଧ୍ୟରେ ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବ। କୁଶଳୀ ମାନବସମ୍ବଳ ଯାଆସ ସହଜ ପାଇଁ ମଧ୍ୟ ରାଜିନାମା ହୋଇଛି। ଭାରତକୁ ୟୁରୋପୀୟ ସଂଘ ରପ୍ତାନି କରୁଥିବା ୯୬.୬% ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରାଯାଇଛି କିମ୍ବା ସଂପୂର୍ଣ୍ଣ ହଟାଇ ଦିଆଯାଇଛି।

## ୧୮ ବର୍ଷର ଉଦ୍ୟମ ସଫଳ



ବାଣିଜ୍ୟଠାରୁ ଆରମ୍ଭ କରି ନିରାପତ୍ତା, ପ୍ରତିରକ୍ଷା ସହଭାଗିତା, ମୋବିଲିଟି, ବିପର୍ଯ୍ୟୟ ବିପଦ ପରିଚାଳନା ଏବଂ ଗ୍ରିନ୍ ହାଇଡ୍ରୋଜେନ୍ ଏଥିରେ ରହିଛି। ବାଣିଜ୍ୟ ରାଜିନାମା ଫଳରେ ଭାରତ ଓ ଇୟୁ ଉଭୟ ପରସ୍ପରର ବଜାରରେ ପ୍ରବେଶ ନେଇ ଅଧିକ ସୁବିଧା ପାଇବେ। ଭାରତର ଶ୍ରମଭିତ୍ତିକ ଶିଳ୍ପଗୁଡ଼ିକ ସବୁଠୁ ଅଧିକ ଲାଭବାନ ହେବ। ବୟନଶିଳ୍ପ, ପୋଷାକ, ଚମଡ଼ା, ଜୋତା, ସାମୁଦ୍ରିକ ଖାଦ୍ୟ, ମୂଲ୍ୟବାନ ପ୍ରସ୍ତର, ଗହଣା, ହସ୍ତଶିଳ୍ପ, ଇଞ୍ଜିନିୟରିଂ ସାମଗ୍ରୀ ଏବଂ ଅଟୋମୋବାଇଲ କ୍ଷେତ୍ରରେ ଶୁଳ୍କ ହ୍ରାସ ପାଇବ। ଏହାଦ୍ୱାରା ଶ୍ରମିକ, କାରିଗର, ମହିଳା, ଯୁବବର୍ଗ ଏବଂ ଏମ୍ଏସ୍ଏମ୍ଇ ଆଦି କ୍ଷେତ୍ର ଉପକୃତ ହେବେ। ରାଜିନାମା ଅନୁଯାୟୀ, ୧୦ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ କାରବାରର ୯୩% ସାମଗ୍ରୀ

ୟୁରୋପୀୟ କାର୍ ନିର୍ମାତାଙ୍କ ପାଇଁ ଭାରତରେ ପ୍ରିମିୟମ କାର୍ ବିକ୍ରିକୁ ପ୍ରୋତ୍ସାହନ ଦିଆଯାଇଛି। ଏଥିସହିତ ଭାରତରେ କାର୍ ଉତ୍ପାଦନକୁ ଉତ୍ସାହିତ କରିବା ସହିତ ବିଦେଶକୁ କାର ରପ୍ତାନି ପାଇଁ ରାସ୍ତା ଖୋଲାଯାଇଛି। ଫଳରେ ଭାରତକୁ ନୂଆ ପ୍ରଯୁକ୍ତି ଆସିବା ସହିତ ଗ୍ରାହକମାନେ ପ୍ରତିଯୋଗିତାର ଲାଭ ପାଇବେ। ଚା, କଫି, ମସଲା, ତାଜା ଫଳ, ପନିପରିବା ଏବଂ ପ୍ରକ୍ରିୟାକୃତ ଖାଦ୍ୟରେ ପ୍ରତିଯୋଗିତା ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ଗ୍ରାମାଞ୍ଚଳ ଲୋକଙ୍କ ଆୟ ବଢ଼ିବ ଏବଂ ସମାବେଶୀ ବିକାଶ ସମ୍ଭବ ହୋଇପାରିବ।

ଅନ୍ୟପକ୍ଷରେ ଭାରତ ଏହାର ସମ୍ବେଦନଶୀଳ କ୍ଷେତ୍ର ଯଥା ଦୁଗ୍ଧଜାତୀୟ ଉତ୍ପାଦ, ଶସ୍ୟ, କୁକୁଡ଼ା, ସୋୟାମିଲ ସମେତ ଅନ୍ୟାନ୍ୟ କେତେକ ଫଳ, ପନିପରିବା ଆଦିକୁ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୁରକ୍ଷା ପ୍ରଦାନ କରିଛି। ୟୁରୋପୀୟ ସଂଘ ସହିତ ଆଜି ଘୋଷଣା ହୋଇଥିବା ମେଗା ମୁକ୍ତ ବାଣିଜ୍ୟ ରାଜିନାମା ଫଳରେ ଭାରତୀୟ ଗ୍ରାହକମାନେ ଅନେକ ୟୁରୋପୀୟ ସାମଗ୍ରୀକୁ କମ୍ ଦାମରେ ପାଇପାରିବେ। ସେଥିରେ କାର୍‌ଠାରୁ ଆରମ୍ଭ କରି ମଦ, ଚକୋଲେଟ୍ ଆଦି ରହିଛି। କାର୍ ଉପରେ ଶୁଳ୍କ ୧୧୦%ରୁ ୧୦% ସ୍ତରକୁ କମିବ। ଏଥିରେ କୋଟା ବ୍ୟବସ୍ଥା ରହିବ। ୨,୫୦,୦୦୦ ୟୁନିଟ୍ ପର୍ଯ୍ୟନ୍ତ କାର୍ ଉପରେ ଶୁଳ୍କ କମିପାରିବ। ମଦ ଉପରେ ଶୁଳ୍କ ୧୫୦%ରୁ ୨୦%କୁ କମିବ। ବର୍ତ୍ତମାନ ପାସ୍ତା ଓ ଚକୋଲେଟ୍ ଭଳି ପ୍ରକ୍ରିୟାକୃତ ଖାଦ୍ୟ ଉପରେ ଶୁଳ୍କ ୫୦% ରହିଥିବାବେଳେ ଆଗାମୀ ଦିନରେ ଏହାକୁ ସଂପୂର୍ଣ୍ଣ ଉଚ୍ଛେଦ କରାଯିବ। ଔଷଧ ଉପରେ ଶୁଳ୍କ ୧୧%ରୁ ଶୂନ ପ୍ରତିଶତକୁ ହ୍ରାସ ପାଇବ। ଏଥି ଯୋଗୁଁ ୟୁରୋପୀୟ ସଂଘରୁ ଆମଦାନି ହେବାକୁ ଥିବା ଔଷଧ ଭାରତରେ ଶସ୍ତା ହେବ। ମଦ (ୱାଇନ) ଉପରେ ବର୍ତ୍ତମାନ ୧୫୦% ଶୁଳ୍କ ଆଦାୟ କରାଯାଉଛି। ଆଗାମୀ ଦିନରେ ପ୍ରିମିୟମ୍ ୱାଇନ ଶୁଳ୍କ ୨୦%କୁ ଏବଂ ମିଡିୟମ ରେଞ୍ଜ ୱାଇନ୍ ଶୁଳ୍କ ୩୦%କୁ ହ୍ରାସ ପାଇବ। ସ୍ପିରିଟ୍ ଶୁଳ୍କ ଏବେ ୧୫୦% ପର୍ଯ୍ୟନ୍ତ ଥିବାବେଳେ ଆଗାମୀ ଦିନରେ ଏହା ୪୦%କୁ କମିଯିବ। ବିଅର ଉପରେ ଶୁଳ୍କ ୧୧୦% ଥିବାବେଳେ ଏହା ୫୦%କୁ ହ୍ରାସ ପାଇବ। ଅଲିଭ ଅଏଲ୍ ଏବଂ ଅନ୍ୟ କେତେକ ତେଲ ଉପରେ ଶୁଳ୍କ ବର୍ତ୍ତମାନ ୪୫% ପର୍ଯ୍ୟନ୍ତ ଆଦାୟ ହେଉଥିବା ବେଳେ ଆଗାମୀ ଦିନରେ ଏହାକୁ ସଂପୂର୍ଣ୍ଣ ଉଠାଇ ଦିଆଯିବ। ଫଳରସ ଏବଂ ଆଲକହଲ୍‌ବିହୀନ ବିଅର ଉପରେ ଶୁଳ୍କ ବର୍ତ୍ତମାନ ୫୫% ପର୍ଯ୍ୟନ୍ତ ରହିଛି। ଏହାକୁ ସଂପୂର୍ଣ୍ଣ ଉଠାଇ ଦିଆଯିବ। ସେହିଭଳି ପାଉଁରୁଟି, ପାଷ୍ଟ୍ରିଜ୍, ବିସ୍କୁଟ, ଚକୋଲେଟ୍, ମେଣ୍ଢା ମାଂସ ଉପରେ ଶୁଳ୍କ ରହିବ ନାହିଁ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ୟୁରୋପୀୟ ସଂଘ ସହିତ ସଂପର୍କ ମଜଭୁତ ହୋଇ ନୂଆ ଶିଖରରେ ପହଞ୍ଚିଛି। ଏହା କେବଳ ଏକ ବାଣିଜ୍ୟ ରାଜିନାମା ନୁହେଁ, ବରଂ ମିଳିତ ସମୃଦ୍ଧି କ୍ଷେତ୍ରରେ ଏହା ଏକ ନୂଆ ନକ୍ସା। ଭାରତ ଆଜି ୨୭ଟି ଦେଶକୁ ନେଇ ଗଠିତ ୟୁରୋପୀୟ ସଂଘ ସହିତ ବଡ଼ ରାଜିନାମା କରିଛି। ଏହା ନିବେଶକୁ ପ୍ରୋତ୍ସାହିତ କରିବ ଏବଂ ବିଶ୍ୱରେ ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବ। ଏହି ରାଜିନାମାକୁ ମଦର୍ ଅଫ୍ ଅଲ୍ ଟ୍ରେଡ୍ ଡିଲ୍ କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ୟୁରୋପୀୟ ଆୟୋଗର ସଭାପତି ଉର୍ସୁଲା ଭନ୍ ଡେର୍ ଲେୟେନ ଏବଂ ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ କୋଷ୍ଟାଙ୍କ ଉପସ୍ଥିତିରେ ଏହି ରାଜିନାମାଗୁଡ଼ିକ ସ୍ୱାକ୍ଷର ହୋଇଛି। ଭାରତର ରପ୍ତାନି ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦% ଶୁଳ୍କ ଲଗାଇଥିବାରୁ ଭାରତ ବିକଳ୍ପ ବଜାରର ଅନୁସନ୍ଧାନ କରୁଛି। ଏଭଳି ସ୍ଥିତିରେ ଏହି ରାଜିନାମାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଭାରତ-ଇୟୁ ମୁକ୍ତ ବାଣିଜ୍ୟ ରାଜିନାମା ସଂକ୍ରାନ୍ତ ଆଲୋଚନା ଶେଷ ହୋଇଥିବା ନେଇ ରାଜିନାମା ସ୍ୱାକ୍ଷର ଏବଂ ରାଜନୈତିକ ଘୋଷଣାନାମା ବିନିମୟ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, ଆଜି ଦୁଇ ପ୍ରମୁଖ ଗଣତାନ୍ତ୍ରିକ ଶକ୍ତି ସେମାନଙ୍କ ସଂପର୍କରେ ଏକ ନିର୍ଣ୍ଣାୟକ ଅଧ୍ୟାୟ ଯୋଡ଼ିଥିବାରୁ ଏହା ଆଉ ଏକ ଐତିହାସିକ ମୁହୂର୍ତ୍ତ। ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଗତ କିଛିବର୍ଷ ମଧ୍ୟରେ ବୃଦ୍ଧି ପାଇଛି। ଭାରତ ଓ ଇୟୁ ମଧ୍ୟରେ ବାଣିଜ୍ୟ ରାଜିନାମା କ୍ଷେତ୍ରରେ ଏହା ଏକ ବିବାଦୀୟ ପ୍ରସଙ୍ଗ ଥିବା କାର୍ବନ୍ ଟିକସରେ କୌଣସି ରିହାତି ବର୍ତ୍ତମାନ ମିଳିନାହିଁ। କିନ୍ତୁ ଭବିଷ୍ୟତରେ ଯଦି କାହାକୁ ଏ ନେଇ କିଛି ରିହାତି ଦିଆଯାଏ ତାହେଲେ ଭାରତର ରପ୍ତାନିକାରୀମାନଙ୍କୁ ମଧ୍ୟ ତାହା ମିଳିବ ବୋଲି କୁହାଯାଇଛି। କାର୍ବନ୍ ବର୍ଡର ଆଡଜଷ୍ଟମେଣ୍ଟ ମେକାନିଜିମ୍ (ସିବିଏଏମ୍) ବା କାର୍ବନ୍ ଟିକସ ଚଳିତମାସ ୧ରୁ କାର୍ଯ୍ୟକାରୀ ହୋଇଛି। ଏହି ବ୍ୟବସ୍ଥାରେ ଉତ୍ପାଦନ ସମୟରେ ଏକ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ କାର୍ବନ୍ ନିର୍ଗମନ ହେଲେ ତାହା ଉପରେ ୟୁରୋପୀୟ ସଂଘ କାର୍ବନ୍ ଟିକସ ଲଗାଇବ।

# ସାଧାରଣତନ୍ତ୍ର ଦିବସରେ ସାମରିକ ଶକ୍ତି ପ୍ରଦର୍ଶନ






ନୂଆଦିଲ୍ଲୀ: ସାମରିକ ଶକ୍ତି, ସାଂସ୍କୃତିକ ଐତିହ୍ୟ ଓ କୂଟନୀତିର ପ୍ରଦର୍ଶନ ଭାରତର ୭୭ତମ ଗଣତନ୍ତ୍ର ଦିବସର ବିଶେଷତ୍ୱ ଥିଲା। ପାରମ୍ପରିକ ପରେଡରେ ଯୁଦ୍ଧ ବିମାନ, ଆକ୍ରମଣକାରୀ ହେଲିକପ୍ଟର, ଟ୍ୟାଙ୍କ, କ୍ଷେପଣାସ୍ତ୍ର, ରକେଟ୍, ବିଭିନ୍ନ ମାନବବିହୀନ ପ୍ରଣାଳୀ, ବଲିଉଡ୍ ସ୍ପର୍ଶ ସହିତ ଏକ ସଂଗୀତ ଉତ୍ସବ ଏବଂ ଦେଶର କୋଣ ଅନୁକୋଣରୁ ୨,୫୦୦ କଳାକାରଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଆନୁମାନିକ ୭୭,୦୦୦ ଦର୍ଶକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି ବର୍ଷର ବିଦେଶୀ ଅତିଥି ଥିଲେ ୟୁରୋପୀୟ ଆୟୋଗର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲିଏନ୍ ଓ ୟୁରୋପୀୟ ପରିଷଦର ମୁଖ୍ୟ ଆଣ୍ଟୋନିଓ କୋଷ୍ଟା।

ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ସର୍ବଦା ସାମରିକ ଶକ୍ତି ଓ ଜାତୀୟତାବାଦର ପ୍ରଦର୍ଶନ କରାଯାଇଥାଏ। ଗତ ମେ ମାସରେ ପାକିସ୍ତାନ ବିରୋଧରେ ଅପରେସନ୍ ସିନ୍ଦୂରକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଏହା ବିଶେଷ ଥିଲା। କର୍ତ୍ତବ୍ୟ ପଥରେ ୯୦ ମିନିଟର ପରେଡ୍‌ରେ ଏହି ଅପରେସନକୁ ଗୁରୁତ୍ୱ ଦିଆଯାଇଥିଲା, ଯେଉଁଥିରେ ଏକ ତିନି ସେନା ପ୍ରଜ୍ଞାପନ ମେଢ ଥିମ୍ ଥିଲା। ପରେଡ୍‌ର ସାଂସ୍କୃତିକ ବିଭାଗ ଭାରତର ଜାତୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀକୁ ନେଇ ବିଷୟବସ୍ତୁ ରଖିଥିଲା। ଗଣତନ୍ତ୍ର ଦିବସ ପରେଡ୍‌ରେ ଭାରତର ସୁରକ୍ଷା ଉପକରଣକୁ ପ୍ରଦର୍ଶିତ କରାଯାଇଥିଲା, ଯାହା ଦେଶର ପ୍ରସ୍ତୁତି, ବୈଷୟିକ ଦକ୍ଷତା ଓ ନାଗରିକଙ୍କ ସୁରକ୍ଷା ପାଇଁ ଅଦମ୍ୟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା ଗଣତନ୍ତ୍ର ଦିବସ ପରେଡରେ ଭାରତର ସାଂସ୍କୃତିକ ବିବିଧତାକୁ ପାଳନ କରାଯାଇଥିଲା, ଯେଉଁଥିରେ ଉତ୍ତେଜକ ପ୍ରଦର୍ଶନ ଓ ପ୍ରଜ୍ଞାପନ ମେଢ ଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ସରେ କହିଛନ୍ତି। ପ୍ରଥମ ଥର ପାଇଁ ଦୁଇଟି କୁଜ ଥିବା ଓଟ ଓ ଟଟୁଘୋଡ଼ା ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ୧୭ଟି ଏବଂ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ୧୩ଟି ପ୍ରଜ୍ଞାପନ ମେଢ କର୍ତ୍ତବ୍ୟ ପଥରେ ବନ୍ଦେ ମାତରମ୍‌ର ପରମ୍ପରାକୁ ପ୍ରଦର୍ଶିତ କରିଥିଲା। ସ୍ୱାଧୀନତା ପରବର୍ତ୍ତୀ ଯୁଦ୍ଧ ଓ ଅପରେସନରେ ସହିଦ ହୋଇଥିବା ସୈନିକମାନଙ୍କ ପାଇଁ ଉତ୍ସର୍ଗୀକୃତ ଜାତୀୟ ଯୁଦ୍ଧ ସ୍ମାରକୀରେ ମୋଦୀ ଭାରତର ଶହୀଦ ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଏହି ଉତ୍ସବ ଆରମ୍ଭ ହୋଇଥିଲା।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଚଳିତ ବର୍ଷର ମୁଖ୍ୟ ଅତିଥି ଭନ୍ ଡେର୍ ଲିଏନ୍ ଓ କୋଷ୍ଟା ଛଅଟି ଘୋଡା ଦ୍ୱାରା ଟଣାଯାଇଥିବା ଚାରିଚକିଆ ଗାଡିରେ ପହଞ୍ଚିବା ପରେ ସମାରୋହ ଆରମ୍ଭ ହୋଇଥିଲା। ସେନାର ୧୭୨ ଫିଲ୍ଡ ରେଜିମେଣ୍ଟର ଆନୁଷ୍ଠାନିକ ବ୍ୟାଟେରି ୧୦୫ ମିମି ଲାଇଟ୍ ଫିଲ୍ଡ ଗନ୍ ସହିତ ୨୧-ତୋପ ସଲାମି ଦିଆଯାଇଥିଲା। ପରେଡ୍ ଆରମ୍ଭ ହେବା ପୂର୍ବରୁ ରାଷ୍ଟ୍ରପତି ଭାରତୀୟ ମହାକାଶଚାରୀ ତଥା ଯୁଦ୍ଧ ବିମାନ ପାଇଲଟ୍ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କୁ ଦେଶର ସର୍ବୋଚ୍ଚ ଶାନ୍ତିକାଳୀନ ସାହସିକତା ପଦକ ଅଶୋକ ଚକ୍ର ପ୍ରଦାନ କରିଥିଲେ। ଆଜିକାଲି ସାମରିକ ଅଭିଯାନ ସମୟରେ ଡ୍ରୋନ୍‌ର ପ୍ରଭାବ ବୃଦ୍ଧି ପାଉଥିବାରୁ ଏହାର ବିଶେଷ ପ୍ରଦର୍ଶନ କରାଯାଇଥିଲା। ପ୍ରଥମ ଥର ପାଇଁ ପରେଡରେ ପ୍ରଦର୍ଶିତ ହୋଇଥିବା ଅସ୍ତ୍ରଶସ୍ତ୍ର ପ୍ରଣାଳୀରେ ସୂର୍ଯ୍ୟାସ୍ତ୍ର ନାମକ ଏକ ନୂତନ ୟୁନିଭର୍ସାଲ୍ ରକେଟ୍ ଲଞ୍ଚର ସିଷ୍ଟମ୍ ଏବଂ ଦୀର୍ଘ ଦୂରଗାମୀ ଜାହାଜ ନିରୋଧୀ ହାଇପରସୋନିକ୍ କ୍ଷେପଣାସ୍ତ୍ର ଅନ୍ତର୍ଭୁକ୍ତ। ପ୍ରଦର୍ଶିତ ଅନ୍ୟ ଅସ୍ତ୍ରଶସ୍ତ୍ର ଓ ପ୍ରଣାଳୀ ମଧ୍ୟରେ ମଧ୍ୟମ ଦୂରଗାମୀ ଭୂପୃଷ୍ଠରୁ ଆକାଶ କ୍ଷେପଣାସ୍ତ୍ର ପ୍ରଣାଳୀ, ଅଭ୍ର କ୍ଷେପଣାସ୍ତ୍ର ପ୍ରଣାଳୀ, ଟି-୯୦ ଓ ଅର୍ଜୁନ ଟ୍ୟାଙ୍କ, ଆମୋଘ ଏଟିଏଜିଏସ୍ (ଆଡଭାନ୍ସଡ୍ ଟୋଡ୍ ଆର୍ଟିଲାରି ଗନ୍ ସିଷ୍ଟମ୍), ଧନୁଷ ଆର୍ଟିଲାରି ଗନ୍, ବିଏମ୍‌ପି-୨ ପଦାତିକ ଯୁଦ୍ଧ ଯାନ, ଅଲ୍-ଟେରେନ୍ ଯାନ ଏବଂ ହାଲୁକା ଷ୍ଟ୍ରାଇକ୍ ଯାନ ଅନ୍ତର୍ଭୁକ୍ତ ଥିଲା। ଫ୍ଲାଇପାଷ୍ଟରେ ସାତଟି ଯୁଦ୍ଧବିମାନ ସମେତ ୨୯ଟି ବିମାନ ପ୍ରଦର୍ଶିତ ହୋଇଥିଲା। ଯୁଦ୍ଧବିମାନରେ ଦୁଇଟି ରାଫେଲ, ଦୁଇଟି ମିଗ୍-୨୯, ଦୁଇଟି ସୁଖୋଇ-୩୦ ଓ ଗୋଟିଏ ଜାଗୁଆର ଅନ୍ତର୍ଭୁକ୍ତ ଥିଲା। ତିନି ସେନାର ପ୍ରଜ୍ଞାପନ ମେଢ଼ରେ ଅପରେସନ ସିନ୍ଦୂର ସମୟରେ ମୁତୟନ ହୋଇଥିବା ପ୍ରମୁଖ ଅସ୍ତ୍ରଶସ୍ତ୍ର ପ୍ରଣାଳୀର ଏକା ଢାଞ୍ଚା ପ୍ରଦର୍ଶିତ ହୋଇଥିଲା।

## ବାରାମତିରେ ବିମାନ ଦୁର୍ଘଟଣା

# ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପରଲୋକ



ମୁମ୍ବାଇ: ୨୯ ତାରିଖ ସକାଳ ୮ଟା ୪୦ ମିନିଟ୍‌ରେ ଏକ ଛାତିଥରା ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ମୁଖ୍ୟ ଅଜିତ ପାୱାରଙ୍କ ପରଲୋକ ଘଟିଛି। ତାଙ୍କୁ ନେଇ ଯାଉଥିବା ଚାର୍ଟାର୍ଡ ବିମାନଟି ବାରାମତି ବିମାନବନ୍ଦରରେ ଦ୍ୱିତୀୟ ଥର ପାଇଁ ଜରୁରିକାଳୀନ ଅବତରଣ କରିବାକୁ ଚେଷ୍ଟା କରୁଥିବାବେଳେ ବିମାନଟି ଖଣ୍ଡଖଣ୍ଡ ହୋଇ ଜଳି ଯାଇଥିଲା। ପାୱାରଙ୍କ ବ୍ୟତୀତ ଦୁଇ ପାଇଲଟ୍ ଓ ଦୁଇ ସୁରକ୍ଷା କର୍ମୀ (ଜଣେ ପିଏସ୍‌ଓ ଓ ଜଣେ ଆଟେଣ୍ଡାଣ୍ଟ) ମଧ୍ୟ ପ୍ରାଣ ହରାଇଛନ୍ତି। ପାୱାରଙ୍କ ନିଧନ ସହିତ ମହାରାଷ୍ଟ୍ର ରାଜନୀତିରେ ଆଜି ଏକ ଯୁଗର ଅନ୍ତ ଘଟିଛି।

ବାରାମତିରେ ଜନ୍ମିତ ୬୬ ବର୍ଷୀୟ ଅଜିତ ପାୱାର ସେହି ନିର୍ବାଚନମଣ୍ଡଳୀରୁ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ଆଜି ବାରାମତିରେ ତାଙ୍କର ଦୁର୍ଘଟଣାଜନିତ ମୃତ୍ୟୁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। ସେଠାରେ ସେ ଜିଲ୍ଲା ପରିଷଦ ନିର୍ବାଚନ ପୂର୍ବରୁ ଚାରିଟି ସାଧାରଣ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ଥିଲା।

ସୂଚନା ଅନୁସାରେ, ଟେବୁଲ୍-ଟପ୍ ରନ୍‌ୱେରେ ଦ୍ୱିତୀୟ ଅବତରଣ ଉଦ୍ୟମ ସମୟରେ ବୋମ୍ବାର୍ଡିୟର ଲିୟରଜେଟ୍-୪୫ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଡିଜିସିଏ ଏକ ବିବୃତିରେ କହିଛି ଯେ ବିମାନରେ ଥିବା ପାଞ୍ଚ ଜଣଙ୍କର ମୃତ୍ୟୁ ଘଟିଛି। ବିମାନ ଚଳାଚଳ ନିୟାମକ କହିଛନ୍ତି, ଦୁର୍ବଳ ଦୃଶ୍ୟମାନତା ହେତୁ ଏହି ଦୁର୍ଘଟଣା ଘଟିଥାଇପାରେ। ବିମାନରେ ଥିବା ଦୁଇ ପାଇଲଟ୍ ହେଲେ କ୍ୟାପଟେନ୍ ସୁମିତ କପୁର ଓ ଶାମ୍ଭବୀ ପାଠକ। କପୁରଙ୍କର ୧୬,୦୦୦ ଘଣ୍ଟାର ଉଡ଼ାଣ ଅଭିଜ୍ଞତା ଥିଲା ଏବଂ ଉଭୟ ଦିଲ୍ଲୀର ବାସିନ୍ଦା ଥିଲେ।

୧୬ ବର୍ଷର ପୁରୁଣା ଏହି ବିମାନ ଦିଲ୍ଲୀର ଚାର୍ଟର୍ କମ୍ପାନି ଭିଏସ୍‌ଆର୍‌ର ଅଟେ। ଦୁର୍ଘଟଣା ପରେ ବିମାନଟି ପାଉଁଶ ହୋଇଯାଇଥିଲା। ପ୍ରାରମ୍ଭିକ ଦୃଶ୍ୟରେ ବାରାମତିର ଏହି ଅଞ୍ଚଳରୁ ପ୍ରଚଣ୍ଡ ନିଆଁ ଓ ଧୂଆଁ ଉଠୁଥିବାର ଦେଖାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ବିମାନଟି ଅବତରଣ କରିବାକୁ ଚେଷ୍ଟା କରୁଥିଲା ବେଳେ ରନ୍‌ୱେ ନଂ ୧୧ର ମୁହଁରେ ହିଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସଙ୍ଗେ ସଙ୍ଗେ ବିମାନଟି ଜଳିଯାଇଥିଲା। ଦୁର୍ଘଟଣାର ପ୍ରଭାବ ଏତେ ଭୀଷଣ ଥିଲା ଯେ ପାୱାରଙ୍କ ମୃତଦେହ ତାଙ୍କ ଘଣ୍ଟା ଓ ପୋଷାକ ମାଧ୍ୟମରେ ହିଁ ଚିହ୍ନଟ କରାଯାଇଥିଲା। ଅଜିତ ପାୱାରଙ୍କ ଅନ୍ତିମ ସଂସ୍କାର ୩୦ ତାରିଖ ବାରାମତିରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସମ୍ପନ୍ନ ହୋଇଛି। ପୁଅ ପାର୍ଥ ମୁଖାଗ୍ନି ଦେଇଥିଲେ। ପଞ୍ଚଭୂତରେ ବିଲୀନ ହୋଇଛି ଅଜିତ ପାୱାରଙ୍କ ପାର୍ଥିବ ଶରୀର। ଏହାସହିତ ଶେଷ ହୋଇଛି ମହାରାଷ୍ଟ୍ର ରାଜନୀତିର ଏକ ଯୁଗ।

## ମହାରାଷ୍ଟ୍ରର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସୁନେତ୍ରା ପାୱାର



ମହାରାଷ୍ଟ୍ର: ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସୁନେତ୍ରା ପାୱାର । ଦିବଂଗତ ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ରା ପାୱାର ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ମହାରାଷ୍ଟ୍ରର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ସେ ଶପଥ ନେଇଛନ୍ତି । ସେ ରାଜ୍ୟ ଇତିହାସରେ ଏହି ପଦବୀ ଅଳଙ୍କୃତ କରିଥିବା ପ୍ରଥମ ମହିଳା ହୋଇପାରିଛନ୍ତି। ନିଜ ସ୍ୱାମୀ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିୟୋଗର ମାତ୍ର ତିନି ଦିନ ପରେ ସେ ଏହି ଗୁରୁଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ୨୮ ତାରିଖରେ ଏକ ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କର ଦେହାନ୍ତ ହୋଇଥିଲା।ମୁମ୍ବାଇର ଲୋକ ଭବନରେ ଆୟୋଜିତ ଏକ ଗମ୍ଭୀର କାର୍ଯ୍ୟକ୍ରମରେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ସୁନେତ୍ରା ପାୱାରଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଉପସ୍ଥିତ ରହିଥିଲେ। ଏନସିପିର ସହଯୋଗୀ ଦଳର ଏହି ଶୀର୍ଷ ନେତାମାନେ ସୁନେତ୍ରାଙ୍କୁ ଶୁଭେଚ୍ଛା ଜଣାଇବା ସହ ସମର୍ଥନ ପ୍ରକାଶ କରିଥିଲେ।

## ୨୨ ଜଣଙ୍କୁ ରାଷ୍ଟ୍ରପତି, ୨୦ ଜଣଙ୍କୁ ରାଜ୍ୟପାଳ ପୁଲିସ ପଦକ

# ୪୨ ପୁଲିସ କର୍ମଚାରୀଙ୍କୁ ପୁଲିସ ପଦକ



ଭୁବନେଶ୍ୱର: କାର୍ଯ୍ୟ କ୍ଷେତ୍ରରେ ବିଶିଷ୍ଟ ସେବା, ପ୍ରସଂଶନୀୟ ସେବା ଏବଂ ସାହସିକତା ପାଇଁ ୪୨ ପୁଲିସ କର୍ମଚାରୀଙ୍କୁ ପୁଲିସ ପଦକ ପ୍ରଦାନ କରାଯାଇଛି। ସାଧାରଣତନ୍ତ୍ର ଦିବସ ଅବସରରେ ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପୁଲିସ ପଦକ ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପୁଲିସ କର୍ମଚାରୀଙ୍କୁ ଏହି ପଦକ ପ୍ରଦାନ କରିଛନ୍ତି।

୨୦୨୫ ମସିହା ଅଗଷ୍ଟ ୧୫ ତାରିଖରେ ରାଷ୍ଟ୍ରପତି ପଦକ ପାଇଁ ବିବେଚିତ ହୋଇଥିବା ଏସ୍‌ପି(ଭିଜିଲାନ୍ସ) ରବୀନ୍ଦ୍ର ପଣ୍ଡା ଓ କମାଣ୍ଡାଣ୍ଟ ନରେଶ ପଟେଲଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି। ସେହିପରି ପ୍ରଶଂସନୀୟ ସେବା ପାଇଁ ଓଏସ୍‌ଏପି କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ସହକାରୀ ମହାନିରୀକ୍ଷକ ମହେଶ୍ୱର ସେଠୀ, ଅତିରିକ୍ତ ପୁଲିସ ଅଧୀକ୍ଷକ ପ୍ରଦୀପ କୁମାର ପ୍ରଧାନ, ଅତିରିକ୍ତ ପୁଲିସ ଅଧୀକ୍ଷକ ଦେବେନ୍ଦ୍ର ନାରାୟଣ ଦାଶ, ଡିଏସ୍‌ପି ଆଶିଷ କୁମାର ରାଉତ, ଡିଏସ୍‌ପି ଏ ଶ୍ରୀନିବାସ ଦୋରା, ଡିଏସ୍‌ପି ହେମାମାଳନୀ ନାୟକ, ଇନ୍‌ସପେକ୍ଟର ସନ୍ତୋଷ କୁମାର ମିର୍ଦ୍ଧା, ସହକାରୀ ସବ୍‌ଇନ୍‌ସପେକ୍ଟର ଅରୁଣ କୁମାର ସାମନ୍ତ, ସହକାରୀ ସବ୍‌ଇନ୍‌ସପେକ୍ଟର ଅରବିନ୍ଦ ଦାସ ଏବଂ କନେଷ୍ଟବଳ ଚିନ୍ମୟୀ ରାଉତ। ଅଗ୍ନିଶମ, ହୋମଗାର୍ଡ, ସିଭିଲ ଡିଫେନ୍ସ ବର୍ଗରେ ସାହସିକତା ପାଇଁ ସବ୍‌ଇନ୍‌ସପେକ୍ଟର ଅମରେଶ ଚନ୍ଦ୍ର ନରେନ୍ଦ୍ର, କନେଷ୍ଟବଳ ଜିତେନ୍ଦ୍ର କୁମାର ନାୟକ, ଓଏପିଏଫ୍ ଅର୍ଜୁନ ମଲ୍ଲିକ, ଓଏପିଏଫ୍ ଯୁଧିଷ୍ଠିର ମଲ୍ଲିକ, ହାବିଲଦାର ଅଶ୍ୱିନୀ କୁମାର ବାଗ୍, କମାଣ୍ଡୋ ଡମ୍ବରୁଧର ଭୋଇ, ନବୀନ କୁମାର ସାହୁ, ପ୍ରଦୀପ ଶେଷ୍ଠ ଏବଂ ଅଭିମନ୍ୟୁ ମାଝୀଙ୍କୁ ବୀରତ୍ୱ ପୁରସ୍କାର ପ୍ରଦାନ କରାଯାଇଛି।

ସେହିପରି ଉଲ୍ଲେଖନୀୟ ସେବା ପାଇଁ ୨୦ଜଣଙ୍କୁ ରାଜ୍ୟପାଳ ପୁଲିସ ପଦକ ପ୍ରଦାନ କରାଯାଇଛି। ସେମାନେ ହେଲେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ ଏବଂ ପୁରୀ ଏସ୍‌ପି ପ୍ରତୀକ ସିଂହ। ସେହିପରି ଅତିରିକ୍ତ ଏସ୍‌ପି (ଭିଜିଲାନ୍ସ) ଅନୁପମା ମହାପାତ୍ର, କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ସଚ୍ଚିଦାନନ୍ଦ ରଥ, ସିକ୍ୟୁରିଟି ୱିଙ୍ଗର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପ୍ରସନ୍ନ କୁମାର ରାଉତ, ଇନ୍‌ସ୍‌ପେକ୍ଟର କରୁଣାକର ରାଉତ, ଡିଏସ୍‌ପି ଅନୁସୂୟା ସେନାପତି, ଇନ୍‌ସ୍‌ପେକ୍ଟର ରାକେଶ ପ୍ରସାଦ ଜେନା, ଏସ୍‌ଆଇ ଡି ଗଜପତି ଦୋରା(ଗଜପତି), ପ୍ରତାପ କାଲୋ(ସୁନ୍ଦରଗଡ଼), ଶଙ୍କର ପ୍ରସାଦ ବେହେରା(ବୌଦ୍ଧ),ଏଏସ୍‌ଆଇ ଅରୁଣ କୁମାର ସାମନ୍ତ, ସାଧୁ ସିଂ ସମଦ, ହାବିଲ୍‌ଦାର ପୋର୍ତୁରାଜ କୁର୍ମି, କନେଷ୍ଟବଳ ଅକ୍ଷୟ କୁମାର ସାମନ୍ତ, ଫିରୋଜ କୁମାର ରାଉତ, ମନୋଜ କୁମାର ବିଶି, ଫୁଲ ପଟେଲ୍ ଏବଂ ସିପାହୀ ପବିତ୍ର କୁମାର ସାହୁଙ୍କୁ ରାଜ୍ୟପାଳ ପୁଲିସ ପଦକ ପ୍ରଦାନ କରାଯାଇଛି।

## ଦେଶବାସୀଙ୍କୁ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ

# 'ଆତ୍ମନିର୍ଭରଶୀଳତା' ବହୁତ ବଡ଼ ଶକ୍ତି

### ୭୭ତମ ସାଧାରଣତନ୍ତ୍ର ଦିବସ

### ବନ୍ଦେ ମାତରମ୍ ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ଦେଶପ୍ରେମ ସୃଷ୍ଟି କରେ



ନୂଆଦିଲ୍ଲୀ: ଅପରେସନ୍ ସିନ୍ଦୂରର ଐତିହାସିକ ସଫଳତା ପଛରେ ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତା ରହିଛି ଏବଂ ଏହା ବହୁତ ବଡ଼ ଶକ୍ତି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭୭ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ସମ୍ବୋଧନରେ କହିଛନ୍ତି।

ଏପ୍ରିଲ୍ ୨୦୨୫ରେ ଜାମ୍ମୁ କାଶ୍ମୀରର ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀମାନେ ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରିବା ପରେ ଭାରତର ପଦକ୍ଷେପ ବିଷୟରେ ଉଲ୍ଲେଖ କରି ରାଷ୍ଟ୍ରପତି କହିଛନ୍ତି, ପ୍ରତିରକ୍ଷା କ୍ଷେତ୍ରରେ ଆମର ଆତ୍ମନିର୍ଭରଶୀଳତା ଅପରେସନ୍ ସିନ୍ଦୂରର ଐତିହାସିକ ସଫଳତାକୁ ଶକ୍ତି ପ୍ରଦାନ କରିଛି। ପାକିସ୍ତାନର ସାମରିକ ପ୍ରତିଷ୍ଠାନ ଏବଂ ଆତଙ୍କବାଦୀ ଭିତ୍ତିଭୂମି ଉପରେ ବ୍ରହ୍ମୋସ କ୍ରୁଜ୍ କ୍ଷେପଣାସ୍ତ୍ର ନିକ୍ଷେପ ସହ ଦେଶର ସୁରକ୍ଷା ପାଇଁ ଏକ ସ୍ୱଦେଶୀ ବିକଶିତ ଏବଂ ସମନ୍ୱିତ ବାୟୁ ପ୍ରତିରକ୍ଷା ନେଟ୍‌ୱର୍କ ବ୍ୟବହାର ହୋଇଥିଲା। ଭାରତୀୟ ସାମରିକ ଅପରେସନ୍‌ରେ ବ୍ୟାପକ ସଫଳତା ମିଳିବା ପଛରେ ଆତ୍ମନିର୍ଭରତଶୀଳତା ବହୁତ ବଡ଼ ଶକ୍ତି ଭାବେ କାମ କରିଥିଲା ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଷ୍ଟ୍ରପତି ମୁର୍ମୁ 'ବନ୍ଦେ ମାତରମ୍'ର ପରମ୍ପରା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଜାତୀୟ ଗୀତ ହେଉଛି ଭାରତ ମାତାଙ୍କ ଦିବ୍ୟରୂପ ପାଇଁ ପ୍ରାର୍ଥନା ଏବଂ ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ଦେଶପ୍ରେମ ସୃଷ୍ଟି କରେ। ସେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଜାତୀୟ ଗୀତର ବିଭିନ୍ନ ଅନୁବାଦ ଉପରେ ମଧ୍ୟ ଆଲୋକପାତ କରିଥିଲେ, ଯାହା ଭାରତର ସ୍ୱାଧୀନତା ସଂଗ୍ରାମକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଥିଲା।




# ଭାରତ ସହ ପାକ୍ ଖେଳିବନି ବିଶ୍ୱକପ୍ ମ୍ୟାଚ୍

**ଇସଲାମାବାଦ:** ଟ୍ୱେଣ୍ଟି-୨୦ ବିଶ୍ୱକପ୍‌କୁ ନେଇ ଚାଲିଥିବା ଟଣାଓଟରା, ପ୍ରତିଦିନର ନାଟକ ଓ ନଖରାମିରେ ରବିବାର ଆଉ ଏକ କଳଙ୍କିତ ଅଧ୍ୟାୟ ଯୋଡ଼ି ହୋଇଛି। ପୂର୍ବରୁ ଭାରତ ନଆସିବା ଜିଦ୍‌ରେ ଅଟଳ ରହିବା ପରେ ବାଂଲାଦେଶକୁ ଆଇସିସି ଏହି କ୍ରିକେଟ୍ ମହାକୁମ୍ଭରୁ ବିଦା କରିଥିଲା। ଏବେ ଗୋଳିଆ ପାଣିରୁ ଫାଇଦା ଉଠାଇବାକୁ ଯାଇ ପାକିସ୍ତାନ ଆଉ ଏକ ଅପ୍ରତ୍ୟାଶିତ ନିଷ୍ପତ୍ତି ନେଇଛି। ତଦନୁଯାୟୀ ପାକିସ୍ତାନ କ୍ରିକେଟ୍ ଦଳ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଖେଳିବ, କିନ୍ତୁ ଫେବ୍ରୁଆରି ୧୫ ତାରିଖର ଭାରତ ବିପକ୍ଷ ମହାମୁକାବିଲାରୁ ଦୂରେଇ ରହିବ। ଅର୍ଥାତ୍ ଏହି ପ୍ରତୀକ୍ଷିତ ମ୍ୟାଚ୍‌କୁ ପାକିସ୍ତାନ କ୍ରିକେଟ୍ ଦଳ ବର୍ଜନ କରିବ। ପାକିସ୍ତାନ ସରକାରଙ୍କ 'ଏକ୍ସ' ଆକାଉଣ୍ଟରେ ରବିବାର ରାତିରେ ହଠାତ୍ ଏଭଳି ସୂଚନା ଦିଆଯାଇଛି। ତେବେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ବିପକ୍ଷ ମ୍ୟାଚ୍ କାହିଁକି ଏବଂ କେଉଁ ପରିସ୍ଥିତିରେ ପାକିସ୍ତାନ ଖେଳିବନି, ତାହା ଏଥିରେ ସ୍ପଷ୍ଟ କରାଯାଇନି। ଏହି ପ୍ରତୀକ୍ଷିତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳାଯିବାର ଥିଲା। ପାକିସ୍ତାନ ଆସିବନି ବୋଲି କହିବା ପରେ ଭାରତକୁ ଏବେ ଏହି ମ୍ୟାଚ୍‌ର ପୂରା ୨ ପଏଣ୍ଟ ମିଳିଯିବ। ଅନ୍ୟପକ୍ଷରେ ପାକିସ୍ତାନର ନେଟ୍ ରନ୍ ରେଟ୍ ପ୍ରଭାବିତ ହେବ। ଏହି ମାମଲାରେ ପାକିସ୍ତାନ କ୍ରିକେଟ୍ ବୋର୍ଡର ନିରବତା ସମଗ୍ର ଘଟଣାକୁ ରହସ୍ୟାବୃତ କରିଛି।

ସେପଟେ ପାକିସ୍ତାନ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଭାରତ ବିପକ୍ଷରେ ଖେଳିବ ନାହିଁ ବୋଲି ନିଷ୍ପତ୍ତି ନେବା ପରେ ସବୁ ନଜର ଏବେ ଆଇସିସି ଉପରେ ରହିଛି। ଆଇସିସି ଏହି ମାମଲାରେ କ'ଣ ନିଷ୍ପତ୍ତି ନେଉଛି? କିଭଳି ଆଭିମୁଖ୍ୟ ଗ୍ରହଣ କରୁଛି? ତାହା ଏବେ କ୍ରିକେଟ୍ ଜଗତରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବତନ କ୍ରିକେଟର୍‌ମାନେ କିନ୍ତୁ ପାକିସ୍ତାନ ଦଳର ଏହି ନିଷ୍ପତ୍ତିକୁ ପସନ୍ଦ କରିନାହାନ୍ତି। କ୍ରିକେଟ୍‌ପ୍ରେମୀ ଏହି ହାଇଭୋଲ୍‌ଟେଜ୍ ମ୍ୟାଚ୍ ଦେଖିବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ପାକିସ୍ତାନ ସରକାର ଏଭଳି ଏକ ନିଷ୍ପତ୍ତି ନେଇ କୌଣସି ଆନୁଷ୍ଠାନିକ ମନ୍ତବ୍ୟ ଜାରି କରି ନଥିଲେ ମଧ୍ୟ ବାଂଲାଦେଶକୁ ନୈତିକ ସମର୍ଥନ ଦେଇ ଏଭଳି ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି। ଏହା କରି ପାକିସ୍ତାନ ସରକାର ଉଭୟ ଆଇସିସି ଓ ବିସିସିଆଇକୁ ଅଡୁଆରେ ପକାଇବାକୁ ଯୋଜନା କରିଛନ୍ତି। ରବିବାର ପ୍ରକାଶ କରିଥିବା ବିବୃତିରେ ପାକିସ୍ତାନ ସରକାର କହିଛନ୍ତି ଯେ ପାକିସ୍ତାନ ସରକାର ପାକିସ୍ତାନ କ୍ରିକେଟ୍ ଦଳକୁ 'ଆଇସିସି ଟ୍ୱେଣ୍ଟି-୨୦ ବିଶ୍ୱକପ୍ ୨୦୨୬' ଖେଳିବାକୁ ମଞ୍ଜୁରି ପ୍ରଦାନ କରୁଛନ୍ତି। ତେବେ ପାକିସ୍ତାନ କ୍ରିକେଟ୍ ଦଳ ଫେବ୍ରୁଆରି ୧୫ରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ମ୍ୟାଚ୍ ଲାଗି ପଡ଼ିଆକୁ ଓହ୍ଲାଇବ ନାହିଁ।

ସୂଚନାଯୋଗ୍ୟ, ୨୦ ଦଳକୁ ନେଇ ଖେଳାଯିବାକୁ ଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଭାରତ, ନାମିବ୍ୟା, ନେଦରଲାଣ୍ଡ୍‌ସ ଓ ଆମେରିକା ସହ ଗ୍ରୁପ୍-ଏ'ରେ ରହିଛି। ପୂର୍ବରୁ ପିସିବି ନିରପେକ୍ଷ ସ୍ଥାନରେ ମ୍ୟାଚ୍ ଖେଳିବା ଜିଦ୍‌ରେ ଅଟଳ ରହିବା ପରେ ଆଇସିସି ପାକିସ୍ତାନର ସବୁ ମ୍ୟାଚ୍ ଶ୍ରୀଲଙ୍କାରେ ରଖିଥିଲା। ପାକିସ୍ତାନ ତା'ର ପ୍ରଥମ ମ୍ୟାଚ୍ ଉଦ୍‌ଘାଟନୀ ଦିବସ ଅର୍ଥାତ୍ ଫେବ୍ରୁଆରି ୭ରେ ନେଦରଲାଣ୍ଡ୍‌ସ ବିପକ୍ଷରେ ଖେଳିବ। ଏହା ପରେ ୧୦ ତାରିଖରେ ଆମେରିକାକୁ ଭେଟିବ। ୧୫ ତାରିଖର ମ୍ୟାଚ୍ ବାଦ୍ ୧୮ ତାରିଖରେ ନାମିବ୍ୟାର ମୁକାବିଲା କରିବ।



ପୋଙ୍ଗଲର ଶୁଭ ଅବସରରେ ପୁରୀରେ ବସବାସ କରୁଥିବା ତେଲୁଗୁ ସମାଜଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ କ୍ରିକେଟ୍ ଷ୍ଟାଡିଅମରେ ଆୟୋଜିତ କ୍ରିକେଟ୍ ଟୁର୍ନାମେଣ୍ଟର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ ସାଂସଦ ସମ୍ବିତ ପାତ୍ର , ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ ଓ ପୂର୍ବତନ ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର

# ରିବାକିନାଙ୍କୁ ପ୍ରଥମ ଅଷ୍ଟ୍ରେଲିଆନ୍ ଓପନ୍ ଟ୍ରଫି

ମେଲବର୍ଣ୍ଣ: ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲ୍ ଇତିହାସର ଅନ୍ୟତମ ନାଟକୀୟ ପ୍ରତ୍ୟାବର୍ତ୍ତନ ଦେଖିବାକୁ ମିଳିଛି। ନିର୍ଣ୍ଣାୟକ ତୃତୀୟ ସେଟ୍‌ରେ ୦-୩ରେ ପଛୁଆ ରହିବା ସତ୍ତ୍ୱେ ବିଶ୍ୱମାନ୍ୟତାର ପ୍ରଥମ ସ୍ଥାନରେ ଥିବା ଆରିନା ସାବାଲେଙ୍କାଙ୍କୁ ଉତ୍କଣ୍ଠାପୂର୍ଣ୍ଣ ଭାବେ ୬-୪, ୪-୬, ୬-୪ ସେଟ୍‌ରେ ହରାଇ କାଜାଖସ୍ତାନର ଏଲିନା ରିବାକିନା ମହିଳା ଏକକ ଟ୍ରଫି ଜିତି ନେଇଛନ୍ତି। ଏହା ରିବାକିନାଙ୍କ ଘଟଣା ବହୁଳ ପେସାଦାର ଟେନିସ୍ କ୍ୟାରିୟର୍‌ର ପ୍ରଥମ ଅଷ୍ଟ୍ରେଲିଆନ୍ ଓପନ୍ ଟ୍ରଫି। ତା' ସହିତ ୩ବର୍ଷ ତଳେ ସାବାଲେଙ୍କାଙ୍କଠାରୁ ଉପବିଜେତାରେ ସନ୍ତୁଷ୍ଟ ରହିବାର ପ୍ରତିଶୋଧ ମଧ୍ୟ ନେଇଛନ୍ତି ସେ। ଶନିବାରର ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ଉଭୟ ଖେଳାଳି ଗୋଟିଏ ଲେଖାଏଁ ସେଟ୍ ଜିତି ବରାବର ସ୍ଥିତିରେ ରହିଥିଲେ। ତୃତୀୟ ସେଟ୍‌ରେ ସାବାଲେଙ୍କା ୩-୦ରେ ଆଗୁଆ ହୋଇ ତୃତୀୟ ଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ୍ ଜିତିବା ଦିଗରେ ଦ୍ରୁତ ଗତିରେ ଅଗ୍ରସର ହେଉଥିଲେ। ହେଲେ ପଞ୍ଚମ ସିଡ୍ ରିବାକିନା ଅପୂର୍ବ ଏକାଗ୍ରତା ଓ ଅସାଧାରଣ ସାହସର ପରିଚୟ ଦେଇ ୨ ପଏଣ୍ଟ ବ୍ୟବଧାନରେ ଏହକୁ ଜିତି ନେଇ ମ୍ୟାଚ୍ ଓ କ୍ୟାରିୟର୍‌ର ଦ୍ୱିତୀୟ ଗ୍ରାଣ୍ଡ ସ୍ଲାମ୍ କବ୍‌ଜା କରି ନେଇଥିଲେ। ଶେଷ ଥର ପାଇଁ ସେ ୨୦୨୨ ମସିହାରେ ୱିମ୍ବଲଡନ୍ ଓପନ୍ ଜିତି ନିଜ ଜୀବନର ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ହାସଲ କରିଥିଲେ। ଅନ୍ୟପକ୍ଷରେ ୨୦୨୩ ଓ ୨୦୨୪ରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିବା ବେଲାରୁଷ ଲଳନା ସାବାଲେଙ୍କା ମ୍ୟାଚ୍ ଶେଷ ଆଡ଼କୁ ଫର୍ମ ହରାଇ ତୃତୀୟ ଥର ଲାଗି ଏଠାରେ



ବିଜେତା ହେବାରୁ ବଞ୍ଚିତ ହୋଇଥିଲେ। ରବିବାର ପୁରୁଷ ଏକକ ଫାଇନାଲ୍‌ରେ ରେକର୍ଡ ୨୫ତମ ଗ୍ରାଣ୍ଡ ସ୍ଲାମ୍ ବିଜୟ ଲକ୍ଷ୍ୟରେ ଥିବା ସର୍ବିୟାର ମହାନ ତାରକା ନୋଭାକ ଜୋକୋଭିକ ଟପ୍ ସିଡ୍ ସ୍ପେନ୍‌ର କାଲୋସ୍ ଆଲ୍‌କାରାଜଙ୍କୁ ଭେଟିବେ। ଏହି ମହାଲେଢ଼ଇ ଉପରେ ପୂରା ଟେନିସ୍ ଜଗତର ନଜର ରହିବ।

# ପୁରୀ ଜିଲ୍ଲା ସ୍ତରୀୟ ବନାଟି ପ୍ରତିଯୋଗିତା

**ପୁରୀ:** ପୁରୀ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ବନାଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଓ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ପରାମର୍ଶ କ୍ରମେ ସ୍ଥାନୀୟ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ବନାଟି ସାଧାରଣ ଘୂର୍ଣ୍ଣନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ବାଳିକା ସ୍ତରରେ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର କବିତା ମହାନ୍ତି (ପ୍ରଥମ), ଏଲ ବର୍ଷା ବେହେରା (ଦ୍ୱିତୀୟ) ଏବଂ ରିୟା ଦେ (ତୃତୀୟ) ସ୍ଥାନ ଅଧିକାର କରିଛନ୍ତି । ସେହିପରି ବାଳକ ବିଭାଗରେ ସାରସ୍ୱତ ବିଦ୍ୟାନିକେତନର ତ୍ରିବିକ୍ରମ ପଣ୍ଡା (ପ୍ରଥମ)



ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ପାପାଇ ଶାହା ( ଦ୍ୱିତୀୟ) ଏବଂ ସମ୍ରାଟ ଦେବନାଥ (ତୃତୀୟ) ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାକୁ ଶ୍ରୀଜଗନ୍ନାଥ ସମର କଳା ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ତରଫରୁ ବିଚାରକ ଭାବେ ବନାଟି ଆଚାର୍ଯ୍ୟ ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ, ବନାଟି ବିଶାରଦ ଜଗନ୍ନାଥ ସୁଆର, ସାମ୍ବାଦିକ କୈଳାଶ ଚନ୍ଦ୍ର ପଣ୍ଡା, ଶିକ୍ଷକ ଧର୍ମେନ୍ଦ୍ର ହାଁସଦା, କ୍ରୀଡା ଶିକ୍ଷକ ରବୀନ୍ଦ୍ର ବେହେରା ଏବଂ ପିଣ୍ଟୁ ଜେନା ପ୍ରମୁଖ ବିଚାରକ ରୂପେ କାର୍ଯ୍ୟ ତୁଲାଇ ଥିଲେ । ଏଥି ସହିତ ଦୀର୍ଘ ୨୪ ମିନଟ ଧରି ବନାଟି କ୍ରୀଡା ପ୍ରଦର୍ଶନ କରିଥିବା କୃତି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ଉଦେଶ୍ୟ ରେ ପ୍ରତିଯୋଗିତା ସ୍ଥଳରେ ଉପସ୍ଥିତ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଚରିତା ପ୍ରତିହାରୀଙ୍କ ଦ୍ୱାରା ୨ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯିବା ସହ ପ୍ରତିଯୋଗିତାକୁ ଉତ୍ସାହିତ କରୁଥିବା ଛାତ୍ର ଛାତ୍ରୀଙ୍କୁ ବିସ୍କୁଟ ବଣ୍ଟନ କରାଯାଇଥିଲା। ସୂଚନା ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉପସ୍ଥିତ ଥିଲେ।

# ଧୋନି ନେଟ୍ସକୁ ଫେରିଲେ

ରାଞ୍ଚି: କ୍ୟାପ୍‌ଟେନ୍ କୁଲ୍ ମହେନ୍ଦ୍ର ସିଂହ ଧୋନି ପୁଣି ଥରେ କ୍ରିକେଟ୍ ପଡ଼ିଆକୁ ଫେରିଛନ୍ତି। ଆଇପିଏଲ୍‌ର ନୂଆ ଋତୁ ଲାଗି ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି ସେ। ମାହି ନେଟ୍ସରେ ଅଭ୍ୟାସ କରିବା ଲାଗି ପ୍ୟାଡ୍ ପିନ୍ଧୁଥିବାର ଭିଡିଓ ନିଜ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ପ୍ରକାଶ କରି ଝାଡ଼ଖଣ୍ଡ କ୍ରିକେଟ୍ ସଂଘ (ଜେଏସ୍‌ସିଏ) ଏହି ସୂଚନା ଦେଇଛି। ଭିଡିଓ ତଳେ କ୍ୟାପସନ୍ ରହିଛି, ଦେଖନ୍ତୁ କିଏ ଫେରିଲାଣି। ପ୍ରକାଶଯୋଗ୍ୟ ଯେ ଗତ ଜୁଲାଇ ମାସରେ ୪୫ବର୍ଷ ବୟସରେ ଉପନୀତ ହୋଇଥିବା ଧୋନି ଆଗାମୀ ମାର୍ଚ୍ଚରେ ନିଜ ଖେଳ ଜୀବନର ୧୯ତମ ଆଇପିଏଲ୍ ଋତୁ ଖେଳିବେ।

# ପ୍ରଦର୍ଶନୀ କ୍ରିକେଟ ମ୍ୟାଚରେ ଜିଲ୍ଲା ପ୍ରଶାସନ ବିଜୟୀ

**ପୁରୀ:** ପୁରୀ ଜିଲ୍ଲା ସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ଅବସରର ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଗଣମାଧ୍ୟମ ଏକାଦଶ ୮ ୱିକେଟ ହରାଇ ୭୧ ରନ କରିଥିବା ବେଳେ ପ୍ରଶାସନ ଏକାଦଶ ୩ ୱିକେଟ ହରାଇ ୭୨ ରନ କରି ବିଜୟୀ ହୋଇଥିଲା। ପ୍ରଶାସନ ଏକାଦଶର ଅଧିନାୟକ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ୨୨ ରନ କରି ବିଜୟର ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରଶାସନ ଏକାଦଶର ସୁକାନ୍ତ ପ୍ରଧାନ ୪୨ ରନ କରି ଶ୍ରେଷ୍ଠ ବ୍ୟାଟସ ମ୍ୟାନ ଓ ପ୍ରଶାସନ ଏକାଦଶ ପକ୍ଷରୁ ଲକ୍ଷ୍ମୀଧର ଦାସ ୧୨ ରନ ଦେଇ ୩ ଟି ଉଇକେଟ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଶ୍ରୀ ଭୋଇ



ବିଜେତା ଟ୍ରଫି ଓ ଗଣମାଧ୍ୟମ ଏକାଦଶ ପକ୍ଷରୁ ଅକ୍ଷୟ ମିଶ୍ର ରନର୍ସ ଅପ ଟ୍ରଫି ଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ଉପଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ,କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଅନ୍ୟାନ୍ୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଆଲ୍‌କାରାଜ୍‌ଙ୍କୁ ପ୍ରଥମ ଅଷ୍ଟ୍ରେଲିଆନ୍ ଓପନ୍

ମେଲବର୍ଣ୍ଣ: ମହିଳା ଭଳି ପୁରୁଷ ଏକକରେ ମଧ୍ୟ ଚଳିତବର୍ଷ ଅଷ୍ଟ୍ରେଲିଆନ୍ ଓପନ୍‌କୁ ନୂଆ ବିଜେତା ମିଳିଛି। ରବିବାର ଟପ୍ ସିଡ୍ ତଥା ସ୍ପେନୀୟ ତାରକା କାର୍ଲୋସ୍ ଆଲ୍‌କାରାଜ୍ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ୍ ଟ୍ରଫି ବିଜୟକୁ ପିଛା କରୁଥିବା ସର୍ବିୟାର ନୋଭାକ ଜୋକୋଭିକଙ୍କୁ ୨-୬, ୬-୨, ୬-୩, ୭-୫ରେ ହରାଇ ପ୍ରଥମ ଥର ଲାଗି ଏହି ସମ୍ମାନଜନକ ଟେନିସ୍ ପ୍ରତିଯୋଗିତାରେ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି। ସେ ମଧ୍ୟ ସମସ୍ତ ଚାରିଟି ଯାକ ଗ୍ରାଣ୍ଡସ୍ଲାମ୍ ଯଥା ଅଷ୍ଟ୍ରେଲିଆନ୍ ଓପନ୍, ଫ୍ରେଞ୍ଚ୍ ଓପନ୍, ୱିମ୍ବଲଡନ୍ ଓପନ୍ ଓ ୟୁଏସ୍ ଓପନ୍ ଜିତି କ୍ୟାରିୟର୍ ସ୍ଲାମ୍ ହାସଲ କରିବାରେ ବିଶ୍ୱର ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ଏହି କ୍ଷେତ୍ରରେ ୨୨ବର୍ଷୀୟ ଆଲ୍‌କାରାଜ ପାଖାପାଖି ୮୮ବର୍ଷ ଧରି ଆମେରିକାର ଡନ୍ ବଜ୍‌ଙ୍କ ନାମରେ ଥିବା ଏହି ରେକର୍ଡ ଭାଙ୍ଗି ଦେଇଛନ୍ତି। ଡନ୍ ୧୯୩୮ ମସିହାରେ ନିଜ ୨୩ତମ ଜନ୍ମଦିବସର ମାତ୍ର ଦୁଇ ଦିନ ପୂର୍ବରୁ ଫ୍ରେଞ୍ଚ୍ ଓପନ୍ ଜିତି କ୍ୟାରିୟର୍ ସ୍ଲାମ୍ ହାସଲ କରିଥିଲେ। ଏହା ପୂର୍ବରୁ ସେ ଅନ୍ୟ ତିନିଟି ଗ୍ରାଣ୍ଡସ୍ଲାମ୍ ଜିତି ସାରିଥିଲେ।



ଅନ୍ୟପକ୍ଷରେ ପ୍ରଥମ ସେଟ୍ ଜିତିବା ସତ୍ତ୍ୱେ ପରବର୍ତ୍ତୀ ତିନି ସେଟ୍‌କୁ ଲଗାତାର ହାରି ଜୋକୋଭିକ ନିଜ ପସନ୍ଦର ଗ୍ରାଣ୍ଡସ୍ଲାମ୍ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଏକାଦଶ ଥର ବିଜେତା ହେବାରୁ ବଞ୍ଚିତ ହୋଇଛନ୍ତି। ଜୋକୋଭିକଙ୍କ ପରାଜୟ ସହ ଆଧୁନିକ ଟେନିସ୍‌ର ଦୁଇ ମହାନ ଖେଳାଳି ରୋଜର ଫେଡେରର୍, ରାଫେଲ ନାଦାଲଙ୍କ ସହ ଜୋକୋଭିକଙ୍କ ଯୁଗ ମଧ୍ୟ ଶେଷ ହେବାର ଦ୍ୱାର ଦେଶରେ ପହଞ୍ଚି ସାରିଥିବାର ଆଲୋଚନା ଆରମ୍ଭ ହୋଇଛି। ଫେଡେରର୍ ଓ ନାଦାଲ ପୂର୍ବରୁ ପେସାଦାର ଟେନିସ୍‌ର ଅବସର ନେଇ ସାରିଛନ୍ତି। ଜୋକୋଭିକ୍ ମଧ୍ୟ ଖୁବ୍‌ଶୀଘ୍ର ସନ୍ନ୍ୟାସ ନେଇଯିବେ ବୋଲି ଆକଳନ କରାଯାଉଛି। ୨୦୨୩ ମସିହାରେ ୟୁଏସ୍ ଓପନ୍ ଜିତି ଅଷ୍ଟ୍ରେଲିଆର କିଂବଦନ୍ତି ମହିଳା ଟେନିସ୍ ତାରକା ମାର୍ଗାରେଟ୍ କୋର୍ଟଙ୍କ ୨୪ ଗ୍ରାଣ୍ଡସ୍ଲାମ୍ ବିଜୟର ସମକକ୍ଷ ହୋଇଥିଲେ ଜୋକୋଭିକ୍। ସେବେଠାରୁ ତିନିଟି ଫାଇନାଲ୍‌ରେ ଆଲ୍‌କାରାଜ୍‌ଙ୍କ ସହ ମୁହାଁମୁହିଁ ହୋଇ ପ୍ରତିଥର ସେ ପରାଜିତ ହୋଇଛନ୍ତି। ଫଳରେ ୩ବର୍ଷ ହେବ ୨୫ତମ ଗ୍ରାଣ୍ଡସ୍ଲାମ୍ ବିଜୟରୁ ବଞ୍ଚିତ ହୋଇସାରିଛନ୍ତି ସେ।

# ପୁରୀରେ ପ୍ରଥମ ପାରା ଆଥଲେଟିକ୍ସ ଚମ୍ପିୟାନସିପ ଅନୁଷ୍ଠିତ





ପୁରୀ: ଆଜି ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ପ୍ରଥମ ପାରା ଆଥଲେଟିକ୍ସ ଚମ୍ପିୟାନସିପର ଆୟୋଜନ କରାଯାଇଥିଲା। ଏହାକୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଉଦଘାଟନ କରିଥିଲେ। ସେ କହିଥିଲେ ଦିବ୍ୟାଙ୍ଗ ମାନେ ଆମ ସମାଜର ଏକ ଅଙ୍ଗ। ସେମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଭରି ରହିଛି। ସେହି ପ୍ରତିଭାର ବିକାଶ ସମାଜ ପାଇଁ ସମ୍ବଳ ସୃଷ୍ଟି କରି ପାରିବ। ପ୍ରଥମ ଥର ପାଇଁ ପୁରୀରେ ପାରା ଆଥଲେଟିକ ର ଆୟୋଜନ ଏକ ସୁନ୍ଦର ପଦକ୍ଷେପ। ଏହି ଆଥଲେଟ ମାନଙ୍କୁ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ପୁରୀ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡା ସଂସଦର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗଙ୍କ ପ୍ରତିଭା, ସେମାନଙ୍କ ପ୍ରତି ରହିଥିବା ସରକାରୀ ବ୍ୟବସ୍ଥା, କ୍ରୀଡା କ୍ଷେତ୍ରରେ ସେମାନଙ୍କୁ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ପାରା ଆଥଲେଟିକ୍ସର ରାଜ୍ୟ ସଭାପତି କମଳାକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଜଲକ୍ଷ୍ମୀ ରାୟ, ପାରା ଆଥଲେଟ ଇଣ୍ଡିଆର କୋଷାଧ୍ୟକ୍ଷ ସୁନିଲ କୁମାର ପରିଡା, ପ୍ରଶିକ୍ଷକ ବିଷ୍ଣୁ ପ୍ରସାଦ ମିଶ୍ର, ପାରା କ୍ରୀଡାବିତ ଜୟନ୍ତୀ ବେହେରା, ମାର୍କଣ୍ଡ ରେଡ଼ି, କମଳାକାନ୍ତ ନାୟକ ପ୍ରମୁଖ ଯୋଗ ଦେଇ ଥିଲେ।

# ସେବାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ପୁରୀ: ଚଳିତ ବର୍ଷର ଶ୍ରୀମନ୍ଦିର ଟ୍ରଫି ସେବାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଶୁଭାରମ୍ଭ ହୋଇଛି। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଓ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏହାକୁ ଉଦଘାଟନ କରିବା ସହ ପାରସ୍ପରିକ ସଦଭାବନା, ସହଯୋଗ ଓ ଭାଇଚାରା ଏହା ଦ୍ୱାରା ବୃଦ୍ଧି ପାଇବ ବୋଲି କହିଥିଲେ। ଏଥିରେ ଅଂଶ ଗ୍ରହଣ କରୁଥିବା ସର୍ବମୋଟ



୨୨ଟି ଦଳକୁ ୮ ଟି ଭାଗରେ ବିଭକ୍ତ କରାଯାଇଛି। ୮ ଦିନ ଧରି ଚାଲିବାକୁ ଥିବା ଏହି ଦିବା ରାତ୍ର ଟୁର୍ଣ୍ଣାମେଣ୍ଟରେ ୨୮ ଟି ମ୍ୟାଚ ଖେଳାଯିବ। ଏଥିରେ ମୋଟ ୩୫୨ ଜଣ ଖେଳାଳୀ ଅଂଶ ଗ୍ରହଣ କରୁଛନ୍ତି। ଗୃପ 'ଏ' ରେ ସୁଆର ମହାସୁଆର ନିଯୋଗ, ହଡପ ନାୟକ ନିଯୋଗ ଓ ଦୟଣାମାଳି ସେବା ନିଯୋଗ, ଗୃପ 'ବି' ରେ ଦର୍ପଣିଆ ନିଯୋଗ, ବଡୁସୁଆର ନିଯୋଗ, ସାବୁତ ନିଯୋଗ, ଗୃପ 'ସି' ରେ ବିମାନ ବଡୁ ନିଯୋଗ, ପାଳିଆ ମେକାପ ନିଯୋଗ, ଚୁନରା ଗରୁଡ ନିଯୋଗ,ଗୃପ 'ଡି' ରେ ମୁଦୁଲି ନିଯୋଗ, କୋଠଭୋଗ ପାଣିଆ ନିଯୋଗ, ପ୍ରତିହାରୀ ନିଯୋଗ, ଗୃପ 'ଇ' ରେ ପାଟରା ବିଶୋଇ ନିଯୋଗ, ଖୁଣ୍ଟିଆ ନିଯୋଗ, ସୁଆର ବଡୁ -ପତ୍ରିବଡୁ ନିଯୋଗ, ଗୃପ 'ଏଫ' ରେ ଦଇତାପତି ନିଯୋଗ, ଶୁଦ୍ଧ ସୁଆର ନିଯୋଗ, ପୂଜା ପଣ୍ଡା ନିଯୋଗ, ଗୃପ 'ଜି' ରେ ବଲ୍ଲଭ ଯୋଗାଣିଆ ନିଯୋଗ, ପୁଷ୍ପାଳକ ନିଯୋଗ, ଗୃପ 'ଏଚ' ରେ ଗରାବଡୁ ନିଯୋଗ ଓ ପୁରୀ ଘଂଟୁଆ ନିଯୋଗ ରହିଛନ୍ତି। ପ୍ରଥମ ମ୍ୟାଚ ସୁଆର ମହାସୁଆର ନିଯୋଗ ଓ ହଡପ ନାୟକ ନିଯୋଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁଆର ମହାସୁଆର ନିଯୋଗ ବିଜୟୀ ହୋଇଛି। ଏହି ଉଦଘାଟନ କାର୍ଯ୍ୟକ୍ରମରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଉପ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ବେହେରା,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,କ୍ରୀଡା ସଂସଦ ର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ,ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର,ଅନନ୍ତ ତିଆଡି, କେଦାର ନାଥ ଖୁଣ୍ଟିଆ, ମାଧବ ପୂଜାପଣ୍ଡା, ନାରାୟଣ ଗୋଛିକାର ପ୍ରମୁଖ ଉପସ୍ଥିତ ଥିଲେ।





ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ପୁରୁଷ ହକି ଇଣ୍ଡିଆ ଲିଗ ସପ୍ତମ ସଂସ୍କରଣର ଫାଇନାଲ୍ ମୁକାବିଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ ,ଉଚ୍ଚଶିକ୍ଷା,କ୍ରୀଡ଼ା ଓ ଯୁବ କଲ୍ୟାଣ ତଥା ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ


Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty